


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ଯା ଦେବୀ ସର୍ବଭୂତେଷୁ............


ବାଲେଶ୍ୱର ■ ବୁଧବାର ୨ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 2 SEPTEMBER 2020
Vol.No. 30 ■ No. 222 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj




2nd Admission is going on
SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


## ଭୁବନେଶ୍ୱରରୁ ଆଉ ୩୦୭ କରୋନା ପଜିଟିଭ୍

ଭୁବନେଶ୍ୱର,୧।୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଅଂଚଳରୁ ମଙ୍ଗଳବାର ଦିନ ଆଉ ୩୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ହୋଇଥିବା ୩୦୭ଟି ମାମଲା ମଧ୍ୟରୁ ୧୩୫ଟି କ୍ୱାରାଂଟାଇନ ମାମଲା ହୋଇଥିବା ବେଳେ ୧୭୨ଜଣ ସ୍ଥାନୀୟ ସଂକ୍ରମିତ। ଏହାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୭୩୨ ଛୁଇଁଛି । ଏହା ମଧ୍ୟରୁ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୪୦୪୩ ରହିଛି । ସେହିପରି ମଙ୍ଗଳବାରଦିନ ୩୦୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାଯାଇଛି । ଏହା ସହିତ ଭୁବନେଶ୍ୱରରେ ମୋଟ ସୁସ୍ଥସଂଖ୍ୟା ୬୬୩୫ରେ ପହଂଚିଥିବା ବେଳେ ମୃତ୍ୟୁସଂଖ୍ୟା ୪୨ରହିଛି ବୋଲି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି । ମଙ୍ଗଳବାର ଚିହ୍ନଟ ୧୩୫ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ଓୟୁଏଟି କଲୋନିରୁ ସର୍ବାଧିକ ୨୦ ଜଣ ରହିଛନ୍ତି।

# ୫୦୦ ଟପିଲା ଓଡ଼ିଶାର କୋଭିଡ଼ ମୃତ୍ୟୁ ସଂଖ୍ୟା

## ଆଜି ରାଜ୍ୟରେ ଆଖି ବୁଜିଲେ ୧୧ କରୋନା ଆକ୍ରାନ୍ତ




ଭୁବନେଶ୍ୱର,୧।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୦୩ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା, ମୟୁରଭଂଜ ଓ ପୁରୀ ଜିଲ୍ଲାରୁ ୨-୨ ଜଣ ଜଣ ହୋଇଥିବା ବେଳେ ଗଂଜାମ. କଟକ, ଜଗତସିଂହପୁର, କନ୍ଧମାଳ ଓ ରାୟଗଡା ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାର ଜଣେ ୭୪ ବର୍ଷୀୟା କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ଗଂଜାମ ଜିଲ୍ଲା ଜଣେ ୬୦ ବର୍ଷୀୟା କରୋନା ସଂକ୍ରମିତ ପୁରୁଷଙ୍କର ମୃତ୍ୟୁ ଘଟିଛି । ସେ ଅନିୟନ୍ତ୍ରିତ ମଧୁମେହ ରୋଗରେ ପୀଡିତ ଥିଲେ। ଜଗତସିଂହପୁର ଜିଲ୍ଲାର ଜଣେ ୩୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ କ୍ରନିକ କିଡନି ରୋଗରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଜଣେ ୪୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୭୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଖୋର୍ଦ୍ଧା ଜିଲ୍ଲାର ଜଣେ ୫୫ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଡାଇବେଟିସ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୮୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୬୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତ ଙ୍କର ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୪୦ ବର୍ଷୀୟ ପୁରଷଙ୍କର ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୮୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ରାୟଗଡା ଜିଲ୍ଲାର ଜଣେ ୮୫ ବର୍ଷୀୟ ପୁରୁଷ ମୃତ୍ୟୁ ବରଣ କରିଛନ୍ତି । ରାୟଗଡା ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।

## ଘୂର୍ଣ୍ଣିବଳୟ ପ୍ରଭାବରେ ଆହୁରି ୪୮ ଘଂଟା ବର୍ଷା ସମ୍ଭାବନା



ଭୁବନେଶ୍ୱର,୧।୯ (ନି.ପ୍ର): ପଶ୍ଚିମବଙ୍ଗ ଏବଂ ଏହାର ନିକଟବର୍ତ୍ତୀ ଅଂଚଳ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟର ପ୍ରାୟ ଅଧିକାଂଶ ଜିଲ୍ଲାରେ ଆସନ୍ତା ୪୮ ଘଂଟା ମଧରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ଅନୁଗୁଳ ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଢ଼େଙ୍କାନାଳ, ଗଜପତି, ସମ୍ବଲପୁର ଏବଂ ବରଗଡ଼ ଜିଲ୍ଲାରେ ମଧ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଅଗଷ୍ଟ ୩ ତାରିଖ ଅପରାହ୍ନ ସୁଦ୍ଧା ଓଡିଶାର ଜିଲ୍ଲାମାନଙ୍କର ଅନେକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି । ଏହି ସମୟ ମଧ୍ୟରେ ସୋନପୁର, ▶▶ପୃଷ୍ଠା ୭

## ଭର୍ଚୁଆଲ କ୍ୟାବିନେଟ୍ ବୈଠକରେ ସ୍ୱର୍ଗତ ମୁଖାର୍ଜୀଙ୍କ ସ୍ମୃତିଚାରଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧।୯ (ନି.ପ୍ର): କେନ୍ଦ୍ର କ୍ୟାବନେଟ୍ ଭର୍ଚୁଆଲ ବୈଠକ ଅବସରରେ ଆଜି ଭାରତ ରତ୍ନ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ କ୍ୟାବିନେଟ ମନ୍ତ୍ରୀଗଣଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଓ ବୈଠକରେ ସାମିଲ ସମସ୍ତେ ସ୍ୱର୍ଗତ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିବା ସହ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ପ୍ରଣବ ଦା' ଜଣେ ଉଚ୍ଚକୋଟୀର ବ୍ୟକ୍ତିତ୍ୱ, ଆଗାଧ୍ୟ ପାଣ୍ଡିତ୍ୟ ଥିଲେ । ଶିକ୍ଷାଗତ ଜୀବନରେ ତାଙ୍କର କୃତିତ୍ୱ ଅତ୍ୟନ୍ତ ଚମତ୍କାର ଥିଲା । ଜ୍ଞାନର ଭଣ୍ଡାର ପ୍ରଣବ ଦା' ସଂସ୍କୃତ ଶ୍ଳୋକରେ ପାଠ କରିବା ସହ ସାମାନ ଭାବରେ ସଂସଦୀୟ କାର୍ଯ୍ୟରେ ବିଚାରବିମର୍ଷ କରିବାର କ୍ଷମତା ରଖୁଥିଲେ । ପ୍ରଣବ ଦା' ଅନେକଙ୍କ ମଧ୍ୟରେ ଅଲିଭା ଛାପ ଛାଡି ଚାଲିଯାଇଛନ୍ତି । ସେ କୌଣସି ବିଷୟରୁ ଦୂରେଇ ଯାଉନଥିଲେ ଏବଂ ସମସ୍ତଙ୍କ ସହ ନିଜର ଖୁସି ବାଂଟୁଥିଲେ । ଏହାସହ ସେ ତାଙ୍କର ସହକର୍ମୀ, କିମ୍ୱା ତାଙ୍କ ଠାରୁ ସାନ ଓ ସାମ୍ବାଦିକଙ୍କ ପ୍ରଶ୍ନ ପାଇଁ ସେ ସର୍ବଦା ପ୍ରସ୍ତୁତ ରହୁଥିଲେ । ସେ ରାଜନୀତି କ୍ଷେତ୍ରରେ ଦଳ ବାହାରେ ମୋ ସମେତ ଅନେକଙ୍କ ପାଇଁ ଜଣେ ଅଭିଭାବକ ଓ ପିତା ସମାନ ଥିଲେ ଓ ଜଣେ ଭଲ ପରାମର୍ଶଦାତା ମଧ୍ୟ ଥିଲେ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ମୁଁ ଯେତେବେଳେ ତାଙ୍କ ସହ ଭେଟିବାର ସୁଯୋଗ ପାଏ ପ୍ରତ୍ୟେକ ସମୟରେ ସେ ପ୍ରଣବ ଦା'ଙ୍କ ବୌଦ୍ଧିକ ଜ୍ଞାନ, ଭଲ ପାଇବା, କାମ କରିବାର ଉଷ୍ମତା ତାଙ୍କୁ ଭିନ୍ନ ଅନୁଭବ ଦିଏ । ତାଙ୍କର ବିଚାରଧାରା ଓ ଚିନ୍ତାଧାରା ଆମ ସମସ୍ତଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମାର୍ଗଦର୍ଶନ ଦେବ ଓ ତାଙ୍କର ସ୍ମୃତି ଚିରସ୍ମରଣୀୟ ହୋଇ ରହିବ ଶ୍ରୀ ପ୍ରଧାନ କହିଛନ୍ତି ।

## ଜେଇଇ ମେନ୍ ପରୀକ୍ଷା ଆରମ୍ଭ



ଭୁବନେଶ୍ୱର,୧।୯ (ନି.ପ୍ର): ଜେଇଇ ପରୀକ୍ଷା କରାଇବାକୁ ନେଇ ବିରୋଧ ଓ ବାଦ ବିବାଦ ପରେ ସମ୍ପୂର୍ଣ୍ଣ କରୋନା କଟକଣା ମଧ୍ୟରେ ମଙ୍ଗଳବାରଠାରୁ ସାରା ଦେଶରେ ଜେଇଇ ମେନ୍ ଅନୁଷ୍ଠିତ ହୋଇଛି । ଆଗାମୀ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ସାରା ଦେଶରେ ୬୬୦ ପରୀକ୍ଷା କେନ୍ଦ୍ର ହୋଇଛି ଏବଂ ୯ଲକ୍ଷ ୫୩ହଜାର ୪୭୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । କରୋନା କାରଣରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତଥର ▶▶ପୃଷ୍ଠା ୭

### ପୁରୀ ବଗଲା ଧର୍ମଶାଳା ଜମି ବିକ୍ରି ପ୍ରସଙ୍ଗ

## ମିଥ୍ୟା ଅଭିଯୋଗ କରି ଖସିଯିବାର ପ୍ରୟାସ କରୁଛନ୍ତି ରାଜ୍ୟ ସରକାର: ଡ.ସମ୍ବିତ୍ ପାତ୍ର



ଭୁବନେଶ୍ୱର,୧।୯ (ନି.ପ୍ର): କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ଆଇଟିଡିସି ତରଫରୁ ଟେଣ୍ଡର ଆହ୍ୱାନ କରାଯାଇ ପୁରୀ ବଗଲା ଧର୍ମଶାଳା ଜମି ଉପରେ ଜଗନ୍ନାଥ ବିଶ୍ରମସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଅନୁମତି ମଧ ପ୍ରଦାନ କରିଥିଲେ । ୫୦ କୋଟି ଟଙ୍କା ବ୍ୟୟ ଅନୁକୁଳରେ ଆରମ୍ଭ ହୋଇଥିବା ଏହି ନିର୍ମାଣ କାର୍ଯ୍ୟ ପାଇଁ ୩.୨୬ କୋଟି ଟଙ୍କା ଖର୍ଚ୍ଚ ମଧ ହୋଇସାରିଥିଲା । ମାତ୍ର ପ୍ରପର୍ଟି ଡିଲର ସାଜିଥିବା ରାଜ୍ୟ ସରକାର ହୀନ ଚକ୍ରାନ୍ତ କରି ଉକ୍ତ ଜମିକୁ ପ୍ଲଟିଂ କରି ବିକ୍ରି କରିଦେବାର ଅପପ୍ରୟାସ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃର୍ଭାଗ୍ୟଜନକ ବୋଲି ରାଷ୍ଟ୍ରୀୟ ପ୍ରବକ୍ତା ଡ.ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସଚିବ ଶ୍ରୀ ବିଶାଲ ଦେବ ଗତ ଜୁଲାଇ ମାସ ୧ ତାରିଖ ଦିନ ଆଇଟିଡିସିର ମୁଖ୍ୟଙ୍କୁ ପତ୍ର ଲେଖି କହିଥିଲେ ଯେ, ଗତ ୬ ବର୍ଷ ଧରି ଟେଣ୍ଡର କାର୍ଯ୍ୟରେ ବିଳମ୍ବ ହେବା କାରଣରୁ ବଗଲା ଧର୍ମଶାଳା ଜମି ଉପରେ ନିର୍ମିତ ହେବାକୁ ଥିବା ଶ୍ରୀ ଜଗନ୍ନାଥ ବିଶ୍ରାମ ସ୍ଥଳୀ ସହ ଅନ୍ୟ ୩ଟି ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିଦିଆଗଲା । ଯାହାକି ସଂପୂର୍ଣ୍ଣ ମିଥ୍ୟା ବୋଲି ଆଜି ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଡ.ପାତ୍ର ଅଭିଯୋଗ କରି କହିଛନ୍ତି । ଡ.ପାତ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ସଚିବଙ୍କ ଚିଠିର ଉତର ଆଇଟିଡିସି ତରଫରୁ ଜୁଲାଇ ୯ ତାରିଖ ଦିନ ପତ୍ର ମାଧମରେ ଦିଆଯାଇଛି । ସଚିବ କରିଥିବା ଅଭିଯୋଗ ସଂପୂର୍ଣ୍ଣ ଭିତିହୀନ ଓ ମିଥ୍ୟା । ପ୍ରସାଦ ଯୋଜନାରେ ରାଜ୍ୟ ସରକାର ପୁରୀ ଓ ଜଗନ୍ନାଥ ଧାମର ସୌନ୍ଦର୍ଯ୍ୟକରଣ ପାଇଁ ୨୬/୦୩/୨୦୧୫ ତାରିଖରେ ୫୦ କୋଟି ଟଙ୍କା ଖର୍ଚ୍ଚର ଏକ ପ୍ରସ୍ତାବ ଆଇଟିଡିସିକୁ ଦେଇଥିଲେ । ଆଇଟିଡିସି ଏହି ପ୍ରସ୍ତାବକୁ ତତ୍କ୍ଷଣାତ ▶▶ପୃଷ୍ଠା ୭

### ପୂର୍ଣ୍ଣମା ପରେ ସ୍ଥିତି ସୁଧୁରିବ : ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର,୧।୯ (ନି.ପ୍ର): ପୂର୍ଣ୍ଣମା ଯୋଗୁଁ ପାଣି ଟାଣୁନି ସମୁଦ୍ର । ଜଳ ନିଷ୍କାସନ ପାଇଁ ଆଉ ତିନିଦିନ ଲାଗିବ ବୋଲି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତମାନ ପ୍ରତି ସେକେଣ୍ଡରେ ହୀରକୁଦକୁ ୩ ଲକ୍ଷ ୫୯ ହଜାର ପ୍ରବେଶ କରୁଛି । ସେହିପରି ୨୪ ଗେଟ୍ ଦେଇ ୪ ଲକ୍ଷ ଘନଫୁଟ ନିଷ୍କାସିତ ହେଉଛି । ମୁଣ୍ଡଳିରେ ୯ ଲକ୍ଷ ୮୦ ହଜାର ଘନଫୁଟ ଜଳ ପ୍ରବାହିତ ହେଉଛି । ହୁରକୁଦରେ ଜଳ ସ୍ତର ୬୨୫.୭୯ ଫୁଟ ରହିଛି । ଏ ପର୍ଯ୍ୟନ୍ତ ରାଜ୍ୟରେ ୩୬ ଟି ଘାଇ ହୋଇଛି । ପୂର୍ଣ୍ଣମୀ ପରେ ପରିସ୍ଥିତିରେ ସୁଧାର ଆସିବ ।

## ରାଜ୍ୟରେ ବସ୍ ଚଳାଚଳ ସ୍ୱାଭାବିକ : ପରିବହନ ମନ୍ତ୍ରୀ



ଭୁବନେଶ୍ୱର,୧।୯ (ନି.ପ୍ର): ଆଜିଠୁ ରାଜ୍ୟରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି । ସେ କହିଛନ୍ତି ଯେ ବସ୍ ଚଳାଇବା ସମୟରେ କୋଭିଡ୍ ନିୟମ ମାନିବାକୁ କୁହାଯାଇଛି । ସିଟରେ କ୍ଷମତାଠାରୁ ଅଧିକ ଯାତ୍ରୀ ନେଇପାରିବେନି । ରାଜ୍ୟରେ କଟକଣା କୋହଳ ହୋଇଥିବାରୁ ଏବଂ ବସ ମାଲିକଙ୍କ ଟିକସ ଛାଡ଼ ସହ ଅନ୍ୟ ଦାବି ପୂରଣ କରାଯାଇଥିବାରୁ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି ବୋଲି ପରିବହନ ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ଉଲ୍ଲେଖଯୋଗ୍ୟ ମଙ୍ଗଳବାର ଠାରୁ ରାଜ୍ୟରେ ଅନଲକ ୪.୦ ଆରମ୍ଭ ହୋଇଛି । ନୂତନ ଗାଇଡ୍‌ଲାଇନ୍ ଅନୁଯାୟୀ ରାଜ୍ୟ ମଧ୍ୟରେ ଓ ରାଜ୍ୟ-ରାଜ୍ୟ ମଧ୍ୟରେ ସାଧାରଣ ପରିବହନ ଓ ମାଲ ପରିବହନ ନେଇ କୌଣସି କଟକଣା ରହିବ ନାହିଁ । ଏସବୁ ପାଇଁ କୌଣସି ସ୍ୱତନ୍ତ୍ର ପ୍ରକାରର ପାସ, ଇ-ପାସ ଆବଶ୍ୟକ ପଡ଼ିବ ନାହିଁ ।

## ୮ ଟି ରୁଟ୍‌ରେ ଚାଲିବ ମୋ ବସ୍



ଭୁବନେଶ୍ୱର,୧।୯ (ନି.ପ୍ର): ଆଜିଠାରୁ ଆଉ ୮ ଟି ରୁଟ୍‌ରେ ମୋ ବସ୍ ସପ୍ତାହର ପ୍ରତ୍ୟେକ ଦିନ ଚଳାଚଳ କରିବ । ଏହି ରୁଟ୍ ଗୁଡିକ ହେଲା ୧୧, ୧୬,୧୮,୨୦ ,୨୩,୨୪,୨୫ ଓ ୩୩ । କ୍ୟାପିଟାଲ ରିଜନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି । ତେବେ ମୋ ବସ୍ ରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀଙ୍କ ପାଇଁ ମାସ୍କ ବ୍ୟବହାର ବାଧ୍ୟତାମୂଳକ ରହିବ । ବସ୍‌ର ସିଟ୍ କ୍ଷମତା ଅନୁସାରେ ଯାତ୍ରୀ ମାନେ ଯିବେ । କୌଣସି ଯାତ୍ରୀ ଠିଆ ହୋଇ ଯାଇପାରିବେ ନାହିଁ ।

### ଆଉ ୨ ବିଧାୟକଙ୍କୁ କରୋନା

ଭୁବନେଶ୍ୱର,୧।୯ (ନି.ପ୍ର): ଆଜି ଓଡ଼ିଶାର ଆଉ ଦୁଇ ଜଣ ବିଧାୟକ କରୋନା ସଂକ୍ରମିତ ହୋଇଛନ୍ତି । ଭୁବନେଶ୍ୱର (ଉତର) ବିଧାୟକ ସୁଶାନ୍ତ କୁମାର ରାଉତ ଓ ଯାଜପୁର ଜିଲ୍ଲା ବରୀ ବିଧାୟିକା ସୁନନ୍ଦା ଦାସ ମଙ୍ଗଳବାର ଦିନ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ବିଧାୟକ ସୁଶାନ୍ତ କୁମାର ରାଉତ ଏ ସମ୍ପର୍କରେ ନିଜେ ଫେସବୁକରେ ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ଯେ ତାଙ୍କର କରୋନା ପରୀକ୍ଷା ପଜିଟିଭ ବାହାରିଛି । ▶▶ପୃଷ୍ଠା ୭

## ନିଲମ୍ବିତ ଆଇଆଇସି ଧନେଶ୍ୱର ସାହୁଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ଚଢ଼ାଉ

### ୭ଟି ସ୍ଥାନର ଭିଜିଲାନ୍ସର ତଲାସୀ : ସହଯୋଗୀ ଗ୍ରାମରକ୍ଷୀଙ୍କ ୨ଘରେ ଚଢ଼ାଉ



ଜଳେଶ୍ୱର,୧।୯ (ନି.ପ୍ର): ବହୁ ଚର୍ଚ୍ଚିତ ଜଳେଶ୍ୱର ଥାନାର ନିଲମ୍ବିତ ଆଇଆଇସି ଧନେଶ୍ୱର ସାହୁ ଓ ଜଣେ ବ୍ରାଉନ୍ ସୁଗର ବ୍ୟବସାୟୀଙ୍କ ଲିଙ୍କ ଓ ଡିଲ ସଂପର୍କରେ ଅଡିଓ ଭାଇରାଲ ପରେ ତାଙ୍କର ବଦଳି ଓ ପରେ ନିଲମ୍ବିତ ହୋଇଛନ୍ତି । କ୍ରାଇମ୍‌ବ୍ରାଞ୍ଚ ଧଳ ଜହର ଉପରେ ତଦନ୍ତ କରୁଥିବା ବେଳେ ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ ନିଲମ୍ବିତ ଆଇଆଇସିଙ୍କ ୭ଟି ସ୍ଥାନରେ ଚଢାଉ ହୋଇଛି । ତାଙ୍କ ସହିତ ଦୀର୍ଘ ଦିନର ସଂପର୍କ ଥିବା ଜଣେ ଗ୍ରାମରକ୍ଷୀଙ୍କର ୨ସ୍ଥାନରେ ଥିବା ଘରେ ଭିଜିଲାନ୍ସ ବିଭାଗ ଚଢାଉ କରିଛି । ବ୍ରାଉନ୍‌ସୁଗର କାରବାରରେ ପରୋକ୍ଷ ଓ ପ୍ରତ୍ୟକ୍ଷଭାବେ ନିଲମ୍ବିତ ଆଇଆଇସିଙ୍କର ସମ୍ପର୍କ ଥିବା ଜାଣି ବାଲେଶ୍ୱର ଏସ୍‌ପି ତାଙ୍କୁ ବାଲେଶ୍ୱରକୁ ଗତ ୧୩ ତାରିଖରେ ବଦଳି କରିଥିଲେ । କିନ୍ତୁ ୧୫ ତାରିଖରେ ପୁଲିସ୍ ଡିଜି ଏହି ଘଟଣାରେ ନିଲମ୍ବିତ କରିଥିବା ବେଳେ ତଦନ୍ତ ଆରମ୍ଭ ହୋଇଥିଲା । ନିଲମ୍ବିତ ଆଇଆଇସି ଜଳେଶ୍ୱରକୁ ୨ୟ ପାଳିରେ ଆସିବାପରେ ଏପରି କାର୍ଯ୍ୟ ବଢିଥିବାର କୁହାଯାଉଥିବା ବେଳେ ଏବଂ ଏହି ସବୁ ଘଟଣାରେ ସଂପୃକ୍ତି ଥିବା ବ୍ୟକ୍ତିମାନଙ୍କ ସଂପର୍କରେ ଖୋଳତାଡ ଆରମ୍ଭ ହୋଇଛି । ଅନ୍ୟ ପକ୍ଷରେ ନିଲମ୍ବିତ ଆଇଆଇସିଙ୍କର ▶▶ପୃଷ୍ଠା ୭

# ସିପିଏମ୍‌ର ବନ୍ୟାଞ୍ଚଳ ଗସ୍ତ : ଦୁର୍ଦ୍ଦସା ସଂପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର,୧୯ (ନି.ପ୍ର): ସୁବର୍ଣ୍ଣରେଖା ବନ୍ୟା ଓ ବର୍ଷା ଯୋଗୁଁ ଜଳେଶ୍ୱରର ବ୍ୟାପକ କ୍ଷତି ହୋଇଥିବାରୁ ଏହା ସହିତ କୋଭିଡ୍-୧୯ ଲାଗି ଚାଷୀକୂଳର ମେରୁଦଣ୍ଡ ଭାଂଗି ଯାଇଛି । ଚାଷୀମାନଙ୍କ ଦୂରବସ୍ଥା ଜଣିବାଲାଗି ସିପିଏମ୍‌ର ପ୍ରତିନିଧି ଦଳ ବ୍ଲକର ୧୪ଟି ପଂଚାୟତ ବୁଲି ଦେ୍ଖଛନ୍ତି । ୩ହଜର ହେକ୍ଟର ଚାଷଜମି ଓ ୮ଟି ପଂଚାୟତରେ ହୋଇଥିବା ପରିବାଚାଷର ବ୍ୟପକ କ୍ଷତି ଘଟିଛି । କେତେକଙ୍କ ଘର ଉଣା ଅଧିକେ ଭାଂଗି ଥିବାରୁ ଦୁର୍ଦ୍ଦିନରେ କାଳ କାଟୁଛନ୍ତି । ଏବେବି ବହୁ ବ୍ୟକ୍ତିଙ୍କ ଠାରେ ସରକାରୀ ସହାୟତା ପହଞ୍ଚି ପାରିନାହିଁ । ତେଣୁ ଧାନ ଓ ପରିବାଚାଷର କ୍ଷତି ଆକଳନ କରି ଭରଣା, ଘର ଭାଂଗିଥିବା ବ୍ୟକ୍ତିଙ୍କୁ ୫ଲକ୍ଷ ଟଙ୍କାର ସହାୟତା, ପାଣିନିଷ୍କାସନର ବ୍ୟବସ୍ଥା, ଅବିଳମ୍ବେ ଚାଷୀମାନଙ୍କୁ ବିହନ, ସାର, କୀଟନାସକ ଯୋଗାଇଦେବା, ପ୍ରତି ବ୍ୟକ୍ତିଙ୍କୁ ୭୫୦୦ଟଙ୍କା ୬ମାସ ପର୍ଯ୍ୟନ୍ତ ଦେବାଲାଗି ଦାବି କରିଛନ୍ତି । ସିପିଏମ୍ ପକ୍ଷରୁ ଦିଲ୍ଲିପ କୁମାର ଗିରି, ଜିତାଂଶୁ ନନ୍ଦୀ, ସିତାଂଶୁ ସେନାପତି, ଶିଶିର ହୁଇ, ରବିନ୍ଦ୍ର ପରିଡା, ଦିପ୍ତିମାନ ଆଚାର୍ଯ୍ୟ, ଜୀବନ ପରିଡା, ଭାଗବତ ପ୍ରଧାନ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି ।

## ପୋଲିସ ଏ .ଏସ .ଆଇ ଙ୍କୁ ଅପହରଣ ପରେ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୧୯ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜେପୁର ଜିଲ୍ଲାରେ ମାଓବାଦୀମାନେ ଜଣେ ପୋଲିସ ଏ ଏସ ଆଇ ଙ୍କୁ ଅପହରଣ କରିନେଇ ହତ୍ୟାକରିଥିବା ଜଣାପଡିଛି ! ମିଳିଥିବା ସୂଚନ ଅନୁସାରେ ଏ ଏସ ଆଇ ନାଗେୟା କର୍ସ ଛୁଟିରେ ନିଜ ଗ୍ରାମକୁ ଯାଇଥିଲେ !ସେ ଗତକାଲି ଛୁଟି ସରିବାପରେ ଗୁନ୍ଟୁର ଥାନାକୁ ଚାକରିରେ ଯୋଗଦାନ ପାଇଁ ଆସୁଥିବାବେଳେ ତାଙ୍କୁ ବାଟରୁ ମାଓବାଦୀମାନେ ଅପହରଣ କରିନେଇଥିଲେ !ଆଜି ସକାଳୁ ତାଙ୍କୁ ତେନ୍ତୁଲନାର ଗାଁ ନିକଟ ରାସ୍ତାରେ ଗୁଳି କରି ହତ୍ୟା କରିଚାଲିଯାଇଥିଲେ ! ଖବର ପାଇଁ ପକଇଚେ ଟିମ ପହଞ୍ଚି ଶବ ଜବତ କରି ଉକ୍ତ ଅଂଚଳରେ ସର୍ଚ୍ଚ ଅପେରସନ ଚଳାଇଛନ୍ତି !

# ପ୍ଲାଜମା ଦାନ ପାଇଁ ୫ କୋଭିଡ୍ ହୀରୋଙ୍କ କଟକ ଯାତ୍ରା : ଜିଲ୍ଲା ବିଜେଡି ପକ୍ଷରୁ ସମସ୍ତଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୯ (ନି.ପ୍ର): ସମ୍ପ୍ରତି ସମଗ୍ର ବିଶ୍ୱ ପାଇଁ ବିପଦ ହୋଇଥିବା ମହାମାରୀ କରୋନାକୁ ପ୍ରତିହତ କରିବା ନିମନ୍ତେ କୌଣସି ଔଷଧ କିମ୍ୱା ଭେକ୍ସିନ୍ ବାହାରି ନଥିବା ବେଳେ ପ୍ଲାଜମା ଥେରାପି ଭିତ୍ତିକ ଚିକିତ୍ସାକୁ ସବୁଠି ଗୁରୁତ୍ୱ ଦିଆଯାଉଛି । ଏଭଳି ସ୍ଥିତିରେ ରାଜ୍ୟ ସରକାର ମଧ୍ୟ ସଂକଟପନ୍ନ କରୋନା ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଏହି ଚିକିତ୍ସା ପଦ୍ଧତିକୁ ଆପଣେଇଛନ୍ତି । ରାଜ୍ୟରେ କରୋନାକୁ ହରାଇ ସୁସ୍ଥ ହୋଇଥିବା କୋଭିଡ୍ ହୀରୋଙ୍କଠାରୁ ପ୍ଲାଜାମା ନେଇ ଅନ୍ୟରୋଗୀଙ୍କୁ ବଞ୍ଚାଇବା ପ୍ରକ୍ରିୟା ଏବେ ଜାରି ରହିଛି । ଏନେଇ ସମଗ୍ର ରାଜ୍ୟରେ କୋଭିଡ୍ ହୀରୋ ତଥା ପ୍ଲାଜମା ଡୋନରଙ୍କୁ ଚୟନ ସହ ସେମାନଙ୍କଠାରୁ ପ୍ଲାଜମା ସଂଗ୍ରହକୁ ଏବେ ସରକାର ଗୁରୁତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ଚିହ୍ନଟ ହୋଇଥିବା ୫ ଜଣ କୋଭିଡ ହୀରୋ ପ୍ଲାଜମା ଦାନ ପାଇଁ ଆଜି କଟକ ଯାତ୍ରା କରିଛନ୍ତି । ସେମାନେ ହେଲେ ରୂପସା ଅଞ୍ଚଳର ଗୌତମ ବେହେରା, ହେମନ୍ତ କୁମାର ସେନାପତି, ଜୟନ୍ତ ସେନାପତି, ବାଲେଶ୍ୱର ସହର ପ୍ରଶାନ୍ତ କୁମାର ପଣ୍ଡା ଓ ସନତ୍ କୁମାର ସା । ସେମାନଙ୍କ ସହ ଜିଲ୍ଲା ରକ୍ତ ଭଣ୍ଡାରର ଜଣେ କର୍ମଚାରୀ ମଧ୍ୟ ଯାଇଛନ୍ତି । କଟକ ଯାତ୍ରା ସମୟରେ ଜିଲ୍ଲା ବିଜେଡି ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଶତ୍ରୁଘ୍ନ ମଲ୍ଲିକ, ବରଦା ପ୍ରସନ୍ନ ପଟ୍ଟନାୟକ, ଅଜୟ ସାମଲ, ଭୁବନାନନ୍ଦ ଦାସ, ସନତ୍ ଦାସ, ମନୋଜ କୁମାର ରାଉତ, ସାହିରୁଲ୍ ହକ୍, ସଂଜୀବ ଦାସ, ବ୍ରଜକିଶୋର ପ୍ରଧାନ, ଭବାନୀ ପଣ୍ଡା, ଶୁଭମସାଇ ମହାପାତ୍ର, ଭାଗବତ ସାହୁ ପ୍ରମୁଖ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣରେଖାର ଶିଖରପୁର ସେତୁ ଉପରୁ ବାଲି ସଫା କଲେ କତିପୟ ଯୁବକ

ଜଳେଶ୍ୱର,୧୯ (ନି.ପ୍ର): ଶିଖରପୁର, ଭାନୁପୁର ଅଂଚଳରୁ ବାଲି ବ୍ୟବସାୟୀମାନେ ବ୍ୟାପକ ବାଲି ବିକ୍ରି କରୁଥିବା ବେଳେ ବେଧଡକ ପରିବହନ ଯୋଗୁଁ ସୁବର୍ଣ୍ଣରେଖାର ଶିଖରପୁର ସେତୁ ଉପରେ ବହଳେ ଉଚ୍ଚର ବାଲି ଜମା ହୋଇଥିଲା । ଫଳରେ ବର୍ଷା ହେଲେ ସୁବର୍ଣ୍ଣରେଖା ସେତୁ ଉପରେ ପାଣି ଜମିବା, ବାଲି ପଡିବା ଫଳରେ ଦୁର୍ଘଟଣା ଘଟି ଆସୁଥିଲା । ଏଥିପ୍ରତି ପ୍ରଶାସନୀକ ଅଧିକାରୀ କିମ୍ବା ଅନ୍ୟକେହି ଗୁରୁତ୍ୱ ଦେଉନଥିବା ବେଳେ ସେ ଅଂଚଳର ସୁବ୍ରତ କୁମାର ଆଚାର୍ଯ୍ୟ, ସଂଜିବ କରଣ, ବିଜୟ ଜେନା, ଦିବ୍ୟସୁନ୍ଦର କରଣ, ଶ୍ରବଣ ପ୍ରଧାନ, ସରୋଜ ମଲ୍ଲିକ, ସ୍ୱରୁପାନନ୍ଦ ଜେନା, ରାକେଶ ମଲ୍ଲିକ ପ୍ରମୁଖ ଗତ ରବିବାର ଅପରାହ୍ନରେ ବାଲି ସଫା କରି ଉଦାହରଣ ସୃଷ୍ଟି କରିଛନ୍ତି । ଏପରି କାର୍ଯ୍ୟକୁ ସେ ଅଂଚଳର ବୁଦ୍ଧିଜିବିମାନେ ପ୍ରସଂସା କରିଛନ୍ତି ।

# ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ସମାଜବାଦୀପାର୍ଟିର ଶୋକ

ଭୁବନେଶ୍ୱର, ୩୧ ଅଗଷ୍ଟ (ହି.ସ.) – ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ପାର୍ଟିର ରାଜ୍ୟସଭାପତି ରବି ବେହେରା ଏକ ଶୋକବାର୍ତାରେ କହିଛନ୍ତି ଯେ, ଭାରତବର୍ଷ ଜଣେ ଭଦ୍ର, ନମ୍ର, ଜ୍ଞାନୀ, ଗୁଣୀ ରାଜନେତାଙ୍କୁ ହରାଇଲା । ଶ୍ରୀ ମୁଖାର୍ଜୀଙ୍କ ସହିତ ଦୁଇଥର ସାକ୍ଷାତ ଆଲୋଚନା କରିବାର ସୁଯୋଗ ମିଳିଥିଲା । ୨୦୧୨ ମସିହା ଜୁଲାଇ ୧୧ ତାରିଖ, ସନ୍ଧ୍ୟା ୭ ଘଟିକା ୩୦ମିନିଟ୍ ସମୟରେ ସ୍ଥାନୀୟ ମେ'ଫେୟାର ହୋଟେଲ୍ ଠାରେ ସେ ଯେତେବେଳେ ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ପ୍ରଚାର କାର୍ଯ୍ୟରେ ଓଡ଼ିଶା ଆସିଥିଲେ, ସେ ଦିନ ସମାଜବାଦୀ ପାର୍ଟିର ଏକ ଦଶ ଜଣିଆ ପ୍ରତିନିଧି ଦଳ ତାଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ । ସେ ତାଙ୍କ କୃତଜ୍ଞତାରେ ତତ୍କାଳନୀ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ମୁଲାୟମସିଂହଙ୍କର ଭୁରିଭୁରି ପ୍ରଶଂସା କରିଥିଲେ । ଦ୍ୱିତୀୟଥର ସୁଯୋଗ ମିଳିଥିଲା ରାଷ୍ଟ୍ରପତି ହେବାପରେ ସେ ଯେତେବେଳେ ୨୦୧୨ ମସିହା ସେପ୍ଟେମ୍ବର ମାସରେ ଜଗନ୍ନାଥ ଦର୍ଶନରେ ଆସିଥିଲେ । ଏକ ସ୍ମାରକପତ୍ର ଦେବା ଅବସରରେ ବିଜୁ ବାବୁଙ୍କୁ ଭାରତରତ୍ନ ଦେବାପାଇଁ ଆମ୍ଭ ସ୍ମାରକପତ୍ରରେ ଉଲ୍ଲେଖ କରିଥିଲୁ । ସ୍ମାରକପତ୍ରଟିକୁ ପଢିସାରି ସେ କେବଳ ଗୋଟିଏପଦ କହିଥିଲେ, "ହି ଡିଜର୍ଭସ୍ ଇଟ୍" ଦଳମତ ନିର୍ବିଶେଷରେ ବରିଷ୍ଠ ରାଜନେତାଙ୍କ ପ୍ରତି ତାଙ୍କର କିଭଳି ସମ୍ମାନବୋଧ ଥିଲା ତାହା ଏହିଥିରୁ ଜଣାପଡ଼େ । ତାଙ୍କ ବିୟୋଗରେ ଦେଶ ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି ।

# ମୃତ ବାପାଙ୍କ ସୁଦ୍ଧି କ୍ରିୟା ପାଇଁ ତିନି ଅନାଥ ଶିଶୁଙ୍କୁ ସାହାଯ୍ୟ କଲେ ସମାଜସେବୀ ଫ୍ରାନସିସ

ନୀଳଗିରି,୧୯ (ନି.ପ୍ର): ବାପଛେଉଣ୍ଡ ତିନି ଅନାଥ ଶିଶୁଙ୍କ ସାହାଯ୍ୟ ପାଇଁ ସହଯୋଗର ହାତ ବଢାଇଛନ୍ତି ବିଜେଡିର ଛାତ୍ର ସଭାପତି ତଥା ଯୁବ ସମାଜସେବୀ ଫ୍ରାନସିସ ବେକନ ସ । ସୁଚନା ଅନୁଯାୟୀ ନୀଳଗିରି ବ୍ଲକ ଡମ୍ବୁରୁଘାଟି ଗ୍ରାମର ଏଡସରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ବାପା ମାଆଙ୍କର ତିନି ଅନାଥ ଶିଶୁଙ୍କ ପାଖରେ ପହଂଚି ସମାଜସେବୀ ଫ୍ରାନସିସ ବାପାଙ୍କ ଶୁଦ୍ଧି ପାଇଁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଆଗାମୀ ଦିନରେ ଶିଶୁଙ୍କ



ପାଠ ପଢା ଖର୍ଚ୍ଚରେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୃତି ଦେଇଛନ୍ତି । ଅପର ପକ୍ଷରେ ବିଜେଡିର ଜିଲ୍ଲା ଉପସଭାପତି ଗତିକୃଷ୍ଣ ନନ୍ଦ ୧ ହଜାର ଟଙ୍କା ଆର୍ଥୀକ ସହାୟତା ଦେଇଛନ୍ତି । ସ୍ଥାନୟୀ ସରପଂଚ ସୁକୁମାରୀ ସିଂ ଶିଶୁଙ୍କ ପାଖରେ ପହଂଚି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିବା ସହିତ ନାଏବ ସରପଂଚ ରଣଜିତ ବେହେରା, ସମାଜସେବୀ ରବିନ୍ଦ୍ର ସିଂ ମଧ୍ୟ ଆର୍ଥୀକ ସହାୟତା ପ୍ରଦାନ କରିଥିବା ଜଣାପଡିଛି ।

# ମାଓ ମୁକ୍ତ ହେବାକୁ ଯାଉଛି ମାଲକାନଗିରି ଜିଲ୍ଲା

ମାଲକାନଗିରି,୧୯ (ନି.ପ୍ର): ମାଓ ଉପଦୃତ ମାଲକାନଗିରି ଜିଲ୍ଲାର ନାଁ ଶୁଣିଲେ ମନରେ ଆସେ ମାଓବାଦୀ ଙ୍କ ଲାଲ ତାଣ୍ଡବ ର ଚିତ୍ର । କେବେ ନିରୀହ ଲୋକଙ୍କୁ ହତ୍ୟକ୍ଷ ତ ପୁଣି କେତେବେଳେ ଉନ୍ନୟନ ମୂଳକ କାର୍ଯ୍ୟ କୁ ବାଧା ଦେବାପାଇଁ ତୁମୁଳ କାଣ୍ଡ । ଏସବୁ ମାଲକାନଗିରି ଜିଲ୍ଲା ପାଇଁ ନିତିଦିନିଆ ହୋଇପଡିଥିବା ବେଳେ ବର୍ତ୍ତମାନ କିନ୍ତୁ ସମୟ କ୍ରମେ ମାଓବାଦୀ ଙ୍କ ଏହି ବର୍ବରତା ରେ ଲାଗିଛି ରୋକ । ଜିଲ୍ଲାରେ ଫେରୁଛି ଶାନ୍ତି । ଜିଲ୍ଲାର ବିଭିନ୍ନ ଅଂଚଳ ମାଓ ମୁକ୍ତ ହେଉଥିବା ବେଳେ ପୋଲିସ ଡିଜି ଙ୍କ ତୁହାକୁ ତୁହା ଗ୍ରସ୍ତ ଏବଂ କଡା ରଣନୀତି ଯୋଗୁଁ ମାଓ ମୁକ୍ତ ଜିଲ୍ଲା ଭାବେ ଖୁବ ଶୀଘ୍ର ମାଲକାନଗିରି ମଧ ପରିଗଣିତ ହେବ ବୋଲି ଆଶା ସଂଚାର ହୋଇଛି । ମାଲକାନଗିରି ଜିଲ୍ଲା ନା ଶୁଣିଲେହିଁ ଲୋକଙ୍କ ମନରେ ମାଓବାଦୀ ଙ୍କ ବର୍ବରତା ର ଚିତ୍ର ଆଖି ଆଗରେ ନାଚି ଉଠୁଥିଲା । ସମୟ ଥିଲା ଜିଲ୍ଲାରେ ସରକାରୀ ନିୟମ ବଦଳରେ ଚାଲୁଥିଲା ମାଓବାଦୀଙ୍କ ରାଜ୍ । ପୋଲିସ ଙ୍କ ବଦଳରେ ନିଷ୍ପତି ନେଉଥିଲେ ମାଓବାଦୀ । ତେବେ ବର୍ତ୍ତମାନ କିନ୍ତୁ ମାଲକାନଗିରି ଜିଲ୍ଲା ସମୟ ସହ ତାଳ ଦେଇ ମାଓ ରାଜୁତିରୁ ଧୀରେ ଧୀରେ ମୁକ୍ତ ହେବାରେ ଲାଗିଛି । ପୋଲିସ ପ୍ରଶାସନ ର କଡା ରଣନୀତି ଯୋଗୁଁ ଜିଲ୍ଲାରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା କାଲିମେଲା ମାଓ ଦଳମ ନିଜର ସତା ହରାଇଛି । ଆଉ ଏହାପରେ କାଲିମେଲା, ପଡିଆ , ମୋଟୁ,ଏ ମ ଭି ୭ ୯ ଥାନା ଆଦି ମାଓ ଗଡ଼ ବର୍ତମାନ ସମ୍ପୂର୍ଣ୍ଣ ମାଓ ମୁକ୍ତ ହୋଇଛି । ମାଓଗଡ଼ ଭାଙ୍ଗିବା ପରେ ଅନେକ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତ ରେ ସାମିଲ ହୋଇଥିବା ବେଳେ ମାଓ ଦଳ ପଥ ଭ୍ରଷ୍ଟ ହେଉଥିବା ଆତ୍ମସମର୍ପଣ କାରୀ ମାଓବାଦୀ ମତ ରଖିଛନ୍ତି । ଏହାସହ ସରକାରୀ ନିୟମ ଅନୁଯାୟୀ ଆତ୍ମସମର୍ପଣ କାରୀ ମାଓବାଦୀ ଙ୍କୁ ସମସ୍ତ ସୁବିଧା ଯୋଗାଇବା ସହ ସ୍ୱାବଲମ୍ବୀ ହେବା ଦିଗରେ ମଧ ମାଲକାନଗିରି ପୋଲିସ ଦୃଷ୍ଟି ଦେଇଥିବା ରୁ ଅନେକ ରୋଜଗାର କ୍ଷମ ହୋଇପାରି ଥିବା ମାଲକାନଗିରି ଏସପି ଡି ରଷିକେଶ ଖିଲାରୀ ପ୍ରକାଶ କରିଛନ୍ତି ।ମାଲକାନଗିରି ଜିଲ୍ଲାରେ ମାଓବାଦ ଭଳି ସମସ୍ୟା ସହ ଗଞ୍ଜେଇ ଚୋରା ଚାଲାଣ ମଧ ଜିଲା ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ହୋଇପଡିଛି । ଜିଲ୍ଲାକୁ ମାଓ ମୁକ୍ତ କରିବା ସହ ଗଞ୍ଜେଇ କାରବାର କୁ ରୋକ ଲଗାଇବା ପାଇଁ ପୋଲିସ ଡିଜି ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ବାରମ୍ବାର ମାଲକାନଗିରି ଜିଲ୍ଲା ଗ୍ରସ୍ତ କରି ଏଦିଗରେ ସମୀକ୍ଷା କରିବା ସହ କଡା ରଣନୀତି ଆପଣେଇଛନ୍ତି । ଜିଲ୍ଲାର ତିନୋଟି ସ୍ଥାନ ମୁଖ୍ୟତଃ ମାଓ ପ୍ରବଣ ଥିବା ବେଳେ ବର୍ତମାନ ସେଥି ମଧରୁ କାଲିମେଲା, ଏବଂ ମହୁପଦର ଅଂଚଳ ମାଓ ମୁକ୍ତ ହେଉଥିବା ବେଳେ କେବଳ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳରେ କିଛି ମାତ୍ରାରେ ମାଓବାଦୀ ସକ୍ରିୟ ଥିବା ଜଣା ପଡିଛି । ତେବେ ଜିଲ୍ଲା ପୋଲିସ ଏବଂ ସରକାରୀ ସ୍ତରରେ ତତ୍ପରତା ଯୋଗୁଁ ସ୍ୱାଭିମାନ ଅଂଚଳର ଚିତ୍ର ବଦଳୁଥିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ଯୋଗୁ ସ୍ଥିତି ସ୍ୱାଭାବିକ ହେବାରେ ଲାଗୁଥିବାରୁ ଲୋକେ ମଧ ମାଓବାଦ କୁ ବିରୋଧ କରୁଥିବା ପୋଲିସ ଡିଜି ଅଭୟ ପ୍ରକାଶ କରିଛନ୍ତି । ଜିଲ୍ଲା ସମୟ କ୍ରମେ ଉନ୍ନତି ସ୍ୱାଦ ଚାଖୁଥିବା ବେଳେ ସ୍ୱାଭିମାନ ଅଂଚଳରେ ଗୁରୁପ୍ରିୟା ସେତୁ ପରେ ମୋଟ ଆଠ ଟି ପକ୍କା ସଡକ , ସହ ପାନୀୟ ଜଳ, ମୋବାଇଲ ଟାୱାର, ସ୍ୱାସ୍ଥ୍ୟ ସେବା ଆଦିପହଞ୍ଚି ପାରିଥିବାରୁ ଖୁବ ଶୀଘ୍ର ମାଲକାନଗିରି ମାଓ ମୁକ୍ତ ଜିଲ୍ଲା ରୂପେ ପରିଗଣିତ ହେବ ବୋଲି ମାଲକାନଗିରି ଜିଲ୍ଲା ପାଳ ମନୀଷ ଅଗ୍ରୱାଲ ପ୍ରକାଶ କରିଛନ୍ତି ।

## ପୁରୀ ଜଲାରେ କୋଭିଡ୍ ଆକ୍ରାନ୍ତ ଙ୍କ ସଂଖ୍ୟା ୩୬୩୬ ଜଣ ରେ ପହଂଚିଲା

ପୁରୀ,୧/୯-ଆଜି ପୁରୀ ଜିଲାରେ ୧୩୬ ଜଣ କୋଭିଡ୍ ପଜେଟିଭ ଚିହ୍ନଟ ହେବା ପରେ ଜିଲାରେ ଏହି ସଂଖ୍ୟା ୩୬୩୬ ରେ ପହଂଚିଚି । ସେମାନଙ୍କ ମଧ୍ୟରୁ ୨୭୪୪ ଜଣ ସୁସ୍ଥ ହୋଇ ନନିଜ ନିଜ ଘରକୁ ଫେରିଛନ୍ତି । ବର୍ତମାନ ୮୭୭ ଜଣ କୋଭିଡ୍ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ଚିକିତ୍ସାଳୟ ରେ ଚିକିତ୍ସାଧିନ ରହିଛନ୍ତି । ଜିଲାରେ ୫୯,୭୦୪ ଜଣ ଙ୍କର ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ୪୬ ଟି କନଟେନମେଂଟ ଜୋନ ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହେଉଛି ।ଆଜି ସୁଧା ଜିଲାରେ ମୃତ୍ୟୁ ସଂଖ୍ୟା ୧୩ ରେ ରହିଛି ।

# କରୋନା ମହାମାରୀ : ଫିକା ପକାଇଲା ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ

ବାରିପଦା,୧୯ (ନି.ପ୍ର): ପ୍ରତ୍ୟେକ ବର୍ଷ ୩ ଦିନ ଧରି ମହାଆଡ଼ମ୍ବର ସହକାରେ ବାରିପଦା ପୌରପରିଷଦ ପକ୍ଷରୁ ପାଳିତ ହେଉଥିବା ନିଖିଳ ଭାରତ ସ୍ୱାୟତ ଶାସନ ସମାରୋହ ଚଳିତ ବର୍ଷ କରୋନା ମହାମାରୀ କାରଣରୁ ଫିକା ପଡ଼ିଯାଇଛି । କେବଳ ନାମକୁ ମାତ୍ର କୋଭିଡ଼-୧୯ ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବାରିପଦା ପୌରପରିଷଦ ପକ୍ଷରୁ ପରିଷଦ ପରିସରରେ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ପ୍ରାତଃ ୫ଟା ସମୟରେ ପୌରପରିଷଦର ୨୮ ଗୋଟି ୱାର୍ଡ଼ରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ଗାନ ଓ ପୂର୍ବାହ୍ନ ୭.୩୦ମିନିଟ ସମୟରେ ସହର ମଧ୍ୟରେ ରହିଥିବା ବିଭିନ୍ନ ମହାପୁରୁଷମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ପରେ ୧୦ଟାରେ ମୁଖ୍ୟ ଅତିଥି ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଜାତୀୟ ପତାକା ଉତୋଳନ, ୧୦.୧୦ମିନିଟ ସମୟରେ ପୌରପରିଷଦ ମଧ୍ୟରେ ରହିଥିବା ପରିଷଦର ପ୍ରଥମ ଉପନଗରପାଳ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହିତ ଭକ୍ତିପୁତ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଏହି ସମୟରେ ପିଡ଼ି ଡିଆରଡ଼ିଏ ଦାୟିତ୍ୱରେ ଥିବା ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ସ୍ୱଧାଦେବ ସିଂ, ପୌରପରିଷଦର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ପୌରପରିଷଦର ସହକାରୀ ଯନ୍ତ୍ରୀ ବି କେ ଦାସ, ଷ୍ଟେନୋ ପଙ୍କଜ କୁମାର ମିଶ୍ର ପ୍ରମୁଖଙ୍କ ସମେତ ପୌରପରିଷଦର କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଏହାପରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀଭରଦ୍ୱାଜ ପୌରପରିଷଦ ପକ୍ଷରୁ ଶ୍ରୀପଦଗଞ୍ଜ ଓ ବାଗଡ଼ିହାଠାରେ ନବ ନିର୍ମିତ ପାର୍କକୁ ଶୁଭ ଉଦଘାଟନ କରିଥିଲେ ।

# ବ୍ରିଜ୍ ନିର୍ମାଣର ଦୁଇ ବର୍ଷ ନପୁରୁଣୁ ଭାଙ୍ଗିଲା, ଲୋକେ ଆତଙ୍କିତ ମାରାତି ଓ ତଦନ୍ତ ପାଇଁ ଦାବୀ

କନ୍ଧମାଳ,୧୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ କିରିକୁଟୀ ପଂଚାୟତର ଥିବା ବୁରାଙ୍ଗିଆ ଗ୍ରାମରେ ଥିବା ନଦୀର ଉପରେ ଗତ ପ୍ରାୟ ୨ ବର୍ଷ ହେଲା ଏକ ବ୍ରିଜ୍ ନିର୍ମାଣ କରାଯାଇଛି । ସେଠାର ଲୋକେ ସେଠାରେ ଥିବା ନଦୀରେ ତାର ଦ୍ୱାରା ପାର ହେଉଥିଲେ । ତେବେ ପାରି ହେବାବେଳେ ସେଠାର କିଛି ଲୋକ ନଦୀ ପାଣିରେ ଭାସି ଯାଇଥିଲେ । ସେତେବେ ଳେ ଏହି ଘଟଣା ଗଣମାଧ୍ୟମ ସହିତ ଲୋକଙ୍କ ଦ୍ୱାରା ପ୍ରଚାର ହୋଇ ସ୍ଥାନୀୟ ବାସିନ୍ଦାଙ୍କ ଦାବୀ ହେବାପରେ ସରକାର ସେଠାରେ ଏକ ବ୍ରିଜ୍ ନିର୍ମାଣ କରିଥିଲେ । ହେଲେ ଏହି କାର୍ଯ୍ୟ କରିଥିବା ଠିକାଦାରଙ୍କ ଅସାବଧାନତା ତଥା ସଠିକ ଭାବରେ କମ ନକରିବା ଏବଂ ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କ ଅଣଦେଖା ଯୋଗୁଁ ସେଠାରେ ନିର୍ମାଣ ହୋଇଥିବା ବ୍ରିଜ୍ ଟି ଗତ ବର୍ଷାରେ ଭାଙ୍ଗିବାରେ ଲାଗିଲାଣି । ଫଳରେ ସେଠାରେ ଲୋକେ ଯାତାୟାତ ପାଇଁ ଭୟ କରିବା ସହିତ ସେହି ରାସ୍ତାରେ ଗାଡିରେ ଯାତାୟାତ ପାଇଁ ମଧ୍ୟ ଭୟ କରୁଛନ୍ତି । ତେବେ ମାତ୍ର ଦୁଇ ବର୍ଷରେ ତିଆରି ହୋଇଥିବା ବ୍ରିଜ୍‌ର ଗୋଟିଏ ବର୍ଷାରେ ଏହିଭଳି ଅବସ୍ଥା ହେବାରୁ ଦିର୍ଘ ଦିନ ହେଲା ତାରରେ ନଦୀ ପାର ହୋଇ ଆସିଥିବା ସ୍ଥାନୀୟ ଲୋକେ ସେମାନଙ୍କ ପାଇଁ ନିର୍ମିତ ବ୍ରିଜ୍‌ଟି ଅଳ୍ପ ଦିନରେ ଭାଙ୍ଗିଯିବାରୁ ଅସନ୍ତୋଷ ପ୍ରକଟ କରିବା ସହିତ ସେହି ବ୍ରିଜ୍‌ଟିର ପୁନର୍ବାର ମରାମତି କରାଇବା ସହିତ ଅଳ୍ପ ଦିନରେ ସେହି ପୋଲଟି କିପରି ଭାବରେ ଭାଙ୍ଗିଗଲା ଏହି ବାବଦରେ ତଦନ୍ତ କରିବାକୁ ଦାବୀ କରିଛନ୍ତି । ନହେଲେ ସେମାନେ ପୁଣି ଆନ୍ଦୋଳାନତ୍ମକ ପନ୍ଥା ଗ୍ରହଣ କରିବା ନେଇ ଦାବୀ କରିଥିବା ଜଣାପଡିଛି ।

# ଖଡିଆଳ, ନୂଆପଡା ଓ ଖରିଆର ରୋଡରେ ସ୍ୱାୟ ଶାସନ ଦିବସ ପାଳିତ

ନୂଆପଡା, ୩୧ ଅଗଷ୍ଟ (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ, ନୂଆପଡା ଏବଂ ଖରିଆର ବିଜ୍ଞାପିତ ଅ ଳ ପରିଷଦରେ ସ୍ୱାୟ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରର ଖଡିଆଳ ବିଜ୍ଞାପିତ ଅ ଳ ପରିଷଦ ପରିସର ମଧ୍ୟରେ ସକାଳେ ପତାକା ଉ ୋଳନ କରିଥିଲେ । ଏଥିରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ନୋଡାଲ ଅଫିସର ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାପାତ୍ର, ସି.ଓ ସଂଯୁକ୍ତା ପଣ୍ଡା, କନିଷ୍ଠଯନ୍ତ୍ରୀ ତାମ୍ରଧ୍ୱଜ ମାଝୀ, ସଞ୍ଜିବ କୁମାର, ଏମଆଇଏସ ମଧୁସ୍ମିତା ମିଶ୍ର, ଗୌତମ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱାୟ ଶାସନ ପାଳନର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ କୋଭିଡ ନିୟମକୁ ପାଳନ କରି ସାମାଜିକ ଦୂରତା ରକ୍ଷା କରିବା ସହ ସମସ୍ତେ ମାସ୍କ ପରିଧାନ କରିଥିଲେ ।

# ଭାରତରେ କୋଭିଡ-୧୯ ମୁକାବିଲା ଲାଗି ୩୫୦୦ କୋଟି (ଆନୁମାନିକ) ଟଙ୍କା ଦେବାକୁ ଜାପାନର ପ୍ରତିଶ୍ରୁତି

- ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ସରକାରୀ ବିକାଶମୂଳକ ଋଣ ସହାୟତା ଆକାରରେ ଯୋଗାଇ ଦିଆଯିବ ଅର୍ଥ
- ଆନୁମାନିକ ୭୦ କୋଟି ଟଙ୍କାର ଗ୍ରାଂଟ ଇନ ଏଡ ସହାୟତା ପାଇଁ ମଧ ଚୁକ୍ତି

ନୂଆଦିଲ୍ଲୀ,୧୯ (ନି.ପ୍ର): କୋଭିଡ-୧୯ ସଙ୍କଟର ଜରୁରିକାଳୀନ ମୁକାବିଲା ଉଦ୍ଦେଶ୍ୟରେ ଜାପାନ ସରକାର ଜେପିୱାଇ ୫୦ ବିଲିୟନ (ଆନୁମାନିକ ୩୫ ଶହ କୋଟି ଟଙ୍କା)ର ସରକାରୀ ବିକାଶମୂଳକ ଋଣ ସହାୟତା ଯୋଗାଇ ଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି । ଏ ସଂକ୍ରାନ୍ତ ଭାରତ ସରକାରଙ୍କ ଅର୍ଥନୈତିକ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଡ. ସି.ଏସ ମହାପାତ୍ର ଏବଂ ଭାରତରେ ଅବସ୍ଥାପିତ ଜାପାନୀ ରାଷ୍ଟ୍ର ଦୂତ ମିଃ ସୁଜୁକି ସାତୋଶୀଙ୍କ ମଧରେ ଟିପ୍ପଣୀ ବିନିମୟ ହୋଇଛି । କୋଭିଡ-୧୯ ସଂକଟର ମୁକାବିଲା ଲାଗି ସ୍ୱାସ୍ଥ୍ୟ କ୍ଷେତ୍ରର ଋଣ ସହାୟତା କାର୍ଯ୍ୟକ୍ରମ ସ୍ୱରୂପ ଏହି ସହଯୋଗ ଜାପାନ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ । ଟିପ୍ପଣୀ ବିନିମୟ ପରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଡ. ସି.ଏସ ମହାପାତ୍ର ଏବଂ ନୂଆଦିଲ୍ଲୀରେ ଅବସ୍ଥାପିତ ଜେଆଇସିଏର ମୁଖ୍ୟ ପ୍ରତିନିଧି ମିଃ କାତସୁଓ ମାତସୁମୋତୋ ଉଭୟ ପକ୍ଷରୁ ଋଣ ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଏହି ଋଣ ସହାୟତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଭାରତର କୋଭିଡ-୧୯ ଲଢ଼େଇରେ ସହାୟତା କରିବା ଏବଂ ଭବିଷ୍ୟତର ମହାମାରୀ ପାଇଁ ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପ୍ରସ୍ତୁତ ରଖିବା । ଏହାଛଡ଼ା ସଂକ୍ରାମକ ରୋଗ ନିମନ୍ତେ ଭାରତୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସହନଶୀଳତାରେ ସୁଧାର ଆଣିବା । ଏହାବ୍ୟତୀତ, ଡ. ସିଏସ ମହାମାତ୍ର ଏବଂ ସୁଜୁକି ସାତୋଶୀଙ୍କ ମଧରେ ଜାପାନ ସରକାରଙ୍କ ପକ୍ଷରୁ ଜେପିୱାଇ ୧ ବିଲିୟନ (ଆନୁମାନିକ ୭୦ କୋଟି ଟଙ୍କା)ପରିମାଣର ଗ୍ରାଂଟ ଇନ ଏଡ ସହାୟତା ଲାଗି ଏକ ଟିପ୍ପଣୀ ବିନିମୟ କରାଯାଇଥିଲା । ଏହି ଗ୍ରାଂଟ ଇନ ଏଡ ସହାୟତା ଜାପାନ ସରକାରଙ୍କ ପକ୍ଷରୁ ଭାରତରେ ଚିକିତ୍ସା ସରଞ୍ଜାମ ଯୋଗାଣ ଏବଂ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ଯୋଗାଇ ଦିଆଯିବ । ଏହା କୋଭିଡ-୧୯ ସଂକ୍ରମଣ ସହିତ ଯୁଝୁଥିବା ଜଟିଳ ଓ ଗୁରୁତର ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବିଶେଷ ସହାୟକ ହୋଇପାରିବ । ୧୯୫୮ ପରଠାରୁ ଭାରତ ଓ ଜାପାନ ମଧରେ ଏକ ଦୀର୍ଘ ଏବଂ ଫଳପ୍ରଦ ଐତିହାସିକ ଦ୍ୱିପାକ୍ଷିକ ବିକାଶମୂଳକ ସହଯୋଗ ରହିଆସିଛି । ବିଗତ କିଛି ବର୍ଷ ହେବ, ଭାରତ ଓ ଜାପାନ ମଧରେ ଅର୍ଥନୈତିକ ସହଯୋଗ ସୁଦୃଢ଼ ହୋଇଛି ଏବଂ ଏହା ରଣନୈତିକ ଭାଗିଦାରୀରେ ରୂପାନ୍ତରିତ ହୋଇଛି । ଏହା ଦୁଇ ଦେଶ ମଧରେ ରଣନୈତିକ ଓ ବୈଶ୍ୱିକ ସହଭାଗିତାକୁ ଆହୁରି ସୁଦୃଢ଼ କରିପାରିଛି ।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ ମାମଲା: କାରଖାନା ଅଧିକାରୀ ଇସ୍ତଫା ଦେଲେ, ପୋଲିସ ପାଖରେ ଖବର ନାହିଁ

ରାଉରକେଲା,୧୯ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା କୁଆଁରମୁଣ୍ଡା ଠାରେ ଥିବା ଲିବରଟି ହାଉସ ନାମକ କାରଖାନାରେ କାମ କରୁଥିବା ଜଣେ ଆଦିବାସୀ ମହିଳାଙ୍କୁ ସେହି କାରଖାନାର ଜଣେ ବରିଷ୍ଠ ଅଧିକାରୀ ଏକାକି ପାଇ ଅସଦାଚରଣ, ବାରମ୍ବାର ଅସଦାଚରଣ କରି ଚାକିରୀ ନିୟମିତ କରାଇଦେବା ଆଦି କହି ଚାଲିଥିବା ଖବରରେ ସମ୍ପୃକ୍ତ ଅଧିକାରୀ ଜଣକ ତଦନ୍ତର ସମ୍ମୁଖୀନ ହୋଇ ଶନିବାର ଦିନ ଇସ୍ତଫା ଦେଇଥିବା ଖବର ମିଳିଛି । ତେବେ ଘଟଣାକୁ ଏକ ସପ୍ତାହ ବିତି ଗଲା, ହେଲେ ମାମଲା ସମ୍ପର୍କରେ ମହିଳା ଜଣକ କାରଖାନାର ମୁଖ୍ୟଙ୍କୁ ଜଣାଇବା ପରେ ସଂପୃକ୍ତ ଅଧିକାରୀ ଏନେଇ ଏକ ତଦନ୍ତ କାରଖାନା ସ୍ତରରେ କରାଇଥିବା ବେଳେ ସଂପୃକ୍ତ ଅଫିସର ଏହି ତଦନ୍ତର ସମ୍ମୁଖୀନ ମଧ ହେଲେ, ତା ପରେ ସେ ଇସ୍ତଫା ଦେଇ ଘରେ ରହିଲେ । କିନ୍ତୁ ଏଯାଏ ଏହି ମାମଲା ନେଇ ସୁନ୍ଦରଗଡ ପୁଲିସ ନିକଟରେ କିଛି ଖବର ନଥିବା ଜଣାପଡିଛି । ପାଖରେ ରହିଛି କୁଆଁରମୁଣ୍ଡା ପୁଲିସ, ଏହା ବୀରମିତ୍ରପୁର ଥାନା ଅଧିନରେ । ଥାନାରେ ଜଣେ ମହିଳା ଅଧିକାରୀ, ପୁଣି ସେହି ଅଂଚଳ ଦାୟିତ୍ୱରେ ଜଣେ ମହିଳା ଡିଏସପି ଅଛନ୍ତି ,କିନ୍ତୁ ଖବର ସୋସିଆଲ ମିଡିଆରୁ ନେଇ ମିଡିଆରେ ପ୍ରସାର ସତ୍ୱେ ସେମାନେ ଏ ଖବର ପାଇଛନ୍ତି କି ନାହିଁ ତାହା ବୁଝା ପଡୁନାହିଁ । ନିକଟ ଅତିତରେ ସେହି ଅଂଚଳରେ ଖୋଦ ଥାନା ବାବୁଙ୍କ ଦ୍ୱାରା ଜଣେ ନାବାଳିକା ଦୁଷ୍କର୍ମର ଶିକାର ହେବା ଭଳି ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଥିଲା । ତେବେ ପୁଲିସ ଡିଜି ଖବର ପାଇ ଥାନା ଅଧିକାରୀଙ୍କୁ ବହିଷ୍କାର କରିବା ସହ ତାଙ୍କୁ ଗିରଫ ମଧ କରାଗଲା । ତେବେ ଆଜି ଅନୁରୂପ ଘଟଣା କ୍ରମେ କାରଖାନାର ଡାକ୍ତରଖାନାରେ କାମ କରୁଥିବା ପୀଡିତା ମହିଳାଙ୍କ ସହ ଏଭଳି ଅସଦାଚରଣ ହେଲା, ସେ କାରଖାନାର ମୁଖ୍ୟଙ୍କୁ ଏ ବାବଦରେ ଜଣାଇବା ସହ ସେ ଅଂଚଳର କିଛି ପରିଚିତ ନେତା ମଧ ଏନେଇ ମୁହଁ ଖୋଲିଲେ । କାରଖାନା ସ୍ତରରେ ସିନା ତଦନ୍ତ କରାଗଲା ହେଲେ,ଏଯାଏ ତଦନ୍ତର ରିପୋର୍ଟ କଣ ଆସିଲା ତାହା ବିରମିତ୍ରପୁର ଥାନା କିମ୍ବା ଏସପି ସୁନ୍ଦରଗଡଙ୍କୁ ଦିଆଗଲା ନାହିଁ । କାରଣ ନିୟମ ଅନୁଶାରେ ଜଣେ ପୀଡିତାଙ୍କର ଏଭଳି ସ୍ଥିତି ଜଦି କାରଖାନା ମୁଖ୍ୟ ଜାଣିଲେ, ତେବେ ଏନେଇ ସେ ପ୍ରଥମେ ଥାନାକୁ ଜଣାଇବା କଥା । ଯଦି ତାହା ନହେଲା ତେବେ କାରଖାନା ସ୍ତରରେ ତଦନ୍ତ କରି ରିପୋର୍ଟ ପୁଲିସକୁ ଦେବା କଥା, କିନ୍ତୁ କାରଖାନା ସ୍ତରରେ ସ୍ଥିତିକୁ ଏମିତି କରାଗଲା ଯେ, ଅଭିଯୁକ୍ତ ନିଜର ସୁରକ୍ଷା ନେଇ କାରଖାନାରୁ ବିଦାୟ ନେଲେ, ଆଇନ କେବଳ ଜଳକା ହୋଇ ରହିଗଲା ବୋଲି ଅଭିଯୋଗ ହେଉଛି । ଜଣେ ଅଦିବାସୀ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗ କେବଳ ସେହି କାରଖାନା ଭିତରେ ରହିଗଲା । ଆଜି ଏନେଇ ସୋସିଆଲ ମିଡିଆରେ ଖବର ଆସିଲା ଯେ, ସଂପୃକ୍ତ ଅଧିକାରୀଙ୍କୁ ବହିଷ୍କାର କରାଗଲା, କିନ୍ତୁ କାରଖାନା ମୁଖ୍ୟ କହିଲେ ସେ ଇସ୍ତଫା ଦେଇଛନ୍ତି । ତେବେ କାରଖାନା ମୁଖ୍ୟ ପୁଲିସକୁ ଏନେଇ କେବେ ଜଣାଇଛନ୍ତି, ପୁଲସ ଏନେଇ କ'ଣ ପଦକ୍ଷେପ ନେଇଛି ସେ ନେଇ ପୁଲିସ ମୁଖ୍ୟ ଯାଂଚ କରିବାକୁ ଦାବି ହୋଇଛି ।

## ନିଆରା ନାରୀ

ଏବେ ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ଆଗକୁ ଆଗକୁ ବଢ଼ି ଚାଲିଛନ୍ତି । ପ୍ରାୟ ପ୍ରତ୍ୟେକ କ୍ଷେତ୍ରକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଛନ୍ତି । ଅଦମ୍ୟ ଉତ୍ସାହ ବଳରେ ଲିଙ୍ଗଗତ ଭେଦଭାବକୁ ପରାସ୍ତ କରିପାରିଛନ୍ତି । ଏମିତି କିଛି ମଳିଳାଙ୍କ କାହାଣୀକୁ ନେଇ ଏ ଉପସ୍ଥାପନା ।



### ନିଲ୍‌ଜା ୱାଙ୍ଗ୍‌ମୋ:

ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଜନ୍ମ ହୋଇଥିଲେ ବି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ସେଫ୍ ନିଲ୍‌ଜା ୱାଙ୍ଗମୋ । ଲଦାଖର ରାଜଧାନୀ ଲେହ୍ ଠାରୁ ପ୍ରାୟ ୭୦ କିଲୋମିଟର ଦୂରରେ ଅବସ୍ଥିତ ଅଲ୍‌ଚି ଗାଁରେ ନିଲ୍‌ଜାଙ୍କ ଜନ୍ମ । ନିଜ ପିତାଙ୍କୁ ହରେଇଲା ପରେ ତାଙ୍କ ଜୀବନରେ ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ପାରିବାରିକ ବିଶୃଙ୍ଖଳା ହେତୁ ଉଚ୍ଚଶିକ୍ଷାରୁ ମଧ୍ୟ ସେ ବଞ୍ଚିତ ହୋଇଥିଲେ । ପିଲାଦିନରୁ ନିଲ୍‌କା ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ରାନ୍ଧିବାକୁ ଭଲ ପାଉଥିଲେ । ପରବର୍ତ୍ତୀ ସମୟରେ ନିଜ ସଉକକୁ ସେ ତାଙ୍କ କ୍ୟାରିୟର କରିବାକୁ ସ୍ଥିର କରିଥିଲେ ଏବଂ 'ଅଲ୍‌ଚି କିଚେନ୍' ନାମକ ଏକ ଲଦାଖୀ ରେସ୍ତୋରାଁ ଆରମ୍ଭ କଲେ । 'ଅଲ୍‌ଚି କିଚେନ୍'ର ସ୍ୱତନ୍ତ୍ର ଖାଦ୍ୟ ତାଲିକାରେ ନୂଆ ନୂଆ ଲଦାଖୀ ବ୍ୟଞ୍ଜନକୁ ସେ ସାମିଲ କରିପାରିଛନ୍ତି । ଏହି କିଚେନ୍‌ରେ ପ୍ରସ୍ତୁତ ହେଉଥିବା 'ଆପ୍ରିକଟ୍ ଟୁ' ଏବଂ 'ତାସି ଟ୍ୟାଗି ଟି'ର ଚାହିଦା ରହିଛି ।

### ରଜିୟା ସୁଲତାନ୍:



ଖୁବ୍ କମ୍ ବୟସରେ ରଜିୟା ସୁଲତାନ୍ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ନାଙ୍ଗଲଖୁମ୍ବା ଗ୍ରାମରେ ଜନ୍ମ ହୋଇଥିବା ରଜିୟା ପିଲାବେଳକୁ ଫୁଟବଲ ସିଲେଇ କରୁଥିଲେ । ଫୁଟବଲ୍ ସିଲେଇ କାମ ସାରି ସେ ପାଠ ପଢ଼ିବାକୁ ଯାଉଥିଲେ । ଦିନେ ତାଙ୍କ ମନକୁ ଆସିଲା ଯେ ଯେଉଁ ଶିଶୁ ଶ୍ରମିକମାନେ ଏଣେତେଣେ କାମ କରୁଛନ୍ତି ସେମାନେ କେବେ ଶିକ୍ଷା ଗ୍ରହଣ କରିପାରିବେ ନାହିଁ । ଏହାପରେ ସେ 'ବଚ୍‌ପନ୍ ବଚାଓ' ଆନ୍ଦୋଳନରେ ଯୋଗ ଦେଲେ । ଏହି ଅଭିଯାନ ପାଇଁ ସେ ଗାଁର ଶିଶୁ ମୁଖିଆ ଭାବରେ ନିର୍ବାଚିତ ହୋଇଥିଲେ । ସେ ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ ଶିଶୁ ଶ୍ରମରେ ନିୟୋଜିତ ପିଲାମାନଙ୍କୁ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବା ଆରମ୍ଭ କରିଥିଲେ । ଖୁବ୍ କମ୍ ବୟସରେ ବଡ଼ କାମ ଦେଖି ମିଳିତ ଜାତିସଂଘ ପକ୍ଷରୁ ତାଙ୍କୁ 'ମଲାଲା' ସମ୍ମାନରେ ସମ୍ମାନିତ କରାଯାଇଥିଲା । ୨୧ ବର୍ଷିଆ ରଜିୟା କହନ୍ତି, ମୁଁ କେବଳ ମୋ ଅଞ୍ଚଳର ନୁହେଁ, ଦେଶର ବିଭିନ୍ନ ସ୍ଥାନରୁ ଶିଶୁ ଶ୍ରମକୁ ଶେଷ କରିବାକୁ ଚାହୁଁଛି ।

### ରଥିକା ରାମସାମି:

ରଥିକା ପିଲାଦିନରୁ ଫଟୋଗ୍ରାଫି ଏବଂ ଭ୍ରମଣରେ ସଉକ ରଖୁଥିଲେ । ଏକାଦଶ ଶ୍ରେଣୀରେ ପଢୁଥିବା ସମୟରେ କ୍ୟାମେରା ଓ ଫଟୋଗ୍ରାଫି ପ୍ରତି ତାଙ୍କର ରୁଚି ବଢ଼ିଥିଲା । ସେ ବନ୍ୟଜନ୍ତୁ ଫଟୋଗ୍ରାଫି କରିବାରେ ୨୫ ବର୍ଷ ଅତିବାହିତ କରିସାରିଲେଣି । ବିଶ୍ୱର ଅଧିକାଂଶ ଜାତୀୟ ଉଦ୍ୟାନ ପରିଦର୍ଶନ କରିବା ସହିତ ସୁନ୍ଦର ଫଟୋଗ୍ରାଫି ମଧ୍ୟ କରୁଛନ୍ତି । ସେ ଦେଶର ପ୍ରଥମ ମହିଳା ବୃତ୍ତିଗତ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍ ଭାବେ ଗୌରବ କରିଛନ୍ତି ।





### ଶାୟରି ଚହଲ:



ମହିଳାଙ୍କ ଉନ୍ନତି ଓ ସେମାନଙ୍କ ସମସ୍ୟାକୁ କେନ୍ଦ୍ର କରି ଏକ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟ୍ ଖୋଲାଯାଇଛି । ଏହି ସାଇଟ୍‌ରେ ମହିଳାମାନେ ନିଜ କ୍ୟାରିୟରଠାରୁ ଆରମ୍ଭ କରି ପାରିବାରିକ ସମସ୍ୟା ପର୍ଯ୍ୟନ୍ତ ସବୁ ବିଷୟରେ ଖୋଲାଖୋଲି ଭାବରେ କହିପାରିବେ । କୌଣସି ପ୍ରତିବନ୍ଧକ ରହିବ ନାହିଁ । 'ସିରୋଜ୍' ନାମକ ଏହି ନେଟ୍‌ୱାର୍କିଂ ସାଇଟ୍‌ର ପ୍ରତିଷ୍ଠାତା ହେଉଛନ୍ତି ଶାୟରି ଚହଲ୍ । ଏହି ସାଇଟ୍ ୧୪ ଜାନୁଆରି ୨୦୧୪ରେ ଶାୟରିଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ସମୟରେ ଏହି ସାଇଟ୍ ସହିତ ଦଶ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ି ହୋଇସାରିଛନ୍ତି । ଶାୟରି ବୃତ୍ତିରେ ସାମ୍ବାଦିକ । ଏଥିରେ ମହିଳାମାନେ ଇଂରାଜୀ, ବଙ୍ଗଳା, ହିନ୍ଦୀ, ମରାଠୀ ଭାଷାରେ ନିଜ ମତ ରଖିପାରିବେ । ଏହି ଆପ୍ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା କ୍ଷେତ୍ରରେ ସାହାଯ୍ୟ କରିଥାଏ । ଏହା ପୂର୍ବରୁ ଶାୟରି ଫ୍ଲେକ୍ସିମମ୍‌ର ସହ ସଂସ୍ଥାପକ ଭାବେ କାର୍ଯ୍ୟ କରିଛନ୍ତି ।

### କୁଶାଲ୍ ରାଜେନ୍ଦ୍ରନ:

ଭୂକମ୍ପ କିମ୍ବା ସୁନାମି ପରି ବିପର୍ଯ୍ୟୟ ଅନେକ କ୍ଷତି ଘଟାଇଥାଏ । ତେବେ ବାଙ୍ଗାଲୋରର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ପ୍ରଫେସର୍ ଥିବା କୁଶଲ୍ ରାଜେନ୍ଦ୍ରନ ଭୂକମ୍ପ ଏବଂ ସୁନାମିକୁ ନିଜର ଗବେଷଣାର କ୍ଷେତ୍ର ଭାବେ ବାଛିଥିଲେ । ଦକ୍ଷିଣ ଭାରତୀୟ ପରିବାରରେ ଜନ୍ମ ହୋଇଥିବା କୁଶଲ୍ ପ୍ରଥମେ ଥିରୁଅନନ୍ତପୁରମ୍‌ରୁ ଏବଂ ପରେ ଆଇଆଇଟି ରୁର୍‌କୀରୁ ଉଚ୍ଚଶିକ୍ଷା ପ୍ରାପ୍ତ କଲେ ।



ଜିଓଫିଜିକ୍ସରେ ମାଷ୍ଟର ଡିଗ୍ରୀ କରିବା ପରେର ସେ ସମସ୍ତ ଛାତ୍ରୀ ମଧ୍ୟରେ ଏକମାତ୍ର ଛାତ୍ରୀ ଥିଲେ । ଏହାପରେ ସେ ସହଯୋଗୀ ପ୍ରଫେସର ଭାବରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ପ୍ରବେଶ କରିଥିଲେ । ସେଠାରେ ସେ ପ୍ରସିଦ୍ଧ ଭୂବିଜ୍ଞାନୀ ସି.ପି. ରାଜେନ୍ଦ୍ରନଙ୍କ ସହ ଭେଟ ହୋଇଥିଲେ । ପରେ ତାଙ୍କୁ ବିବାହ କରିଥିଲେ । ଦକ୍ଷିଣ ଭାରତରେ କାଭେରିପଟ୍ଟନମ୍ ସହରରେ ଏକ ଭୟଙ୍କର ସୁନାମି ହୋଇଥିଲା, ସେତେବେଳେ କୁଶଲ ଏବଂ ତାଙ୍କ ସ୍ୱାମୀ ଏହା ଉପରେ ଗବେଷଣା ଆରମ୍ଭ କଲେ । ୨୦୦୪ ସେହି ମାଟିର ଅବଶିଷ୍ଟାଂଶରୁ ପ୍ରମାଣ କରିଥିଲେ ଯେ ଏକ ହଜାର ବର୍ଷ ପୂର୍ବେ-ମଧ୍ୟ ସେହି ସ୍ଥାନରେ ସୁନାମି ଘଟିଥିଲା । ଜଣେ ବୈଜ୍ଞାନିକ ଭାବେ କୁଶାଲ୍ ଜାତୀୟ ପୁରସ୍କାର ମଧ୍ୟ ଲାଭ କରିଛନ୍ତି ।





## ସ୍ୱାସ୍ଥ୍ୟ ମନ୍ତ୍ର

ଶିଶୁ ମାଆର ସ୍ୱର ଶୁଣିଲେ, ତା'ର ମସ୍ତିଷ୍କର ବିଭିନ୍ନ ଅଂଶ ସକ୍ରିୟ ହୁଏ । ସାତରୁ ବାର ମାସ ବୟସ୍କ ଚବିଶ ଜଣ ଶିଶୁଙ୍କ ମସ୍ତିଷ୍କର ସ୍କାନିଂରୁ ଏହା ଜଣାପଡ଼ିଛି । ଶିଶୁ, ନିଜ ମାଆର ସ୍ୱର ଏବଂ ଅନ୍ୟ ମହିଳାଙ୍କ ସ୍ୱର ଭିତରେ ଥିବା ଫରକ ଧରିପାରେ । ସ୍ୱାଭାବିକ ଭାବେ ଶିଶୁ, ନିଜ ମାଆର ସ୍ୱର ବାରିପାରିବାର ସଂଭାବନା ପ୍ରାୟ ଅଠାନବେ ପ୍ରତିଶତ । ତେଣୁ, ମାଆର ସ୍ୱର ସହ ଶିଶୁର ମସ୍ତିଷ୍କର ବିକାଶ ଗଭୀର ଭାବେ ସଂପର୍କିତ । ଯେଉଁ ମାଆମାନେ କୁନି ଶିଶୁ ସହ କଥାବାର୍ତ୍ତା ହୁଅନ୍ତି ନାହିଁ, ସେହି ଶିଶୁ ଭବିଷ୍ୟତ୍‌ରେ ଅଟିଜିମ୍ ଭଳି ବିକାରର ଶିକାର ହେବାର ଆଶଙ୍କା ଅଧିକ । ମାଆର ସ୍ୱର ହିଁ ଶିଶୁର ସାମାଜିକ ସଂଯୋଗକୁ ପ୍ରଭାବିତ କରିଥାଏ । ମାଆ ସ୍ୱର ଶିଶୁବାରୁ ବଞ୍ଚିତ ଶିଶୁ ପରବର୍ତ୍ତୀ କାଳରେ ସ୍ୱାଭାବିକ ଭାବେ ଭାବ-ବିନିମୟ କରିପାରିନ୍ତି ନାହିଁ । 'ଷ୍ଟାନ୍‌ଫୋର୍ଡ୍ ୟୁନିଭର୍ସିଟି ସ୍କୁଲ ଅଫ୍ ମେଡିସିନ୍'ର ଗବେଷକମାନେ ଏ ବାବଦରେ ଅଧିକ ଜାଣିବା ପାଇଁ ଗବେଷଣା ଜାରିରଖିଛନ୍ତି ।

## ପ୍ରଥମ ସ୍ତନ୍ୟପାୟୀ କ୍ଲୋନ୍ 'ଡଲି'

୧୯୯୬ ଜୁଲାଇ ୫ ତାରିଖରେ ଜନ୍ମ ନେଇଥିଲା ମାଈ ମେଣ୍ଢା ଡଲି । ସ୍କଟ୍‌ଲାଣ୍ଡର ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନୀ କିଥ୍ କ୍ୟାମ୍ପବେଲ୍ ଓ ଆୟାନ୍ ୱିଲ୍‌ମୁଟ୍ ପ୍ରଥମ ଥର ପାଇଁ ଦୁଇଟି ଭିନ୍ନ ମାଆଙ୍କ ଠାରୁ ଡିମ୍ବାଣୁ ଓ ଡିଏନ୍‌ଏ ଆଣି ତୃତୀୟ ମାଆର ଗର୍ଭାଶୟରେ ଭ୍ରୂଣ ରୂପେ ସ୍ଥାପନ କରିବାରେ ସକ୍ଷମ ହୋଇଥିଲେ । ଏକ ପ୍ରାପ୍ତ ବୟସ୍କ ମେଣ୍ଢାର ଅଣ-ପ୍ରଜନନକ୍ଷମ କୋଷରୁ ନ୍ୟୁକ୍ଲିୟସ୍‌କୁ ଆଣୁ ଅନ୍ୟ ଏକ ମେଣ୍ଢା ଡିମ୍ବାଣୁର ନ୍ୟୁକ୍ଲିୟସ୍ ସ୍ଥାନରେ ସ୍ଥାପନ କରି ଏକ ହାଇବ୍ରିଡ୍ କୋଷ ପ୍ରସ୍ତୁତ କରାଯାଇଥିଲା । ଏକ ସୁନିୟନ୍ତ୍ରିତ ଇଲେକ୍ଟ୍ରିକ୍ ସକ୍ ମାଧ୍ୟମରେ ଏହି କୋଷ ବିଭାଜନକୁ ଆରମ୍ଭ କରାଯାଇ ଅନ୍ୟ ମେଣ୍ଢାର ଗର୍ଭାଶୟରେ ରଖାଯିବା ପରେ ଡଲିର ଜନ୍ମ ହୋଇଥିଲା । ଏହା ଜୀବ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା । ଛଅ ବର୍ଷ ବୟସରେ ମୃତ୍ୟୁବରଣ କରିବା ପୂର୍ବରୁ ଡଲି ବିଶ୍ୱବିଖ୍ୟାତ ହୋଇସାରିଥିଲା ।



## ଧୁସ୍‌କା



ଝାଡ଼ଖଣ୍ଡର ଏକ ସ୍ୱାଦିଷ୍ଟ ଖାଦ୍ୟ ଧୁସ୍‌କା । ଘରେ ଘରେ ପରିଚିତ ଏହି ଖାଦ୍ୟ । ଚଟପଟା ଖାଦ୍ୟ ଭାବେ ବି ଏହାର ପରିଚୟ ରହିଛି । ଯଦି କେବେ ଆପଣ ଝାରଖଣ୍ଡ ବୁଲିବାକୁ ଯିବେ ନିଶ୍ଚିତ ଭାବେ ରାସ୍ତା କଡ଼ ଜଳଖିଆ ଦୋକାନରେ ଧୁସ୍‌କା ଦେଖିବାକୁ ପାଇବେ । ଅନ୍ୟ କିଛି ଜଳଖିଆ ଥାଉ ବା ନଥାଉ, ଧୁସ୍‌କା ପ୍ରାୟ ପ୍ରତ୍ୟେକ ଜଳଖିଆ ଦୋକାନରେ ମିଳିଥାଏ । ଧୁସ୍‌କା ସହିତ ଆଳୁ ତରକାରୀ ଝାରଖଣ୍ଡର ଏକ ଲୋକପ୍ରିୟ ଜଳଖିଆ । ଆମ ଓଡ଼ିଶାରେ ଯେମିତି ଲୋକମାନେ ପିଠା କରିବା ପାଇଁ ବିରି, ଚାଉଳ ଏକାଠି ବତୁରାଇ ବାଟି ଥାଆନ୍ତି ଠିକ୍ ସେମିତି ଧୁସ୍‌କା ପାଇଁ ମଧ ଚାଉଳ ଓ ବିରିକୁ ବତୁରାଇବାକୁ ହୋଇଥାଏ । ତେବେ ତିଆରି କରିବାର ପଦ୍ଧତି ଭିନ୍ନ । ଏହାକୁ ତେଲରେ ଛାଣି ଖିଆଯାଇପାରିବ । ନହେଲେ ତାୱାରେ ଫ୍ରାଏ କରି ମଧ ପ୍ରସ୍ତୁତ କରାଯାଇପାରିବ । ଧୁସ୍‌କା ସହିତ ଆଳୁ ତରକାରୀ ନହେଲେ ବି ଚଟଣି କିମ୍ବା ସସ୍ ସହିତ ଏହାକୁ ଖିଆ ଯାଇପାରିବ । ଏଥିରେ ବୁଟ ଡାଲି ମିଶୁଥିବାରୁ ଏହା ପ୍ରୋଟିନରେ ଭରପୂର । ଧୁସ୍‌କା ପ୍ରସ୍ତୁତ କଲା ବେଳେ ପିଆଜ, ରସୁଣ ମିଶା ଯାଉନଥିବାରୁ ଏହାକୁ ପୂଜା, ବ୍ରତ ଅବସରରେ ମଧ ଖିଆ ଯାଇପାରିବ । ବଡ଼କଥା ହେଲା ଧୁସ୍‌କା ପାଇଁ ଆଣ ପ୍ରସ୍ତୁତ କରି ଆପଣ ଫ୍ରିଜ୍‌ରେ ଚାରିରୁ ପାଞ୍ଚ ଦିନ ରଖିପାରିବେ । ଆଦୌ ନଷ୍ଟ ହେବ ନାହିଁ । ତା' ହେଲେ ଆସନ୍ତୁ ଜାଣିବା ଏହି ଖାଦ୍ୟର ପ୍ରସ୍ତୁତି ବିଷୟରେ ।

### ପ୍ରସ୍ତୁତି:

ଧୁସ୍‌କା ପ୍ରସ୍ତୁତି ପାଇଁ ଚାଉଳ, ବୁଟ ଡାଲି, ବିରି, କଞ୍ଚାଲଙ୍କା, ଅଦା, ଧନିଆ ପତ୍ର, ଜୀରା, ଲୁଣ, ହେଙ୍ଗୁ, ହଳଦୀ ଗୁଣ୍ଡ, ଇନୋ ଫ୍ରୁଟ୍ ସଲ୍ଟ, ତେଲ ଆବଶ୍ୟକ ହୋଇଥାଏ । ପ୍ରଥମେ ଆସନ୍ତୁ ଜାଣିବା କେଉଁ ଜିନିଷ କେତେ ମାତ୍ରାରେ ଦରକାର ପଡ଼ିବ । ଧୁସ୍‌କା ପାଇଁ ଚାଉଳ ୧ କପ୍ (୨୦୦ଗ୍ରାମ୍), ବୁଟ ଡାଲି ଅଧ କପ୍ (୧୦୦ଗ୍ରାମ୍), ବିରି ଚଉଠେ କପ୍ (୫୦ ଗ୍ରାମ୍), କଞ୍ଚା ଲଙ୍କା ୪ ଟା, ଅଦା ୩/୪ ଇଞ୍ଚ, କଟା ଧନିଆ ପତ୍ର ୨ ଟେବଲ ଚାମଚ, ଜୀରା ୧ ଛୋଟ ଚାମଚ, ହେଙ୍ଗୁ ଚିମୁଟାଏ, ହଳଦୀ ପାଉଡର ସାମାନ୍ୟ, ଲୁଣ ସ୍ୱାଦ ଅନୁସାରେ, ଇନୋ ଫ୍ରୁଟ ସଲ୍ଟ ୧/୪ ଚାମଚ, ଛାଣିବା ପାଇଁ ରିଫାଇନ ତେଲ । ଇନୋ ଫ୍ରୁଟ ସଲ୍ଟ ଜାଗାରେ ଖାଇବା ସୋଡ଼ା ମଧ ମିଶାଇ ପାରିବେ । ଚାଉଳ, ଚଣା ଡାଲି, ବିରିକୁ ଭଲ କରି ଧୋଇ ଅଲଗା ଅଲଗା କରି ବତୁରାଇ ରଖନ୍ତୁ । ୪ରୁ ୫ ଘଣ୍ଟା ବତୁରି ଗଲା ପରେ ଏହାକୁ ଆଉ ଥରେ ଧୋଇନିଅନ୍ତୁ ।



ଏଥର ଚାଉଳରେ ସାମାନ୍ୟ ପାଣି ଦେଇ ମିକସିରେ ବାଟି ନିଅନ୍ତୁ ।

ଏହା ପରେ ମିକ୍ସିରେ ବୁଟ ଡାଲି, ବିରି, ଅଦା, କଞ୍ଚାଲଙ୍କା ଏବଂ ସାମାନ୍ୟ ପାଣି ମିଶାଇ ବାଟି ରଖନ୍ତୁ । ମିଶ୍ରଣକୁ ଆଦୌ ପାଣିଆ କରିବେ ନାହିଁ । ଏହାପରେ ଚାଉଳ ଓ ବୁଟ-ବିରିର ମିଶ୍ରଣକୁ ଏକାଠି କରି ସେଥିରେ ଜୀରା, ହେଙ୍ଗୁ, ହଳଦୀ, ସ୍ୱାଦ ଅନୁସାରେ ଲୁଣ ଏବଂ କଟା ଧନିଆ ପତ୍ର ମିଶାଇ ଭଲ କରି ଗୋଳାଇ ଦିଅନ୍ତୁ । ମିଶ୍ରଣ ଅଧିକ ବହଳିଆ ହୋଇଥିଲେ ସାମାନ୍ୟ ପାଣି ମିଶାଇ ପାରିବେ । ଯେମିତି ଇଡଲି ପାଇଁ ପିଠଉ ପ୍ରସ୍ତୁତ ହୁଏ ସେମିତି କରିବେ । ଏହାପରେ କରେଇରେର ତେଲ ଗରମ କରନ୍ତୁ । ତେଲ ଗରମ ହେଲା ପରେ ଆଗରୁ ପ୍ରସ୍ତୁତ କରି ରଖିଥିବା ଘୋଳରେ ଇନୋ ଫ୍ରୁଟ ସଲ୍ଟ ଗୋଳାଇ ଦିଅନ୍ତୁ । ବାସ ଏକ ବଡ଼ ଚାମଚରେ ଏହି ଘୋଳରୁ ନେଇ ଧୀରେ ଧୀରେ ତେଲରେ ପକାନ୍ତୁ । ତଳ ପଟୁ ଭାଜି ହୋଇ ଆସିଲେ ଓଲଟାଇ ଦିଅନ୍ତୁ । ମଧ୍ୟମ ଆଞ୍ଚରେ ଛାଣିବେ । ବାଦାମି ରଙ୍ଗର ହୋଇଆସିଲେ ତେଲରୁ ବାହାର କରି ଆଣନ୍ତୁ । ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ ଧୁସ୍‌କା । ଯଦି ଆପଣ ତେଲରେ ଛାଣିବାକୁ ଚାହାନ୍ତି ନାହିଁ ତେବେ ଫ୍ରାଇଂ ପ୍ୟାନ୍‌ରେ ତେଲ ଦେଇ ସ୍ୟାଲୋ ଫ୍ରାଏ ମଧ କରିପାରିବେ । ଏହାକୁ ଚଟଣି, ଫ୍ରାଏ ମଧ କରିପାରିବେ । ଏହାକୁ ଚଟଣି, ଆଳୁ ତରକାରୀ, ଘୁଗୁନି ଆଦି ସହିତ ପରିବେଷଣ କରିପାରିବ ।

## ଭିନ୍ନ ରୂପର ଚା' ନୁନ୍ ଚା'

ଚା' କିମ୍ବା କଫି ପାନୀୟ ଅଧିକ ପରିମାଣରେ ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଦିନକୁ ଥରେ କିମ୍ବା ଦୁଇଥର ଚା ପିଇପାରନ୍ତି । ବଜାରରେ ବିଭିନ୍ନ ସ୍ୱାଦର ଚା' ମିଳୁଛି । ତନ୍ମଧ୍ୟରୁ ଅନ୍ୟତମ ହେଲା, 'ନୁନ୍ ଚା' । କାଶ୍ମୀର ଘାଟି ଅଞ୍ଚଳରେ ଏଇ ବିଶେଷ ସ୍ୱାଦ ତଥା ରୂପର ଚା'ର ଲୋକପ୍ରିୟତା ସର୍ବାଧିକ । ତୁର୍କୀରୁ ଏହି ଚା'ର ଉତ୍ପତ୍ତି ହୋଇଥିବାର ଅନୁମାନ କରାଯାଉଥିବାବେଳେ ପ୍ରସ୍ତୁତ ଏହି ନୁନ୍ ଚା' ଶୀତଦିନେ ସ୍ଥାନୀୟ କାଶ୍ମୀର ଲୋକେ ଅଧିକ ପିଉଥିବାର ଦେଖାଯାଏ । ଦ୍ୱିପହର ଭୋଜନ ପରେ ପରେ ଏହି ଚା' ପିଆଯାଉଥିବାରୁ ବିଶେଷଜ୍ଞଙ୍କ ମତରେ ଶୀତରେ ନୁନ୍ ଚା' ପିଇଲେ ତାହା ଶରୀରକୁ ଉଷ୍ଣତା ପ୍ରଦାନ କରେ । ଏଥିରେ ମହଜୁଦ୍ ଥିବା ସୋଡ଼ା ପାଚନତନ୍ତ୍ରକୁ ଉତ୍ତମ କରିବା ସହ ଅମ୍ଳ କମ୍ କରିବାରେ ସହାୟକ ହୋଇଥାଏ । ମାନସିକ ଚାପକୁ ମଧ୍ୟ ଅନେକାଂଶରେ ନିୟନ୍ତ୍ରଣ କରିପାରୁଥିବା ନୁନ୍ ଚା କାଶ୍ମୀର ଘାଟି ଅଞ୍ଚଳରେ ଚାଷ କରାଯାଇଥାଏ । ନୁନ୍ ଚା'ର ଫୁଲକୁ ଶୁଖାଇ ଚା' ପତି ତିଆରି ହୁଏ । କାଶ୍ମୀର ଲୋକଙ୍କ କହିବାନୁସାରେ, ଏହାର ପ୍ରସ୍ତୁତି ମଧ ଭିନ୍ନ ଭାବେ ହୁଏ । ପାଣିକୁ ଅଳ୍ପ ଫୁଟାଇ ପ୍ରଥମେ ସୋଡ଼ା ମିଶାଯାଏ । ଚା'ର ରଙ୍ଗ ଏଇ ସମୟରେ ଲାଲ ହୋଇଯାଇଥାଏ, ଏଥିରେ କ୍ଷୀର ମିଶାଯିବା ପରେ ଚା'ର ରଙ୍ଗ ସୁନ୍ଦର ଗୋଲାପୀ ରଙ୍ଗରେ ପରିବର୍ତ୍ତନ ହୋଇଥାଏ । ପରେ ନୁନ୍ ପତି ଓ ଚିନି ମିଶାଇ ୨-୩ ମିନିଟ୍ ଫୁଟାଇଲେ ପରେ ଚା' ପ୍ରସ୍ତୁତ । ଗୋଲାପୀ ରଙ୍ଗରର ଏଇ ଚା'କୁ କାଶ୍ମୀର ଆସୁଥିବା ପର୍ଯ୍ୟଟକମାନେ ମଧ ପିଇବାକୁ ପସନ୍ଦ କରିଥାନ୍ତି । କାଶ୍ମୀର ଲୋକଙ୍କ ମତରେ ନୁନ୍ ଚା' ରଙ୍ଗ ଦେଖିଲେ ହିଁ ମାନସିକ ଶାନ୍ତି ମିଳେ ।



## ହୋଟେଲ୍ ଭିତରେ ଦୁଇଟି ଦେଶ

ଦୁନିଆରେ ଏଭଳି ଅନେକ ହୋଟେଲ୍ ଅଛି ଯାଂହା ନିଜର ଭିନ୍ନ ଭିନ୍ନ ଗୁଣ ପାଇଁ ଲୋକଙ୍କ ମଧ୍ୟରେ ପରିଚିତ । କୌଣସି ହେଟେଲ୍ ନିଜର ନିର୍ମାଣ ଶୈଳୀ ଯୋଗୁ କେତେବେଳେ ନିଆରା ତ ଆଉ କେଉଁ ହୋଟେଲ୍ ସ୍ୱତନ୍ତ୍ର ସୁବିଧା ପାଇଁ ଅନ୍ୟଠାରୁ ଭିନ୍ନ ହୋଇଥାଆନ୍ତ । ଏଭଳି ଏକ ହୋଟେଲ୍ ଅଛି ଯାହା ଦୁଇଦେଶ ଭିତରେ ଅବସ୍ଥିତ । ଅର୍ଥାତ୍ ଆପଣ ଯଦି ସେହି ହୋଟେଲ୍‌ରେ ଶୋଇଥିବା ସମୟରେ କଡ଼ ଲେଉଟାଇବେ ତେବେ ଅନ୍ୟ ଏକ ଦେଶରେ ପହଞ୍ଚିଯିବେ । କଥାଟି ଯୋଗ୍ୟ ନହେଲେ ମଧ୍ୟ ସତ । ଏହି ଅଜବ ହୋଟେଲ୍‌ଟି ଦୁଇଦେଶ ସୀମାରେ ରହିଛି । ସେ ଦୁଇଟି ଦେଶ ହେଉଛନ୍ତି ଫ୍ରାନ୍ସ ଓ ସୁଇଜରଲ୍ୟାଣ୍ଡ୍ । ହୋଟେଲ୍‌ଟି ଦୁଇଦେଶ ପରିସୀମା ଭିତରେ ଥିବାରୁ ତାହାର ମଧ୍ୟ ଦୁଇ ଦୁଇଟି ଠିକଣା ରହିଛି । ହୋଟେଲ୍ ମଝିରେ ଦୁଇଦେଶର ସୀମାରେଖା ଗତି କରୁଥିବା ବେଳେ ଭିତରେ ଥିବା ବାର୍ ସୁଇଜରଲାଣ୍ଡ୍‌ରେ ଓ ଶୌଚାଳୟ ଫ୍ରାନ୍ସରେ ରହିଛି । ଏଥିରେ ଥିବା ଦୁଇଟି ରୁମ୍‌କୁ ଦୁଇଭାଗରେ ବଣ୍ଟାଯାଇଛି । ଭିତରେ ଥିବା ପ୍ରତ୍ୟେକ ଜିନିଷକୁ ଅଧା ଅଧା ଦୁଇ ଭିନ୍ନ ଦେଶ ଅନୁସାରେ ମଧ୍ୟ ସଜା ହୋଇଛି ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଦାୟ ପ୍ରଣମ୍ୟ...

ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ମୃତ୍ୟୁରେ ଦେଶ କେବଳ ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କୁ ହରାଇନାହିଁ, ଜଣେ ପ୍ରବୀଣ ରାଷ୍ଟ୍ରନୀତିଜ୍ଞଙ୍କୁ ମଧ ହରାଇଛି । ତାଙ୍କର ପରଲୋକ ସହ ଏକ ଯୁଗର ଅବସାନ ଘଟିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଦଳମତ ନିର୍ବିଶେଷରେ ସେ ଯେ ଜଣେ ସର୍ବମାନ୍ୟ ଜନନେତା ଥିଲେ ତାହା ଅନସ୍ୱୀକାର୍ଯ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ମସିହାରେ କେନ୍ଦ୍ରରେ ଏନଡିଏ ନେତୃତ୍ୱାଧୀନ ସରକାର ଗଠନ କରିବା ପରେ ଏକଦା କହିଥିଲେ- ସେ ଯେତେବେଳେ ଦିଲ୍ଲୀ ରାଜନୀତି ସହିତ ସୁପରିଚିତ ନଥିଲେ ପ୍ରଣବ ମୁଖାର୍ଜୀ ହିଁ ତାଙ୍କୁ ଅନେକ କାର୍ଯ୍ୟରେ ମାର୍ଗଦର୍ଶନ କରିଥିଲେ । ଶ୍ରଦ୍ଧା ଓ ସମ୍ମାନର ସହ ସ୍ୱୀକାର କରିଥିଲେ ଯେ ପ୍ରଣବଦା'ଙ୍କ ନିକଟରେ ସେଥିପାଇଁ ସେ କୃତଜ୍ଞ । କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୁହଁନ୍ତି, ଅନେକ ରାଜନେତାଙ୍କ ପାଇଁ ସେ ଥିଲେ ମାର୍ଗଦଶକ ଓ ଶୁଭଚିନ୍ତକ । କଂଗ୍ରେସ ରାଜନୀତି ସହିତ ଜୀବନ ବିତାଇଥିବା ପ୍ରଣବ ମୁଖାର୍ଜୀ କେବଳ ସ୍ୱାଧୀନ ଭାରତର ଉଭୟ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ରାଜନୀତିକୁ ଅତି ନିକଟରୁ ଦେଖିଥିଲେ । ତାଙ୍କ ଠାରେ ଥିବା ସ୍ୱାଭାବିକ ନେତୃତ୍ୱର ଝଲକ ଲକ୍ଷ୍ୟ କରି ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ନରସିଂହ ରାଓ ଏବଂ ମନମୋହନ ସିଂହଙ୍କ କ୍ୟାବିନେଟରେ ଅର୍ଥମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ସ୍ୱାରାଷ୍ଟ୍ର

> ତାଙ୍କ ଠାରେ ଥିବା ସ୍ୱାଭାବିକ ନେତୃତ୍ୱର ଝଲକ ଲକ୍ଷ୍ୟ କରି ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ନରସିଂହ ରାଓ ଏବଂ ମନମୋହନ ସିଂହଙ୍କ କ୍ୟାବିନେଟରେ ଅର୍ଥମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ସ୍ୱାରାଷ୍ଟ୍ର ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ନିଷ୍ଠାର ସହ ନିର୍ବାହ କରିଥିଲେ । ପୁଣି ଦେଶର ତ୍ରୟୋଦଶ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାଲାଗି ତାଙ୍କୁ ଯେଉଁଭଳି ଭାବେ ପ୍ରମୁଖ ରାଜନୈତିକ ଦଳଙ୍କ ପକ୍ଷରୁ ସମର୍ଥନ ମିଳିଥିଲା ତାହା ଥିଲା ଏକ ବିସ୍ମୟକର ଘଟଣା ।

ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ନିଷ୍ଠାର ସହ ନିର୍ବାହ କରିଥିଲେ । ପୁଣି ଦେଶର ତ୍ରୟୋଦଶ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାଲାଗି ତାଙ୍କୁ ଯେଉଁଭଳି ଭାବେ ପ୍ରମୁଖ ରାଜନୈତିକ ଦଳଙ୍କ ପକ୍ଷରୁ ସମର୍ଥନ ମିଳିଥିଲା ତାହା ଥିଲା ଏକ ବିସ୍ମୟକର ଘଟଣା । ପ୍ରଣବ ମୁଖାର୍ଜୀଙ୍କ ରାଜନୈତିକ ଜୀବନକାଳ ସ୍ୱାଧୀନ ଭାରତ ସେହି ମହତ୍ତ୍ୱପୂର୍ଣ୍ଣ ପାଞ୍ଚଦଶନ୍ଧି ସହିତ ଜଡ଼ିତ, ଯେତେବେଳେ ଭାରତ ନିଜକୁ ବିଶ୍ୱର ଅନ୍ୟତମ ସୁଦୃଢ଼ ରାଷ୍ଟ୍ର ଭାବେ ସୁପରିଚିତ କରାଇପାରିଥିଲା, ଏବଂ ସେଥିରେ ତାଙ୍କର ଯୋଗଦାନକୁ କଦାପି ଅସ୍ୱୀକାର କରାଯାଇନପାରେ । କେବଳ ସେତିକି ନୁହେଁ, ଇନ୍ଦିରା ଗାନ୍ଧୀଙ୍କଠାରୁ ନେଇ ମନମୋହନ ସିଂହଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସେ ଥିଲେ ଧୂରୀଣ ପରାମର୍ଶଦାତା ଏବଂ ଦଳ ପାଇଁ ତାଙ୍କର ରଣନୀତି ଥିଲା ସର୍ବମାନ୍ୟ । କଂଗ୍ରେସ ଦଳରେ ଏକାଧିକ ବାର ଉତ୍‌ଥାନ ଓ ପତନକୁ ସେ ଅତି ନିକଟରୁ କେବଳ ଦେଖୁନଥିଲେ, ଅଙ୍ଗେ ଲିଭାଇଥିଲେ ମଧ । ତଥାପି ତାଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ଦଳ ପାଇଁ ଥିଲା ବୀଜମନ୍ତ୍ର ସଦୃଶ । ଓଡ଼ିଶାକୁ ପ୍ରଣବଦା' ଖୁବ୍ ଭଲ ପାଉଥିଲେ । ୧୯୮୦ ଦଶକଠାରୁ ଓଡ଼ିଶା ରାଜନୀତି ସହିତ ମଧ ଜଡ଼ିତ ଥିଲେ । ତେଣୁ କେନ୍ଦ୍ରରେ ବିଭିନ୍ନ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ସମୟରେ ସେ କେବଳ ବାରମ୍ବାର ଓଡ଼ିଶା ଗସ୍ତରେ ଆସିନଥିଲେ, ରାଜ୍ୟର ଉନ୍ନତି ପାଇଁ ସୁଦ୍ଧା ସଦାବେଳେ ସେ ସହଯୋଗର ହାତ ବଢ଼ାଇଥିଲେ । ଏହାର କାରଣ ଥିଲା ବିଜୁ ପଟ୍ଟନାୟକଙ୍କଠାରୁ ନେଇ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସହ ତାଙ୍କର ଥିବା ସମ୍ପର୍କ । ପ୍ରଣବ ମୁଖାର୍ଜୀଙ୍କ ବିୟୋଗ ସହ ବାସ୍ତବିକ ଦେଶ ଜଣେ ଭାରତରତ୍ନଙ୍କୁ ହରାଇଲା । କାରଣ ସେ ନିଜର କର୍ମ ଓ ଚିନ୍ତନ ବଳରେ ରାଜନେତା ସ୍ତରରୁ ଜନନେତା ପର୍ଯ୍ୟାୟରେ ପହଞ୍ଚିଥିଲେ । ତାଙ୍କ ଅମର ଆତ୍ମା ଶାନ୍ତି ଲଭୁ, ଏହା ଆଜି କୋଟି ଭାରତୀୟଙ୍କ ପ୍ରାର୍ଥନା ।

## କବିତା କୋଣାର୍କ

### ମାୟାବିନୀ ପ୍ରିୟା..

**ସୁଶୀଲ୍ କୁମାର ଭୋଇ**

ଝିପିଝିପି ଅଦିନିଆ ବର୍ଷା ରାତିରେ
ଥରି ଗଲା ମୋର ଦେହ
ବିଜୁଳୀ ଆଲୁଅରେ ଝାପ୍ସା ଦିଶିଲା
ତୋରି ସୁନ୍ଦରୀ ମୁହଁ ।

ଭିଜା ଭିଜା ମୋର ନିରୀହ ଦେହରେ
ଖେଳି ଗଲା ସିହରଣ
ତୋରି ପାଖରୁ ମୋ ଦୁଇ ଆଖି
ଅଟକି ଗଲା ସେ ଦିନ ।

ସ୍ମିତ ହସି ଦେଇ ଉଭେଇ ଗଲୁ
ମରୁ ମରୀଚିକା ପରି
ଯେତେ ଖୋଜିଲେ ବି ପାଇଲିନି ଆଉ
ମନେ ଦୁଃଖ ଗଲା ଭରି ।

ବର୍ଷା ଯେବେ ହୁଏ ଅଦିନ ମେଘରେ
ଥରି ଯାଏ ମୋର ଛାତି
ସେତେବେଳେ ପ୍ରିୟା ତମକୁ ଖୋଜେ
ଦିନ ହେଉ ଅବା ରାତି ।

ମାୟାବିନୀ ପରି ଭ୍ରମ ସୃଷ୍ଟି କର
ମୋର ଆଖି ଦେଖା ଦେଇ
ଏକା ଏକା ଲାଗେ ତୁମ ବିନା ପ୍ରିୟା
ଫିକା ଲାଗେ ମୋ ଜୀବନ ଜ୍ୟୋତି ।


+ ସାମାଜିକ କର୍ମୀ
ବରକୁଦା, ପାଞ୍ଚଗାଁ, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ମୋ: ୬୩୭୧୭୭୭୮୭୬


### ଶେଷ କଥା..

**ସିଦ୍ଧେଶ୍ୱର ତ୍ରିପାଠୀ**

ଖୋଜିବାକୁ ବାକି ଅଛି
ଆଉକି ଠିକଣା
ଅଧା ବାଟେ ହାତ ଛାଡ଼ି
କଲ ବାଟବଣା ।

ଦୂର ଦେଶେ ଚାଲିଯିବି
ମୁଁ ଯେ ଏକା ହୋଇ
ତୁମ ସାଥେ ଆଉ କେବେ
ଭେଟ ହେବ ନାହିଁ ।

ସମୟ ସାଥୀରେ ଦିନେ
ହେବି ମୁଁ ବିଲୀନ
ଏଇ ଦୁନିଆଁ ରୁ
ପୋଛି ଦେଇ ସବୁ ଚିହ୍ନ ।

ଆଖିରେ ଲୁହର ଧାର
ହୃଦୟରେ ବ୍ୟଥା
ମନ ସପନ କୁ ନେଇ
ଜୀବନର ଏଇ ଶେଷ କଥା ।


+ କୁଣ୍ଡିଲୋ, ଖୋର୍ଦ୍ଧା ।


# ଆଦର୍ଶ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀ ଉପଲକ୍ଷେ

**ପ୍ରଦୀପ୍ତ ଆଚାର୍ଯ୍ୟ**



୧୯୧୮ ମସିହା ଅଗଷ୍ଟ ମାସର ୩୦ତାରିଖ, ପବିତ୍ର ଗଣେଶ ଚତୁର୍ଥୀ ଦିନ ବ୍ରହ୍ମପୁର ବାସିନ୍ଦା ଜଣେ ଆଦର୍ଶ ଶିକ୍ଷକ ରଘୁନାଥ ଆଚାର୍ଯ୍ୟଙ୍କ ଔରସରୁ ଜାତ ପୁତ୍ର ସନ୍ତାନ ଯେ ଭବିଷ୍ୟତରେ ଓଡିଶା ରାଜ୍ୟର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବ ଏକଥା ସ୍ୱପ୍ନରେ ମଧ୍ୟ ଭାବିନଥିଲେ ତାଙ୍କର ପିତାମାତା।ପବିତ୍ର ଗଣେଶ ଚତୁର୍ଥୀ ଦିନ ଜନ୍ମ ଗ୍ରହଣ କରିଥିବାରୁ ତାଙ୍କର ନାମକରଣ ହୋଇଥିଲା ବିନାୟକ। ଜଣେ ପରୋପକାରୀ, ଦୟାବନ୍ତ, ସ୍ନେହୀ. ଶୃଙ୍ଖଳିତ, ଦରଦୀହୃଦୟ ଆଦର୍ଶ ବ୍ୟକ୍ତିତ୍ୱ ସାର୍ଥକ କରିଥିଲା ତାଙ୍କର ବିନାୟକ ନାମକୁ। ବ୍ରହ୍ମପୁରରେ ଥିବା ଶଙ୍କରପୁର ପ୍ରାଥମିକ ବିଦ୍ୟାଳୟରୁ ବାଲ୍ୟଶିକ୍ଷା ଆରମ୍ଭ କରିବା ସମୟରେ ମଧ୍ୟ ଶିକ୍ଷା କ୍ଷେତ୍ରରେ,ସେ ବେଶ୍ ଦକ୍ଷତା ପ୍ରତିପାଦନ କରିପାରିଥିଲେ।ଆସ୍କାରୋଡ ମିଡିଲ ସ୍କୁଲ୍‌ରେ ଉଚ୍ଚପ୍ରାଥମିକ ଶିକ୍ଷା,ଖଲିକୋଟ କଲେଜିଏଟ ସ୍କୁଲ୍‌ରେ ମାଧ୍ୟମିକ ଶିକ୍ଷା ଏବଂ ଖଲିକୋଟ ମହାବିଦ୍ୟାଳୟରେ ଆଇ.ଏ ପାସ୍ କରିବାପରେ, ପାରଳାଖେମୁଣ୍ଡି ଯାଇ ସେଠାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ବି.ଏ ପଢିବା ନିମନ୍ତେ ନାମ ଲେଖାଇଥିଲେ। ସେହି ସମୟରେହିଁ ତାଙ୍କ ଜୀବନର ଗତିପଥ ଏକ ଭିନ୍ନ ମୋଡ ନେଇଥିଲା।ବାଲ୍ୟାବସ୍ଥାରୁ ସେ ତର୍କ ପ୍ରତିଯୋଗିତା ଏବଂ ବକ୍ତୃତା ଦେବାରେ ଥିଲେ ଧୂରନ୍ଧର।ବି.ଏ ପଢିବା ସମୟରେ ତାଙ୍କର ଓଜସ୍ୱିନୀ ବକ୍ତବ୍ୟ , ତତ୍‌କାଳୀନ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ନେତୃତ୍ୱ ବହନ କରିଥିବା ପାରଳା ମହାରାଜାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା।ମହାରାଜାଙ୍କର ଦେଶଭକ୍ତି ତଥା ଭାଷାପ୍ରୀତି, ଅନେକାଂଶରେ ଅନୁପ୍ରାଣିତ କରିଥିଲା ଯୁବକ ବିନାୟକଙ୍କୁ,ଯାହାକି ସେମାନଙ୍କ ଭିତରେ ସୃଷ୍ଟି କରିଥିଲା ଆତ୍ମୀୟତା ଓ ଘନିଷ୍ଠତା । ଫଳରେ ସେ କଂଗ୍ରେସ ଦଳରେ ଯୋଗଦାନ କରି ଭବିଷ୍ୟତରେ ନିଜକୁ ଜଣେ ଦକ୍ଷ ନେତା ରୁପେ ପ୍ରତିପାଦନ କରିପାରିଥିଲେ।ଯୁବକ ଅବସ୍ଥାରୁ ବିନାୟକ,ପୃଥିବୀ ପ୍ରସିଦ୍ଧ ସାମ୍ୟବାଦୀ ନେତା କାର୍ଲମାର୍କସଙ୍କ ଆଦର୍ଶ ଓ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ,ଗଞ୍ଜାମ ଜିଲ୍ଲାର ତତ୍‌କାଳୀନ ଜଣେ ବିଖ୍ୟାତ ତୁଙ୍ଗ ସାମ୍ୟବାଦୀ ନେତା ବିଜୟ ଚନ୍ଦ୍ର ଦାସଙ୍କ ଅନୁଗାମୀ ହୋଇଥିଲେ। ଏକ ଶ୍ରେଣୀହୀନ ସମାଜ ଗଠନ କରି ଦରିଦ୍ର ଲୋକମାନଙ୍କୁ ଶୋଷଣରୁ ମୁକ୍ତ କରିବା ଥିଲା ବିନାୟକଙ୍କର ସ୍ୱପ୍ନ। ବିଦେଶୀ ସରକାରଙ୍କ ଅଧୀନରେ ଚାକିରି ନକରିବାର ମାନସିକତା ଏବଂ ପିତାଙ୍କର ଆଦର୍ଶ ଓ ଶୃଙ୍ଖଳିତ ଜୀବନର ପ୍ରଭାବରେ ସେ ହିଞ୍ଜିଳିକାଟୁର ଏକ ବେସରକାରୀ ବିଦ୍ୟାଳୟରେ ଶିକ୍ଷକତାକୁ ପ୍ରଥମ ପେଶା ରୂପେ ଆଦରି ନେଇଥିଲେ। ଖୁବଶୀଘ୍ର ସାରା ଗଞ୍ଜାମ ଜିଲ୍ଲାରେ ଜଣେ ଦକ୍ଷ ଆଦର୍ଶ ଶିକ୍ଷକ ହିସାବରେ ଜନପ୍ରିୟତା ଅର୍ଜନ କରି ସମସ୍ତଙ୍କର ପ୍ରିୟ ବିନାୟକ ମାଷ୍ଟ୍ରେ ଭାବରେ ପରିଚିତ ହୋଇଗଲେ। ସେତେବେଳେ ବେସରକାରୀ ଶିକ୍ଷକ ମାନେ ପରିଚାଳନା ସମିତି ଦ୍ୱାରା ବିଭିନ୍ନ ସମୟରେ ନିର୍ଯ୍ୟାତିତ ହେବା ଏବଂ ସରକାରଙ୍କର ଅବହେଳାର ପାତ୍ର ହେବା ଘଟଣାରୁ ବିନାୟକଙ୍କ ପ୍ରଚେଷ୍ଟାରେ ସୃଷ୍ଟିହେଲା ଶିକ୍ଷକ ମହାସଙ୍ଘ। ଯାହାଦ୍ୱାରା ଶିକ୍ଷକମାନେ ଏକତ୍ରିତ ହୋଇ ଆନ୍ଦୋଳନାତ୍ମକ ପନ୍ଥାକୁ ଆପଣାଇ, ନ୍ୟାର୍ଯ୍ୟ ଦାବି ହାସଲ ନିମନ୍ତେ ସକ୍ଷମ ହୋଇପାରିଲେ। ତାଙ୍କର ଜୀବନ ଯାପନ ପ୍ରଣାଳୀ ଅତ୍ୟନ୍ତ ସରଳ ହୋଇଥିଲେ ମଧ୍ୟ ତାଙ୍କ ଶିକ୍ଷାଦାନ ଦକ୍ଷତା, ସାଙ୍ଗଠନିକ ଦକ୍ଷତା ତଥା ଶୃଙ୍ଖଳିତ କାର୍ଯ୍ୟଧାରା ପାଇଁ ଅନେକ ବିଦ୍ୟାଳୟର ପରିଚାଳନା ସମିତି ତାଙ୍କୁ ପ୍ରଧାନ ଶିକ୍ଷକ ପଦବୀରେ କାର୍ଯ୍ୟ କରିବା ପାଇଁ ଆମନ୍ତ୍ରଣ କରୁଥିଲେ। ସର୍ବଶେଷରେ ସେ ମ୍ୟୁନିସିପାଲଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦବୀ ଗ୍ରହଣ କରିଥିଲେ। ଛାତ୍ର ଅବସ୍ଥାରୁ ଗାନ୍ଧୀବାଦ ପ୍ରତି ଆକୃଷ୍ଟ ହୋଇ ସେ ସ୍ୱଦେଶୀ ଆନ୍ଦୋଳନର ପ୍ରତୀକ ଖଦଡ ଲୁଗା ପିନ୍ଧିବା ଆରମ୍ଭ କରିଥିଲେ ଏବଂ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସେହି ଅଭ୍ୟାସକୁ ଜାରୀ ରଖିଥିଲେ।ସମାଜର ଦଳିତ ନିଷ୍ପେସିତ ଲୋକମାନଙ୍କୁ ସେବା କରିବାର ମାନସିକତା ତାଙ୍କୁ ନବୋହଳ ସେବା ସଂଘ ଗଠନ କରିବା ପ୍ରେରଣା ଯୋଗାଇଥିଲା,ଯାହା ମାଧ୍ୟମରେ, ସେ ବ୍ରହ୍ମପୁରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରମୀ ପଦ୍ମଶ୍ରୀ ମୋହନ ନାୟକଙ୍କ ସାହାଯ୍ୟରେ ,ନିସ୍ୱାର୍ଥପର ଭାବରେ ଲୋକମାନଙ୍କୁ ସେବା ଯୋଗାଇଦେବାରେ ସମର୍ଥ ହୋଇପାରିଥିଲେ।ଶିକ୍ଷକତା ସମୟରେ ସେ ବିନୋବା ଭାବେଙ୍କ ପରିଚାଳିତ ଭୂଦାନ ଯଜ୍ଞରେ ନିଜକୁ ସାମିଲ କରି ସଫଳତାର ସହିତ କାର୍ଯ୍ୟ ନିର୍ବାହ କରିଥିଲେ। ଅନେକ ଶ୍ରମିକ ସଙ୍ଗଠନ,ଶିକ୍ଷକ ସଙ୍ଗଠନ ତଥା ସେବାସଂସ୍ଥାରେ ଦକ୍ଷତାର ସହିତ କାର୍ଯ୍ୟ ସଂପାଦନ ଦ୍ୱାରା,ରାଜନୈତିକ ବ୍ୟକ୍ତି ମାନେ ଆକର୍ଷିତ ହୋଇ ତାଙ୍କୁ ପ୍ରତ୍ୟକ୍ଷ ରାଜନୀତିରେ ଅଂଶ ଗ୍ରହଣ କରିବା ପାଇଁ ପ୍ରସ୍ତାବ ରଖିଲେ। ସେଥିପାଇଁ ସେ ୧୯୫୫ରେ ପ୍ରଥମେ ନିର୍ବାଚନରେ ପ୍ରର୍ଥୀ ହୋଇ ପରାଜୟ ବରଣ କରିଥିଲେ। କମ୍ୟୁନିଷ୍ଟ ଆଦର୍ଶରେ ଅନୁପ୍ରାଣୀତ ବିନାୟକ ତୁଙ୍ଗ ନେତା ବିଜୁ ପଟ୍ଟନାୟକଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରିନପାରି କଂଗ୍ରେସ ଦଳରେ ଯୋଗଦାନ ପୂର୍ବକ ଚତୁର୍ଥ ବଧାନସଭା ନିମନ୍ତେ ବ୍ରହ୍ମପୁର ଆସନରୁ ପ୍ରାର୍ଥୀ ହୋଇ ବିପୁଳ ସମର୍ଥନରେ ବିଜୟୀ ହୋଇଥିଲେ। ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ସେ ବିରୋଧୀଦଳ ନେତା ଆସନରେ ଅଧିଷ୍ଠିତ ହୋଇଥିଲେ।ସ୍ୱତନ୍ତ୍ର ଉତ୍କଳକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳର ପତନ ହେବାପରେ ,ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ ଏବଂ ବିନାୟକଙ୍କୁ କୃଷି ଓ ସମବାୟ ବିଭାଗର ମନ୍ତ୍ରୀ ରୁପେ ମନୋନୀତ କରାଗଲା। ସେତିକିବେଳେ କୃଷକମାନଙ୍କର ଉନ୍ନତିକଳ୍ପେ ଗଠିତ, ଓଡିଶା କୃଷକ ସମାଜର ସେ ହେଲେ ପ୍ରତିଷ୍ଠାତା ସଭାପତି। ଷଷ୍ଠ ବିଧାନସଭା ନିର୍ବାଚନରେ ନନ୍ଦିନୀ ଶତପଥୀ ଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠିତ ହେଲା ଏବଂ ସେଥିରେ ତାଙ୍କୁ ଅର୍ଥ ଓ ଅବକାରୀ ବିଭାଗ ପରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ପଦ ଅର୍ପଣ କରାଯାଇଥିଲା। ତାଙ୍କର ନିରାଡମ୍ବର ଜୀବନ ଯାପନ ଶୈଳୀ ନିମନ୍ତେ ଲୋକମାନେ ଥଟାରେ ତାଙ୍କୁ ଅର୍ଥହୀନ ଅର୍ଥମନ୍ତ୍ରୀ ବୋଲି କହୁଥିଲେ। ସେହିସମୟରେ ରାଜନୈତିକ ଗଣ୍ଡଗୋଳିଆ ପରିସ୍ଥିତିର ସାମ୍ନା କରିନପାରି ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଥିଲେ ଏବଂ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା।

ଜଣେ ସଚ୍ଚୋଟ ଶୃଙ୍ଖଳିତ ବ୍ୟକ୍ତି ହିସାବରେ ବିନାୟକ ବିଧାୟକ ଦଳର ନେତା ମନୋନୀତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ୨୯/୧୨/୧୯୭୬ରୁ୩୦/୦୪/୧୯୭୭ପର୍ଯ୍ୟନ୍ତ ଦାୟିତ୍ୱ ଗ୍ରହଣ କରିଥିଲେ ,ଠିକ୍ ଜରୁରୀକାଳିନ ପରିସ୍ଥିତି ଶେଷ ବେଳକୁ।ତାଙ୍କର କର୍ମନିଷ୍ଠା ଏବଂ ଆଦର୍ଶ ତାଙ୍କୁ ଜଣେ ପ୍ରଧାନ ଶିକ୍ଷକରୁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରାଇପାରିଥିଲା। ୧୯୮୩ ମସିହା ଡିସେମ୍ବର ୧୧ ତାରଖ ଦିନ ସମସ୍ତଙ୍କୁ ଶୋକସାଗରରେ ଭସାଇ ସେ ଇହଧାମ ତ୍ୟାଗ କରଥିଲେ।


+ ଈଶାଣୀବ୍ରହ୍ମପୁର,କଟକ ମୋ- ୬୩୭୧୫୯୩୨୨୦


# ମଙ୍ଗଳ ପ୍ରଦାୟିନୀ ମା' ମଙ୍ଗଳା

**ଅକ୍ଷୟ ପଣ୍ଡା**

ମା' ମଙ୍ଗଳାଙ୍କର ଓଷା ଅତି ହର୍ଷ ଉଲ୍ଲାସରେ ପାଳନ କରାଯାଏ । ସେଥିରେ ଥାଏ ଆମ ମାଆ ଭଉଣୀମାନଙ୍କର ଅମାପ ଈଶ୍ୱର ଭକ୍ତି । ଅଟଳ ବିଶ୍ୱାସ । ନିଜେ ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ ହସି ହସି ସହି ନିଅନ୍ତି । ଦିନମାନ ଉପବାସ ରହି ପରିବାରର ମଙ୍ଗଳ କାମନା କରନ୍ତି ମା ଆଦି ଶକ୍ତି ମଙ୍ଗଳା ପାଖରେ । କି ତ୍ୟାଗ ଉତ୍ସର୍ଗିକୃତ ଭାବେ ମାଆଙ୍କର ତାଙ୍କ ସନ୍ତାନ ପ୍ରତି ତା ନଦେଖିଲେ କେବେ ଜାଣି ପାରିବେନି । ସବୁକିଛି କିଣା ଯାଇପାରେ ମାଆ ମମତା ନୁହେଁ । ତା ନିଷ୍ଠା, ପବିତ୍ର ତା ଈଶ୍ୱର ଭକ୍ତି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ନିଜକୁ ନିଜେ ବିଶ୍ୱାସ କରି ହୁଏନା । କରୋନାକୁ ରୋକିବାକୁ ଲାଗିଥାଏ କଟକଣା । ସେହି ସାମୁହିକ ଦୂରତାକୁ ମାନି ମାଆ ଭଉଣୀମାନେ ପ୍ରଥମ ପାଳି ମଙ୍ଗଳା ଓଷା କରିଥିଲେ । ଲଘୁଚାପ ଜନିତ ପ୍ରବଳ ବର୍ଷା ଲାଗିଥିଲା । ରାସ୍ତା ଉପରେ ଜମିଥିଲା ଆଣ୍ଠୁଏ ଉଚ୍ଚର ପାଣି । ତଥାପି ବର୍ଷା ଭିଜି ଭିଜି ଜଳାଶୟରୁ ନୂତନ କଳସରେ ଜଳ ଆଣିଥିଲେ । ଡର ନଥିଲା ପାଣିରେ ଖେଳୁଥିବା ସାପମାନଙ୍କୁ, ଭୟ ନଥିଲା ଥଣ୍ଡା ଜ୍ୱରକୁ । ଏକ ଲୟ ଏକ ଧ୍ୟାନ ଥିଲା ମା' ମଙ୍ଗଳାଙ୍କ ଚରଣ ବିନ୍ଦୁରେ । ତେଣୁ କଥା କହନ୍ତି । " ଯାହା ମୁଁ କରଇ, ଯାହା ମୁଁ ଚିନ୍ତଇ ମନେ ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପ୍ରତି କ୍ଷଣେ" । ସମସ୍ତିଙ୍କ ଆଖି ଦେଖି ନ ଦେଖିପାରେ । କେତେ ବି ଶୁଣି ନ ଶୁଣିଲା ପରି ଅଭିନୟ କରିପାରନ୍ତି । ସେ କେବଳ ଦେଖେନା ସବୁ ଶୁଣେ । ସମୟ ଅସମୟ ମାନେନା, ଅଚିହ୍ନା ରୂପରେ ଆସି ସାହାଯ୍ୟର ହାତ ବଢ଼େଇ ଦିଏ । ଆମ ମାଅ ଭଉଣିମାନେ ଏ ବିଷୟରେ ସମ୍ପୂର୍ଣ୍ଣ ରୂପେ ଅବଗତ । ସବୁ ସେମାନେ ଜାଣନ୍ତି । ସୁଖ ଶାନ୍ତି ଆନନ୍ଦ ପାଇବାକୁ ହେଲେ ଆମ୍ଭମାନଙ୍କୁ ସତ୍‌ପଥ, ସତ୍ ପନ୍ଥା ଓ ସତ୍‌କର୍ମ କରିବାକୁ ହେବ । ଜୀବନ ଏକ ସାପ ଆଉ ସିଢ଼ିର ଖେଳ । ସୁ-କର୍ମ କରି ସୁଡ଼ି ଚଢ଼ି ଆଗକୁ ଯାଇ ହେବ । ଜୀବନର ହସ ଖୁସିର ଫୁଲ ଫୁଟାଇବାକୁ ହେଲେ ମା' ଦେବୀ ଓ ଦେବତାଙ୍କ ଆଶିର୍ବାଦ ଲୋଡ଼ । ତେଣୁ କଥା ଅଛି । "ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି ପାରିହେବା ପାଇଁ ସଂସାର ବାରିଧି ।" ମା' ମଙ୍ଗଳାଙ୍କ ପୋଥି ଆଳିର ଭିକାରୀ ବେହେରା ରଚନା କରିଥିଲେ । ମାଆ ସାରଳା ଅପାର କୃପାରୁ ଏହା ସମ୍ଭବ ହେଇଥିଲା ବୋଲି ବର୍ଣ୍ଣନା କରିଥିଲେ । ଏଥିରେ ଛପନଟି ଛାନ୍ଦ ଅଛି । "ନମୋ ମା' ମଙ୍ଗଳା ଜଗତ ପାଳିନୀ । ମଙ୍ଗଳ ଦାୟିନୀ ମାତା ବିପତ୍ତି ହାରିଣୀ ।" କବି ଭିକାରୀ ବେହେରା ଭାବ ବିହ୍ୱଳ ହୋଇ କହିଥିଲେ " ବନ୍ଦଇ ଶାରଳା ମାଗୋ ତୁମ୍ଭ ଶ୍ରୀ ରଣେ। ନିତି ପ୍ରତି ମନ ରହୁ ମୋର ଅନୁକ୍ଷଣେ ।" ସେ ତାଙ୍କ ତୃତୀୟ ଛାନ୍ଦ ଭଣିତାରେ ଲେଖିଥିଲେ । "ଖୁଲଣା ଚରିତ୍ର ଏ ଯେ ଅପୂର୍ବ କାହାଣୀ । ଧୀବର ଭିକାରୀ ଏହି ପ୍ରବନ୍ଧରେ ଭଣି ।" ବିଶେଷକରି ସାଧବ ପୁଅମାନେ ଲଟଣା ଡଙ୍ଗାରେ ବାଣିଜ୍ୟ କରିବାକୁ ଯାଉଥିଲେ ଜାଭା, ସୁମାତ୍ରା, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ଆଦି ଦେଶମାନଙ୍କୁ । ସେ ଡଙ୍ଗା ମଙ୍ଗରେ ମାଆଙ୍କ ପ୍ରତିମା ରଖି ପୂଜା କରୁଥିଲେ । ଆଉ କହୁଥିଲେ ମା' ମଙ୍ଗଳା । ଗ୍ରୀକ ସଭ୍ୟତାରେ ଦେବାଦେବୀଙ୍କର ପୂଜାର ପ୍ରଚଳନ ଅଛି । ଆପୋଲୋ ଗ୍ରୀକ ଓ ରୋମର ଆରୋଗ୍ୟ ଦେବୀ ରୂପେ ପୂଜା କରିଯାଏ । ଜାପାନରେ ସୁଇଜିନ ଦେବୀଙ୍କୁ ମଧ ଭାରତର ମଙ୍ଗଳା ସହିତ ତୁଳନା କରାଯାଇପାରେ । ମାତ୍ର ସେମାନଙ୍କ ପୂଜା ପଦ୍ଧତି ଆମ୍ଭମାନଙ୍କ ଠାରୁ ଅଲଗା । ମା' ମଙ୍ଗଳା ସମସ୍ତିଙ୍କର ମଙ୍ଗଳ କରନ୍ତୁ । ନିରାଶାରେ ଜନ୍ମାନ୍ତୁ ଆଶା । ଦୁଃଖ ସୁଖରେ ରିବର୍ତ୍ତନ କରି ହସର ଢେଉ ଖେଳାଇ ଦିଅନ୍ତୁ ।


+ ଲୋକାପଡ଼ା


# ସନ୍ଦେହ

**ଇଂ. ବିଦ୍ୟାଧର ପଣ୍ଡା**



ବର୍ଷାଦିନ ରାତି। ଦୁଇଦିନ ହେବ ଲଘୁଚାପ ବର୍ଷା ଅବିରତ ଛେଚୁଛି। ବିବନର ଗାଁକୁ ଆସିବା ଛବିଶଦିନ ହେଲାଣି। ଛୁଟି ଆସନ୍ତା କାଲି ସରୁଛି। ପଅରଦିନ କଟକରୁ ରେଳଯୋଗେ ଦିଲ୍ଲୀଯାଇ ସେଠାରୁ ପଠାଣକୋଟ ଯିବାକୁହେବ। ଫୌଜି ଲୋକ, ବର୍ଷକରେ ଥରେ ଆସେ। ତିରିଶଦିନର ଛୁଟି କାନ କୁଣ୍ଡେଇଲା ପରି ଚାଲିଗଲା। ପତ୍ନୀପ୍ରେମରେ ମନ ଭରିନି। ରାତିଅଧରେ କାଲି ଚାଲିଯିବା କଥା ମନେପକେଇ ଆଲମୀରାରୁ ବୋତଲ କାଢ଼ିଲା। ରାତି ନଅଟାରୁ ବନିତାକୁ ହଇରାଣ କରୁଥିଲା ଯେ ଏବେଯାଇ ତାକୁ ଟିକେ ଗାଢ଼ାନିଦ ହୋଇଛି। ବିବନ ଭାବୁଛି ବନିତାକୁ ଉଠେଇବ। କାଲି ଚାଲିଗଲା ପରେ ଯେତେ ଶୋଇବା କଥା ସିଏ ଶୋଉ। ଦି'ପେଗ୍ ଥ୍ରୀଏକ୍ସରମ୍‌ରୁ ମାରି ବନିତାର ଡେଣାରେ ହାତ ପକେଇ ହଲେଇଲା। କାନ୍ଥଘଡିକୁ ଚାହିଁ ଦେଖିଲା ରାତି ତିନିଟା ବାଜି କୋଡିଏ ମିନଟ୍। ପାହିବାକୁ ଆଉରି ଦି'ଘଡି ହେବ ବାକିଅଛି। ଅଧାନିଦରେ ବନିତା ବିଳିବିଳେଇ କହିଲା,- 'ଓଃ ମନିଷ୍! ତୁମର ସ୍ମୋକ୍‌ଗୁଡା ନା ସତରେ ବହୁତ ଭଲ। କ'ଣ ଗଳେଇଲ ମ! ତୁମପରି ଏମିତି କେହି ପାରିବେନି।' ଏତିକି ଶୁଣି ବିବନ ବନିତାକୁ ଆଉ ନିଦରୁ ଉଠେଇଲାନି। ତା'ମନରେ ସନ୍ଦେହ ହେଲା। ଗୋଟେ ଅଦ୍ଭୁତ ଛନକା ପଶିଲା। ଭାବିଲା ବନିତା ତେବେ ମନିଷ୍ ବୋଲି କେଉଁଗୋଟେ ଲୋକର ପ୍ରେମରେ ପଡିଛି। ତା'ର ଅବର୍ତ୍ତମାନରେ ସିଏ ତା'ସାଙ୍ଗରେ ମିଳାମିଶା କରୁଛି। ମନଭିତରେ ସାଙ୍ଗେସାଙ୍ଗେ କେତେ କ'ଣ ଭାବିନେଲା। ପ୍ରଥମେ ଜାଣିବାକୁ ହେବ ସେ ମନିଷ୍ ଲୋକଟା କିଏ। କୋଉଠି ରହୁଛି? କ'ଣ କରୁଛି? ୟା'କୁ ପାଇଲା କେମିତି? କବାଟଖୋଲି ଦେଖିଲା ସିନ୍ଦୁରା ଫାଟିନି, କିନ୍ତୁ ରାତି ପାହିଗଲାଣି। ଅନ୍ଧାର ନାହିଁ, ବାଟଘାଟ ସଫା ଦେଖାଯାଉଛି। ଗୋଟିଏ ଜରିମୁଣିରେ ଅଧାପିଆ ରମ୍‌ବୋତଲଟିକୁ ପୁରେଇ ଚାଲିଲା ଗାଁରେ ତା'ର ସାଙ୍ଗ ଶୁରିଆ ପାଖକୁ। ଏତେ ସକାଳୁ ଶୁରିଆ ବିବନକୁ ତା'ଙ୍କ ଘରେ ଦେଖି ଆଶ୍ଚର୍ଯ୍ୟ। ସିଏ ତ ଜାଣିଛି ଯେ ବିବନର ଆଜି ସନ୍ଧ୍ୟା ସାତଟାରେ ରେଳଗାଡି କଟକରୁ ଧରିବା କଥା। ବାଡିପଟ ଅଗଣା ଲିମ୍ବଗଛ ମୂଳ କାଠଗଣ୍ଡି ଉପରେ ଶୁଖିଲା ଝୋଟଅଖାଟିଏ ପକେଇ ବସି ବୋତଲ ବାହାର କଲା। ଶୁରିଆ ତା'କୁ ଏତେ ସକାଳୁସକାଳୁ ମାଲ୍ ମାରିବାର କେବେ ଦେଖିନି। ବୁଝୁବୁଝୁ ବନିତାର ବିଳିବିଳେଇବା କଥା କହି ମନିଷ୍ କିଏ ବୋଲି ପଚାରିଲା। ଶୁରିଆକୁ ବି ମନିଷ୍ ବିଷୟରେ କିଛି ଜଣା ନାହିଁ। ବିବନ ମର୍ମାହତ ହୋଇ ଶୁରିଆକୁ କହିଲା,- 'ତୁ ମୋ ସାଙ୍ଗ। ମୁଁ ତ ବର୍ଷକରେ ଥରେ ଆସୁଛି। ବାକି ଦିନତକ ବନିତା ଏଠି ଏକାଏକା ରହୁଛି। ତୋ'ର ତା' ଉପରେ ଧାରଣା କଣ? ବନିତା ବିଷୟରେ ମୋତେ ଟିକେ କହ?' ଦୁହେଁ ଛୁଆବେଳୁ ଭଲ ସାଙ୍ଗ। ଦୁହିଁଙ୍କୁ ଅଠେଇଶ ବର୍ଷ। ତିନିବର୍ଷ ତଳେ ବିବନ ଚାକିରି ପାଇଯାଇଛି ବୋଲି ତା'ଙ୍କଘରେ ବାହା କରେଇଦେଲେ। କିନ୍ତୁ ଶୁରିଆ ଏ'ପର୍ଯ୍ୟନ୍ତ ଓଥରା ବୁଲୁଛି। ବିବନ ନଥିଲା ବେଳେ ମଝିରେମଝିରେ ଖରାବେଳ ନିଛାଟିଆ ସମୟରେ ଶୁରିଆ କେତେଥର ବିବନଘରକୁ ଯାଇ ଭାଉଜଭାଉଜ ଡାକି ଥଟ୍ଟାମଜ୍ଜା କଥାରେ ଥୋପ ପକେଇବାକୁ ଚେଷ୍ଟା କରିଛି, ହେଲେ ବନିତା ସେମିତି ଝିଅ ନୁହେଁ। ମାସେ ତଳେ ଶୁରିଆ ଗୁହାରି କଲା ପରି କହିଲା ତା' ଦୁଃଖ ଥରେ ବୁଝିବାକୁ। କିନ୍ତୁ ବନିତା ସିଧା କହିଲା, 'ବାହା ହେଇଯାଉନ! ଝିଅ କ'ଣ ଅଭାବ!' ଆଉରି କେତେ ଅପମାନ ଦେଇ ବିଦା କଲାରୁ ତା'ଭିତରଟା ସେଦିନରୁ କୁହୁଳୁଛି। ସିଏ ସୁଯୋଗ ଉଣ୍ଡିକି ବସିଥିଲା। ବିଲେଇ କପାଳକୁ ଆଜି ଶିକା ଛିଣ୍ଡିଛି। ଶୁରିଆ ନ'ଛ' ଲଗେଇ ବିବନକୁ ଏଣୁତେଣୁ ତା'ନାଁରେ କହିଲା। ବିବନ ମନ ଭାଙ୍ଗିଗଲା। ଚାହୁଁଚାହୁଁ ସ୍ୱାମୀ ସ୍ତ୍ରୀ ଭିତରେ ସନ୍ଦେହର ବିରାଟ ପ୍ରାଚୀରଟିଏ ଛିଡା ହୋଇଗଲା। ବିବନ ଓ ବନିତାର ବାହାଘରକୁ ମାତ୍ର ଦୁଇବର୍ଷରୁ ଅଳ୍ପ କେଇମାସେ ଅଧିକ ହୋଇଛି। ସମ୍ପର୍କର ଗଣ୍ଠି ଭଲରେ ପଡିନି। ପ୍ରେମ ବିବାହ ବି ନୁହେଁ। ଶୁରିଆଘରୁ ଫେରିବା ବାଟରେ ବିବନ ତା'ର ଅନେକ ଫୌଜିଭାଇଙ୍କ ଘରେ ଘଟିଥିବା ଅକଥାଗୁଡା ମୁଣ୍ଡରେ ପୁରେଇଲା। ତା'ମାମୁଁଘର ଗାଁରେ ଏମିତି ଜଣେ ଫୌଜିଙ୍କୁ ସିଏ ଜାଣେ ଯାହାର କି ଚାରିପୁଅ ତିନିଝିଅ। କିନ୍ତୁ ସାତଟିଯାକ ସନ୍ତାନ ଭିତରୁ କୌଣସି ଗୋଟିଏ ସନ୍ତାନ ବି ସେ ଫୌଜିଙ୍କ ଔରଷର ନୁହେଁ। ଏକଥା ସେ ଅଂଚଳର ସମସ୍ତେ ଜାଣନ୍ତି। ମନେମନେ ଭାବିଲା ଯେ ତା'ର ବି ସେହିପରି ଏକାଭାଗ୍ୟ ହେବ ନାହିଁ ତ! ଘରେ ପହଁଚି ଆଲମୀରା ଫିଟେଇ ଦେଖିଲା ବନିତାର ଗୋଟେ ବହୁତ ସୁନ୍ଦର ନୀଳରଙ୍ଗର ଶାଢୀ। ତା'ସାଙ୍ଗରେ ମ୍ୟାଚିଂ ବ୍ଲାଉଜ୍ ଓ ଶାୟା ବି। ଏଗୁଡା ତ ସିଏ କିଣିନି। ରାଗ ଲାଗୁଥାଏ, ଏସବୁ ବୋଧେ ସେ ମନିଷ୍ ତା'ପାଇଁ କିଣିଦେଇଛି। ବନିତାଉପରେ ଗରଗର ହୋଇ ନିଜ ଜିନିଷପତ୍ର ସଜାଡିଲା। ବନିତା ଜାଣିଛି ପ୍ରତିଥର ଛୁଟିସାରି ଘରୁ ଗଲାଦିନ ସିଏ ସେମିତି ହୁଏ। ତେଣୁ ବନିତା ଅନ୍ୟ କୌଣସି ଆଡେ ମୁଣ୍ଡ ଖେଳେଇନି। କିନ୍ତୁ ବିବନ ମନଭିତରେ ବାରମ୍ବାର ପ୍ରଶ୍ନ ଆସୁଥାଏ, 'ମନିଷ୍ କିଏ? ତା'ସହ ବନିତାର କି ସମ୍ପର୍କ?' ଏସବୁ ସନ୍ଦେହ ଦୂର କରିବାକୁ ବିବନ ଉପାୟ ପାଂଚିଲା। ପଠାଣକୋଟ ଯିବା ନାଁରେ ନିଜର ଜିନିଷପତ୍ର ବାନ୍ଧି ବନିତାଠାରୁ ବିଦାୟ ନେଇ ଘରୁ ବାହାରିଗଲା। ଟିକିଏ ପରେ ଛକମୁଣ୍ଡରୁ ଫେରି ନିଜ ଘରପଛ ଅଗଣା ହତାରେ ଥିବା ଏକ ଝଙ୍କାଳିଆ ଆମ୍ବଗଛ ଉପରେ ଚଢି ଲୁଚିକି ବନିତାଉପରେ ନଜର ଜମେଇ ଆମ୍ବଡାଳ ଉହାଡରେ ବସିଲା। ଦିନ ଦଶଟାବେଳକୁ ବନିତା ସେହି ନୀଳଶାଢୀ ପିନ୍ଧି ଘରଚାବି ଦେଇ ବାହାରକୁ ଯିବାପାଇଁ ବାହାରିଲା। ବିବନ ଗଛତଳକୁ ଓହ୍ଲାଇ ତା ପିଛା କଲା। କରୋନାକାଳରେ ଗାମୁଛାଟିକୁ ମାସ୍କ ରୂପରେ ବ୍ୟବହାର କରି ଏମିତି ମୁହଁରେ ଗୁଡେଇଥାଏ ଯେ ବନିତା ତାକୁ ଚିହ୍ନିବା କାଠିକର ପାଠ। ତା'ପରେ ସିଏ ତ ଜାଣିଛି ବିବନ ସକାଳୁ ପଠାଣକୋଟ ଚାଲିଯାଇଛି। ସିଏ କାହିଁକି ଭାବିବ ଯେ ବିବନ ମନରେ ଏମିତି ସନ୍ଦେହର ଭୂତ ପଶିଛି ବୋଲି। ବନିତା ଘରୁ ତିନିମାଇଲ୍ ଚାଲିଚାଲି ଗୋଟିଏ ବଡଘରର ଫାଟକ ଭିତରେ ପଶିଲା। ଫାଟକରେ କର୍ମରତ ଜଗୁଆଳି ବନିତାକୁ ଦେଖି ସ୍ୱାଗତ କରିବା ସହ ନମସ୍କାର ବି କଲା। ବନିତା ଶିଢିରେ ଉପର ମହଲାକୁ ଯାଇ ଘର ଭିତରେ ଛପିଗଲା। ଫାଟକର ବାଁସ୍ତମ୍ଭରେ କଂଟାଦ୍ୱାରା ଟଙ୍ଗାଯାଇଥିବା ଏକ ଫଳକରେ ଲେଖାଥିଲା ମନିଷ୍ ଚନ୍ଦ୍ର ମହାକୁଡ୍। ବିବନ ଜାଣିଗଲା ତେବେ ଏଇ ହେଲା ବନିତାର ପ୍ରେମିକ ମନିଷ୍। ଚୋରକୁ ଚୋରି କଲାବେଳେ ଧରିବାକୁ ହେବ। ଘରର ପଛପଟେ ଗୋଟେ ନଗରନିଗମର ଗନ୍ଧିଆନାଳ ଅଛି। ନାକରେ ଗାମୁଛା ବାନ୍ଧି ସେହି ନାଳର କାନ୍ଥ କଡେକଡେ ଘରପଛ ପଟରେ ପହଁଚିଲା। କାଷ୍ଟଆଇରନ୍‌ର କଳଙ୍କିଲଗା ପାଇଖାନା ଲୁହାପାଇପ ସାହାଯ୍ୟରେ ଚଢି ପ୍ରଥମମହଲା ତାଜାଉପରକୁ ଉଠିଲା। ସେଠି ବନିତାର କଣ୍ଠସ୍ୱର ପରିଷ୍କାର ଶୁଣା ଯାଉଥାଏ ଏବଂ ଦୁହିଁଙ୍କର ହସ ସ୍ପଷ୍ଟ ଶୁଭୁଥାଏ। ମଝିରେମଝିରେ 'ଓଃ ୟେସ୍ ୟେସ୍, ସିଧାରୁହ, ନଉଁଚ କାହିଁକି?' ବନିତା କହୁଥାଏ। ଅଳ୍ପକିଛି ସମୟପରେ ଗତ ପାହାଁଆ ବନିତା ନିଦରେ ବିଳିବିଳେଇ ଯାହାସବୁ କହିଥିଲା ସେସବୁ ଅବିକଳ ଆଉଥରେ ଦୋହରାଇଲା ,- 'ଓଃ ମନିଷ୍! ତୁମର ସ୍ମୋକ୍‌ଗୁଡା ସତରେ ବହୁତ ଭଲ। କ'ଣ ଗଳେଇଲ ମ! ତୁମପରି ଏମିତି କେହି ପାରିବେନି।' ବନିତା କଥା ସରୁସରୁ ବିବନର ମନ ସମ୍ଭାଳି ହେଲାନି। ଛାତକୁ ଛଲାଙ୍ଗ୍ ମାରି ଉପରୁ ଶିଢିଯୋଗେ ତଳମହଲାକୁ ଆସି ସେହିଘର ଫାଟକ ପାଖରେ ହାଜର। ଫାଟକର କବାଟ ଦିଫାଳ ଉର୍ଦ୍ଧ୍ୱ ମୁକୁଳା। ବିବନ ସାମ୍ନାରେ ତଳେ ବସିଛନ୍ତି ଚାରିଜଣ। କ୍ୟାରେମ୍ ଖେଳ ଚାଲିଛି। ଗୋଟେ ଦଳରେ ମନିଷ୍ ଏବଂ ତାଙ୍କର ପତ୍ନୀ ମିତା। ଅନ୍ୟ ଦଳରେ ମନିଷ୍‌ର ଝିଅ ମୋନା ଏବଂ ବନିତା। ଟିକିଏ ଆଗରୁ ମନିଷ୍ ସ୍ୱିଡ୍‌ସ୍ଥାଇକ୍ କରି କୁଇନ୍‌କୁ ହୋଲ୍‌ରେ ଗଳେଇଦେଇ ଥିବାରୁ ତା'କୁ ପ୍ରଶଂସା କରି ବନିତା କହିପକେଇଛି, - 'ଓଃ ମନିଷ୍! ତୁମର ସ୍ମୋକ୍‌ଗୁଡା ସତରେ ବହୁତ ଭଲ। କ'ଣ ଗଳେଇଲ ମ! ତୁମପରି ଏମିତି କେହି ପାରିବେନି।' ବନିତା ହଠାତ୍ ବିବନକୁ ସାମ୍ନାରେଦେଖି ଆଶ୍ଚର୍ଯ୍ୟ। ବିବନ ନିଜର ଅଯଥା ସନ୍ଦେହ ଲଜ୍ଜାରେ କିଛି ଆଉ କହିପାରିଲାନି। ବନିତାର ମାମୁଁଝିଅ ଭଉଣୀ ହେଲେ ମିତା। ତା'ଙ୍କ ଘରେ ବିବନର ପ୍ରଥମ ସ୍ୱାଗତହେବା ସହ ଜୋଇଁପୁଅ ପାଇଁ ନିରାମିଷ ମଧ୍ୟାନଭୋଜନର ସୁବନ୍ଦୋବସ୍ତ କରାଗଲା। ସବୁ ସତ୍ୟାସତ୍ୟ ଜାଣିଲା ପରେ ବିବନ ବନିତାକୁ ନିଜ ସାଥିରେଆଣି ଘରେ ଛାଡି ଗୋଟେ ଟ୍ୟାକ୍ସିରେ ଯଥାସମୟରେ ରେଳସ୍ଥାନକରେ ପହଁଚି ପଠାଣକୋଟ୍ ଚାଲିଲା। ଯାତ୍ରାର ଅର୍ଦ୍ଧାଧିକ ସମୟ ବିବନ ଝରକାଭିତରେ ବାହାରକୁ ପାହାଡ ପର୍ବତ ଦେଖୁଦେଖୁ ନିଜର ସନ୍ଦେହଜନକ ମୂର୍ଖାମିକୁ ମନେପକାଇ ମୁରୁକିମୁରୁକି ଆପେ ହସୁଥାଏ। ବିବନକୁ ଏପରି ଅବସ୍ଥାରେ ଦେଖି ସହଯାତ୍ରୀମାନେ ଆଶ୍ଚର୍ଯ୍ୟରେ କ'ଣ ଗୋଟେ ହୋଇଛି ବୋଲି ମନେମନେ ତାକୁ ଅର୍ଦ୍ଧପାଗଳ ବୋଲି ସନ୍ଦେହ କରୁଥାନ୍ତି।


+ପ୍ଲଟ-୧୭/୧୫,ପଂଚଶଖା ନଗର,
ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯
ମୋ- ୯୪୩୯୧୨୮୦୫୦

# ମଧ୍ୟପ୍ରଦେଶର ଜବଲପୁର







**ଜବଲପୁର ସହର ୩୬୭ ବର୍ଗ କି.ମି କ୍ଷେତ୍ରଫଳରେ ବ୍ୟାପ୍ତ । ବ୍ରିଟିଶ ବାସ୍ତୁକଳାର ଝଲକ ଜବଲପୁରରେ ଦେଖିବାକୁ ମିଳିଥାଏ । ମଧ ପ୍ରଦେଶର ପ୍ରସିଦ୍ଧ କାହ୍ନା ରାଷ୍ଟ୍ରୀୟ ଉଦ୍ୟାନ ମଧ ଜବଲପୁର ନଗରୀ ପାର୍ଶ୍ୱରେ ଅବସ୍ଥିତ ।**

ପବିତ୍ର ନର୍ମଦା ନଦୀ କୂଳରେ ଅବସ୍ଥିତ ଜବଲପୁର ମଧ ପ୍ରଦେଶର ଏକ ପ୍ରାଚୀନ ଓ ପ୍ରସିଦ୍ଧ ସହର । ଔଦ୍ୟୋଗିକ ସହରର ଭାବରେ ପରିଚିତ ଜବଲପୁରର ସହରର ଆକର୍ଷିତ ଘାଟ, ଝରଣା, ଐତିହାସିକ ଓ ସାଂସ୍କୃତିକ ସଂରଚନାର ଏକ ଉଦାହରଣ । ପର୍ଯ୍ୟଟନ ଦୃଷ୍ଟିରୁ ମଧ ଜବଲପୁର ଏକ ସୁନ୍ଦା ସ୍ଥାନ । ସେଠାରେ ଥିବା ଦର୍ଶନୀୟ ସ୍ଥାନ ମଧ୍ୟରୁ ନର୍ମଦା ନଦୀ ପାର୍ଶ୍ୱସ୍ଥିତ ଶପ୍ତଦଶ ଶତାବ୍ଦୀ ସମୟର କିଲ୍ଲା, ରୂପନାଥ ପାର୍ଶ୍ୱରେ ଥିବା ଭବ୍ୟ ମନ୍ଦିର, ଭେଡାଘାଟ, ଶଙ୍ଖ ମଲମଲର ପଥର ଓ ଧୂଆଁଧାର ଜଳପ୍ରପାତ ଅନ୍ୟତମ । ଜବଲପୁର ସହର ୩୬୭ ବର୍ଗ କି.ମି. କ୍ଷେତ୍ରଫଳରେ ବ୍ୟାପ୍ତ । ବ୍ରିଟିଶ ବାସ୍ତୁକଳାର ଝଲକ ଜବଲପୁରରେ ଦେଖିବାକୁ ମିଳିଥାଏ । ମଧ ପ୍ରଦେଶର ପ୍ରସିଦ୍ଧ କାହ୍ନା ରାଷ୍ଟ୍ରୀୟ ଉଦ୍ୟାନ ମଧ ଜବଲପୁର ନଗରୀ ପାର୍ଶ୍ୱରେ ଅବସ୍ଥିତ । ସେଠାକୁ ଭ୍ରମଣ କରିବାକୁ ଗଲେ କେତେକ ଆକର୍ଷଣୀୟ ସ୍ଥାନ ଭ୍ରମଣ କରିପାରିବେ ।



◆ ଜବଲପୁର ଦେଖିବାଯୋଗ୍ୟ ସ୍ଥାନ ମଧ୍ୟରୁ ଧୂଆଁଧାର ଜଳପ୍ରପାତ ବେଶ୍ ଲୋକପ୍ରିୟ । ଏହି ପ୍ରପାତର ପାଣି ୫୦ ଫୁଟ୍ ଉଚ୍ଚରୁ ପଡୁଥିବାରୁ ପାଣରି ଧୂଆଁ ପରି ଦେଖାଯାଏ । ସେଥିଲାଗି ଏହାକୁ ଧୂଆଁଧାର ଜଳପ୍ରପାତ କୁହାଯାଏ । ଜବଲପୁରଠାରୁ ଏହା ୩୧ କି.ମି ଦୂରରେ ଅବସ୍ଥିତ । ନର୍ମଦା ନଦୀରେ ଏହି ଜଳପ୍ରପାତ ସୃଷ୍ଟି ହୋଇଛି ।

◆ ଜବଲପୁରର ଭେଡାଘାଟ ନୌକାବିହାର ପାଇଁ ଉପଯୁକ୍ତ । ପଞ୍ଚବଟୀ ଘାଟରୁ ଭେଡାଘାଟ ପର୍ଯ୍ୟନ୍ତ ପାଖାପାଖି ୨୨ କି.ମି ଜଳମାର୍ଗରେ ସକାଳ ୭ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ମୋଟର ବୋଟ ସବାରୀର ମଜା ଉଠାଇପାରିବେ । ପିଲା ଓ ଯୁବକମାନଙ୍କ ପାଇଁ ୱାର୍ଲଡ ୱାଟର ପାର୍କ ଏକ ଆକର୍ଷଣୀୟ ସ୍ଥାନ । ଏହି ୱାଟର ପାର୍କ ଦି'ପହରଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହେ ।

◆ ଜବଲପୁରଠାରୁ ୨୫ କି.ମି ଦୂରତା ନର୍ମଦା ନଦୀ କୂଳରେ ଅବସ୍ଥିତ ଭେଡାଘାଟ ମାର୍ବଲ ରକ୍ସ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଅନ୍ୟତମ । ଶଙ୍ଖ ମଲମଲର ଏହି ପଥରଗୁଡ଼ିକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି । ୧୦୦ ଫୁଟ ଉଚ୍ଚରେ ଅବସ୍ଥିତ ଓ ୨୫ କି.ମି ଦୂର ପର୍ଯ୍ୟନ୍ତ ବ୍ୟାପ୍ତ ଏହି ପଥରଗୁଡ଼ିକରେ ସୂର୍ଯ୍ୟଙ୍କ କିରଣ ପଡ଼ି ଭିନ୍ନ ଭିନ୍ନ ରଙ୍ଗ ଦେଖାଯାଏ ।

◆ ମଦନ ମହଲ କିଲ୍ଲା ଏକ କାହାଡ଼ର ଶୀର୍ଷରେ ଅବସ୍ଥିତ ଏହି ସୁନ୍ଦର କିଲ୍ଲାକୁ ଗୋଣ୍ଡ ଶାସକ ରାଜା ମଦନ ଶାହା ୧୧୧୬ରେ ନିର୍ମାଣ କରିଥିଲେ । ଏହି କିଲ୍ଲାର ଚତୁଃପାର୍ଶ୍ୱରୁ ଜବଲପୁର ସହରର ଦୃଶ୍ୟ ଦେଖିବାକୁ ମିଳିଥାଏ ।

◆ ଜବଲପୁର ସହରର ଭୀମ ନଗରସ୍ଥିତ ଟ୍ରେଜର ଆଇଲାଣ୍ଡ ମଲ୍ ସହରର ସବୁଠାରୁ ପ୍ରସିଦ୍ଧ ମଲ୍ । ମାର୍କେଟିଂ ପାଇଁ ତାହା ଉପଯୁକ୍ତ ସ୍ଥାନ ।

◆ ଭେଡାଘାଟର ଗୋଟେ ପାର୍ଶ୍ୱରୁ ଅନ୍ୟ ଗୋଟେ ପାର୍ଶ୍ୱକୁ ଯିବା ପାଇଁ ହେଲେ କେବୁଲ କାର୍ ରାଇଡ୍‌ର ମଜା ପର୍ଯ୍ୟଟକମାନେ ଉଠାଇ ପାରିବେ ।

◆ ଡୁମନା ନେଚର ରିଜର୍ଭ ପାର୍କ ଏକ ଲୋକପ୍ରିୟ ଇକୋ-ଟୁରିଜ୍‌ମ ସାଇଟ୍ । ପାର୍କଟିରେ ସମୃଦ୍ଧ ବନସ୍ପତି, ବିଭିନ୍ନ ପ୍ରକାରର ଜୀବ ଓ ଏଭିଏନ ପ୍ରଜାତି ରହିଥିବାର ଦେଖାଯାଏ । ମାଛ ଧରିବା, ସୁଇମିଂ, ଟୟ ଟ୍ରେନ ସବାରୀ ଇତ୍ୟାଦିର ମଜା ଉଠାଇ ପାରିବେ । ଏହା ବ୍ୟତୀତ ତିଲୱାରା ଘାଟ, ଉବରତାଲା, ଗାର୍ଡେନ, କଙ୍କାଳୀ ଦେବୀ ମନ୍ଦିର ସଂଗ୍ରାମ ସାଗର ହ୍ରଦ, ଶ୍ରୀ ବିଷ୍ଣୁ ବରାହ ମନ୍ଦିର, ଗ୍ୱାରୀ ଘାଟ ଇତ୍ୟାଦି ବୁଲି ଦେଖିପାରିବେ ।

◆ ଅଦ୍ଭୁତ ବାଲାନ୍‌ସିଙ୍ଗ ରକ୍ ମଧ ଏକ ଦର୍ଶନୀୟ ସ୍ଥାନ । ସ୍ଥାନୀୟ ଲୋକଙ୍କ ଅନୁସାରେ କୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ହେଲେ ମଧ ଏହି ପଥରର ସନ୍ତୁଳନ ସେହିପରି ଥାଏ । ପୂର୍ବରୁ ପ୍ରଚଣ୍ଡ ଭୂମିକମ୍ପ ହୋଇଥିଲେ ମଧ ଏହି ପଥର ନିଜର ସନ୍ତୁଳନ ବଜାୟ ରଖିତିବାର ଶୁଣିବାକୁ ମିଳେ ।

◆ ଚୌଷଠି ଯୋଗିନୀ ମନ୍ଦିର ଜବଲପୁରରୁ ମାତ୍ର ଏକ ଘଣ୍ଟାର ରାସ୍ତା । ଏହା ଭେଡାଘାଟ ପାର୍ଶ୍ୱରେ ଅବସ୍ଥିତ । ଦଶମ ଶତାବ୍ଦୀ ସମୟରେ ନିର୍ମିତ ଏହି ମନ୍ଦିରର ନିର୍ମାଣ ପ୍ରସିଦ୍ଧ କଲଚୁରୀ ରାଜବଂଶଙ୍କ ଅନୁସାରେ କରାଯାଇଛି । ୧୫୦ଟି ଶିଢ଼ି ଥିବା ଏହି ମନ୍ଦିରରେ ଭଗବାନ ଭୋଳାନାଥ ଓ ମାତା ଗୌରୀଙ୍କର ମୂର୍ତ୍ତି ଓ ନନ୍ଦୀଶ୍ୱର ମହାରାଜଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି ।



◆ ନର୍ମଦା ନଦୀରେ ନିର୍ମିତ ବରଗୀ ଡ୍ୟାମରର ଉପଯୋଗ ବିଜୁଳି ଉତ୍ପାଦନ ଓ ସିଞ୍ଚନ ପରିଯୋଜନା ପାଇଁ କରାଯାଇଛି । ଏହା ବ୍ୟତୀତ ପର୍ଯ୍ୟଟନ ପାଇଁ ମଧ ଏହି ବନ୍ଧ ଆକର୍ଷଣୀୟ । ନୌକା ସବାରୀ ମଧ କରାଯିବାର ସେଠାରେ ଦେଖାଯାଏ ।

◆ ଜବଲପୁର ଯାଇଥିବା ପର୍ଯ୍ୟଟକମାନଙ୍କୁ ରାଣୀ ଦୁର୍ଗାବତୀ ସଂଗ୍ରହାଳୟ ବିଶେଷ ଭାବରେ ଆକର୍ଷିତ କରିଥାଏ ଯେଉଁଠାରେ ମହାତ୍ମା ଗାନ୍ଧିଙ୍କର କିଛି ଫଟୋ ଓ ଚୌଷଠି ଯୋଗିନୀ ମନ୍ଦିରର ମୂର୍ତ୍ତି ରଖାଯାଇଛି । ରାଣୀ ଦୁର୍ଗାବତୀ ସଂଗ୍ରହାଳୟ ରସେଲ ଚୌକ ପାର୍ଶ୍ୱରେ ଅବସ୍ଥିତ । ସେଠାରେ ଆଦିବାସୀ ସଂସ୍କୃତି ଓ କଳାକୃତିର ଝଲକ ମଧ ଦେଖିବାକୁ ମିଳେ ।

### କେବେ ଯିବେ:

ସେପ୍ଟେମ୍ବରଠାରୁ ଫେବୃଆରୀ ଜବଲପୁର ଯିବା ପାଇଁ ଉପଯୁକ୍ତ ସମୟ । ସେଠାରେ ଏହି ସମୟ ମଧରେ ୮ ଡିଗ୍ରୀ ସେଲ୍‌ସିୟସରୁ ୨୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଥାଏ । ଧୂଆଁଧାର ଜଳପ୍ରପାତକୁ ଦେଖିବା ପାଇଁ ବର୍ଷାଦିନେ ବହୁତ ପର୍ଯ୍ୟଟକ ମଧ ଯାଇଥାଆନ୍ତି ।

### କିପରି ଯିବେ:

ଜବଲପୁର ସହରଠାରୁ ୨୦ କି.ମି ଦୂରରରେ ଅବସ୍ଥିତ ଡମନା ବିମାନ ବନ୍ଦର ଦେଶର ପ୍ରମୁଖ ସହରଗୁଡ଼ିକ ଯୋଡ଼ି ହୋଇ ରହିଛି । ସେଠାରେ ପହଞ୍ଚିଲେ ଟ୍ୟାକ୍ସି ଦ୍ୱାରା ସହରରକୁ ଯାଇପାରିବେ । ଜବଲପୁର ରେଲୱେ ଷ୍ଟେସନ ମୁମ୍ବାଇ-ହାୱଡ଼ା ଭାୟା ଆହ୍ଲାବାଦ ମୁଖ୍ୟ ରେଲୱେ ଲାଇନରେ ଅବସ୍ଥିତ । ଦେଶର ପ୍ରମୁଖ ସହରଗୁଡ଼ିକ ସହିତ ଏହାର ସମ୍ପର୍କ ଥିବାରୁ ଯାତାୟତରେ କୌଣସି ଅସୁବିଧା ହେବ ନାହିଁ । ଭାରତର ପ୍ରମୁଖ ସହର- ନାଗପୁର, ଇନ୍ଦୋର, ଔରଙ୍ଗାବାଦ, ଭୋପାଳ, ପୁନେ, ବାନ୍ଧବଗଡ଼, ସହିତ ସଡ଼କ ମାର୍ଗଦ୍ୱାରା ଜବଲପୁର ଯୋଡ଼ି ହୋଇ ରହିଛି ।

# ଚିକେନ୍ ନୀଲଗିରି

**ଆବଶ୍ୟକ ସାମଗ୍ରୀ:**
ଚାରିବିଡ଼ା ପାଳଙ୍ଗ ସାଗ, ୨ ବିଡ଼ା ଧନିଆ ପତ୍ର, ପାଞ୍ଚଶହ ଗ୍ରାମ ଚିକେନ୍, ୨ଟି ବଡ଼ ପିଆଜ, ଅଳ୍ପ ଗୋଟା ଗରମ ମସଲା, ଦୁଇଟି ତେଜପତ, ଦୁଇ ଛୋଟ ଚାମଚ ରସୁଣ ବଟା, ଏକ ଛୋଟ ଚାମଚ ଲେଖାଏଁ ବଟା ଅଦା, ଗୁଣ୍ଡ ଲଙ୍କା, ଗୁଣ୍ଡ ହଳଦୀ ଓ ଗୁଣ୍ଡ ଗରମ ମସଲା, ଅଧା କପ୍ ଦହି, ୪ ବଡ଼ ଚାମଚ ସୋରିଷ ତେଲ, ୨ ଛୋଟ ଚାଚମ ଲହୁଣୀ । ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ:**
ପାଳଙ୍ଗ ଶାଗକୁ ଧୋଇ କଡ଼େଇରେର ଅଧାକପ୍ ପାଣି, ଅଧା ଚାମଚ ଚିନି ଓ ସ୍ୱାଦ ଅନୁସାରେ ଲୁଣ ପକାଇ ସିଝାଇ ରଖନ୍ତୁ । ଶାଗ ଥଣ୍ଡା ହୋଇଗଲେ ଧନିଆ ପତରକୁ ଧୋଇ ଶାଗ ସହିତ ମିଶାଇ ଏକାଠି ବାଟି



ରଖନ୍ତୁ । ଚିକେନ୍‌କୁ ଧୋଇ ସ୍ୱାଦ ଅନୁସାରେ ଲୁଣ, ଗୁଣ୍ଡ ହଳଦୀ, ଦହି ଓ ସୋରିଷ ତେଲ ଗୋଳାଇ ଅଧଘଣ୍ଟା ରଖନ୍ତୁ । ପିଆଜକୁ ବାଟି ରଖନ୍ତୁ । ପ୍ୟାନ୍‌ରେ ତେଲ ଗରମ କରି ତେଜପତ୍ର ଓ ଗୋଟା ଗରମ ମସଲା ପକାନ୍ତୁ । ଏଥିରେ ଅଦା ଓ ରସୁଣ ବଟା ପକାଇ ଅଳ୍ପ ସମୟ ମସଲାକୁ ଭାଜନ୍ତୁ । ବର୍ତ୍ତମାନ ବଟା ପିଆଜ, ଗୁଣ୍ଡ ହଳଦୀ, ଗୁଣ୍ଡ ଲଙ୍କା ପକାଇ ମସଲାରୁ ପାଣି ଶୁଖି ତେଲ ଉପରକୁ ଉଠିବା ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ପୂର୍ବରୁ ଗୋଳାଇ ରଖିଥିବା ଚିକେନ୍‌କୁ ପକାଇ ପାଣି ଶୁଖିବା ପର୍ଯ୍ୟନ୍ତ ଧିମା ଆଞ୍ଚରେ ଭାଜନ୍ତୁ । ବଟା ପାଳଙ୍ଗ ଶାଗକୁ ଏଥିରେ ପକାଇ ଭଲ ଭାବରେ ଗୋଳାନ୍ତୁ । ଧିମା ଆଞ୍ଚରେ ୫/୧୦ ମିନିଟ୍ ଚିକେନ୍ ସିଝିବା ପର୍ଯ୍ୟନ୍ତ ରାନ୍ଧନ୍ତୁ । ଚିକେନ୍ ସିଝି ଝୋଳ ବହଳିଆ ହୋଇ ଆସିଲେ ଗୁଣ୍ଡ ଗରମ ମସଲା ଓ ଲହୁଣୀ ପକାଇ ଚୁଲୀରୁ ଓହ୍ଲାନ୍ତୁ ଓ ଗରମ ଗରମ ପରିବେଷଣ କରନ୍ତୁ ।

# ସ୍ୱାସ୍ଥ୍ୟ ପାଇଁ ବାସ୍ତୁ

ମଣିଷ ପାଇଁ ଧନସମ୍ପଦ ଯେମିତି ମୂଲ୍ୟବାନ ସ୍ୱାସ୍ଥ୍ୟ ବି ସେମିତି ଅପରିହାର୍ଯ୍ୟ । ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନଦେଲେ ଯେତେ ଧନସମ୍ପଦ ରୋଜଗାର କଲେ କ'ଣ ହେବ । ସେଥିପାଇଁ ସମସ୍ତେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଦରକାର ବୋଲି ଜାଣିଲେ ବି ଅଧିକାଂଶ ଲୋକ କିନ୍ତୁ ଏହାକୁ ଖାମଖିଆଲ ଭାବରେ ନେଇଥାନ୍ତି । ରୋଗ ହେଲେ ଡାକ୍ତର ଦେଖାଇବାର ମାନସିକତା ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ କରାଇ ପାରୁନାହିଁ । ଏଣୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ପ୍ରସଙ୍ଗରେ ବାସ୍ତୁର ମଧ୍ୟ ପ୍ରମୁଖ ଭୂମିକା ରହିଛି । ଏଣୁ ବାସ୍ତୁଶାସ୍ତ୍ରରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦେଲେ ହୁଏତ କିଛି ଅସୁବିଧା ଦେଖାଦେଇ ନପାରେ ।

- ଉତ୍ତମ ନିଦ ପାଇଁ ଦକ୍ଷିଣମୁହାଁ ହୋଇ ଶୋଇବା ଆବଶ୍ୟକ ।
- ଘରର ମଧ୍ୟଭାଗ ବା ବଙ୍ଗଳାରେ ଏତେ ଆସବାବପତ୍ର ରଖନ୍ତୁ ନାହିଁ ଯେ ମୁକ୍ତବାୟୁ ଚଳାଚଳରେ ଯେମିତି ବାଧାପ୍ରାପ୍ତ ହେବ । ଘରେ ମୁକ୍ତବାୟୁ ଚଳାଚଳ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବ ।
- ରୋଷେଇଘର ଓ ପାଇଖାନାର ଦ୍ୱାର ମୁହାଁମୁହିଁ ହେବା ଉଚିତ ନୁହେଁ । ଯଦି ଏପରି ରହିଛି ତା' ହେଲେ ଯେକୌଣସି ଦ୍ୱାରକୁ ସବୁବେଳେ ବନ୍ଦ ରଖିବା ଦରକାର ।
- ଯଦି କେହି ଘରେ ଅସୁସ୍ଥ ଅଛନ୍ତି, ଦୀପଟିଏ ଜଳାଇ ରଖନ୍ତୁ, ତା' ହେଲେ ସେ ଶୀଘ୍ର ସୁସ୍ଥ ହୋଇଯିବେ ।
- ଘର ଭିତରେ ଯେତେବେଳେ ପାଣି ପିଉଛନ୍ତି, ତା' ହେଲେ ଉତ୍ତର-ପୂର୍ବ ମୁହାଁ ହୋଇ ପାଣି ପିଅନ୍ତୁ । ସ୍ୱାସ୍ଥ୍ୟ ଭଲ ରହିବ ।

# କରୋନା ଲକ୍ଷଣକୁ ଚିହ୍ନିବ ସ୍ମାର୍ଟ ବ୍ୟାଣ୍ଡ

କରୋନାକୁ ହରାଇବା ପାଇଁ ସବୁ ଦିଗରୁ ଚାଲିଛି ପ୍ରୟାସ । ସାରା ବିଶ୍ୱର ଲୋକଙ୍କୁ ଏକ ପ୍ରକାର ଏକଘରିକିଆ କରି ଆତଙ୍କିତ କରିଥିବା ଏହି ଭାଇରସ ଏବେ ଥମିବାର ନାଁ ହିଁ ନେଉନି । ଆଉ ଏଥିପାଇଁ କୌଣସି ପ୍ରତିକାର ବି ଏବେସୁଦ୍ଧା ବୈଜ୍ଞାନିକ ଓ ଡାକ୍ତରମାନେ ବାହାର କରିପାରିନାହାନ୍ତି । ହେଲେ ଏ ଭିତରେ ଏକ ଖୁସିର ଖବର ସାମନାକୁ ଆସିଛି । କରୋନାର ଲକ୍ଷଣକୁ ଚିହ୍ନିବା ପାଇଁ ଏକ ରିଷ୍ଟ ଟ୍ରାକର ତିଆରି ହୋଇଛି ।

ସୂଚନା ମୁତାବକ, ହାତରେ ପିନ୍ଧା ଯାଇପାରୁଥିବା ଏକ ରିଷ୍ଟ ଟ୍ରାକରକୁ ତିଆରି କରାଯାଇଛି, ଯାହାକି କୋଭିଡ-୧୯ ମହାମାରୀର ଲକ୍ଷଣକୁ ଚିହ୍ନି ପାରିବ । ଏହି ଯନ୍ତ୍ରଟି ବାହାରିବାରେ ଏବେ ଏକ ପ୍ରାଥମିକ ସ୍ତରରେ ରହିଛି । ଆସନ୍ତା ମାସରେ ଏହା ବଜାରରେ ଉପଲବ୍ଧ ହେବ ବୋଲି ଏହାର ଡେଭଲପ୍‌ର କମ୍ପାନୀ ଆଇଆଇଟି ମାଡ୍ରାସ ଷ୍ଟାର୍ଟଅପ୍ ସୂଚନା ଦେଇଛି । ଆଉ ଏଥିପାଇଁ ସେ ୨୨ କୋଟି ଟଙ୍କା ଖର୍ଚ୍ଚ କରିଛି । ଏନ୍‌ଆଇଟି ୱାରାଙ୍ଗଲର ପୂର୍ବତନ ଛାତ୍ରଙ୍କ ସହ ମିଶି ଆଇଆଇଟି ମାଡ୍ରାସରେ ଆରମ୍ଭ କରିଥିବା ମ୍ୟୁଜ୍ ୱେୟାରବେଲ୍ସ ଷ୍ଟାର୍ଟଅପ୍ ଏହି ଟ୍ରାକରକୁ ୭୦ଟି ଦେଶରେ ଲଞ୍ଚ କରିବାକୁ ଯୋଜନା



କରିଛି । ଏହି ରିଷ୍ଟ-ବେସ୍‌ଡ ଟ୍ରାକରରେ ଏକ ସେନସର ରହିଛି ଯାହାକି ସ୍କିନ୍ ତାପମାତ୍ରା, ହାର୍ଟବିଟ୍ ଓ ବ୍ଲଡ ଏକ୍ସିଜେ ସାର୍ଚ୍ୟୁରେସନକୁ ଟ୍ରାକ୍ କରିବ ଏବଂ କୋଭିଡ-୧୯ ପୂର୍ବ ଲକ୍ଷଣ ବିଷୟରେ ସୂଚନା ଦେବ । ଏହି ଟ୍ରାକରରେ ବ୍ଲୁଟୁଥ୍ ରହିଛି, ଯାହାକି ଏକ ମ୍ୟୁଜ୍ ହେଲ୍‌ଥ ଆପ୍ ଦ୍ୱାରା ମୋବାଇଲ ଫୋନରେ ସଂଯୋଗ ହେବ । ୟୁଜର ସମସ୍ତ ଗତିବିଧି ଓ ଲକ୍ଷ ଫୋନ୍‌ରେ ଷ୍ଟୋର ହେବା ସହ ଏକ ରିମୋଟ ସର୍ଭରରେ ମଧ ରହିବ ।

ଟ୍ରାକର ମଧ ଆରୋଗ୍ୟ ସେତୁ ଆପ୍‌ରୁ ନୋଟିଫିକେସନ ପାଇବ ଏବଂ ୟୁଜରକୁ ଆଲର୍ଟ କରିବ, ଯେତେବେଳେ ସେ କୋଭିଡ୍ ସଂକ୍ରମଣ ଜୋନ୍‌ରେ ପ୍ରବେଶ କରିବ ।

# ଏମିତି ସଜାନ୍ତୁ ବାଥରୁମ୍

**ଆପଣ ପ୍ରାୟ ସମୟରେ ବେଡରୁମ୍, ଲିଭିଙ୍ଗ୍ ରୁମ୍‌ର ମେକଓଭର୍ କରିଥାନ୍ତି । କିନ୍ତୁ ବାଥରୁମ୍‌କୁ ଭୁଲି ଯାଆନ୍ତି । ବେଡରୁମ୍ ପରି ବାଥରୁମ୍‌ର ମଧ ମେକଓଭର୍ ଜରୁରି । ବାଥରୁମ୍‌କୁ କମ୍ ଖର୍ଚ୍ଚରେ କିପରି ସଜାଇ ହେବ ନିଅନ୍ତୁ କିଛି ଟିପ୍ସ ।**



**କଣ୍ଟେନର୍ସ:**
ବାଥରୁମ୍‌ରେ ସାବୁନ, ସାମ୍ପୋ, ସାୱାର ଜେଲ୍, ବାଥ୍ ଅଏଲ୍ ଆଦି ନିଶ୍ଚୟ ରଖୁଥିବେ । ତେବେ ବାଥରୁମ୍‌ର ଗୋଟିଏ କୋଣରେ ପଡ଼ି ରହୁଥିବ । ବାଥରୁମ୍‌କୁ ରଙ୍ଗୀନ ବନାଇବା ପାଇଁ ଏସବୁ ଜିନିଷର ବ୍ୟବହାର କରିପାରିବେ । ଏସବୁ ଜିନିଷକୁ ରଙ୍ଗୀନ କଣ୍ଟେନର୍ସରେ ରଖନ୍ତୁ ଏବଂ ବାଥରୁମ୍‌କୁ ନୂଆ ରୂପ ଦିଅନ୍ତୁ ।

**ୱାଟର୍ ଫାଉଣ୍ଟେନ:**
ଆପଣଙ୍କ ବାଥରୁମ୍ ବଡ଼ । କିନ୍ତୁ ତାହାକୁ କିପରି ସଜାଇବେ ଜାଣିପାରନ୍ତି ନାହିଁ । ଜିନିଷପତ୍ର ଅଦଳବଦଳ କରିବା ଆଦୌ ଦରକାର ନାହିଁ । ସବୁଠୁ ସହଜ ଉପାୟ ହେଉଛି ସେଥିରେ କିଛି ଜିନିଷ ନୂଆ କରି ଯୋଗ କରନ୍ତୁ । ଯେମିତିକି ୱାଟର ଫାଉଣ୍ଟେନ । ବାଥରୁମ୍‌ର ମଝିରେ ବା କୋଣରେ ଗୋଟିଏ ଛୋଟ ୱାଟର ଫାଉଣ୍ଟେନ ସ୍ଥାନ ଦିଅନ୍ତୁ ।

**ସେଲ୍ସ ରଙ୍ଗୀନ୍ ପେବଲ୍ସ:**
ବାଥରୁମ୍‌ରେ ସେଲ୍ସ ଏବଂ ପେବଲ୍ସ ଥିଲେ ତାହା ସ୍ପା ରୁମ୍ ପରି ଦେଖାଯାଇଥାଏ । ବାଥରୁମ୍‌ର ସେଲ୍ସ ଉପରେ ରଙ୍ଗୀନ୍ ପେବଲ୍ସ ବିଛାଇ ରଖନ୍ତୁ । ଏହାର ଆଖାପାଖରେ ସୁଗନ୍ଧିତ କ୍ୟାଣ୍ଡେଲକୁ ସ୍ଥାନ ଦେଇପାରିବେ । ଫୁଲରେ ମଧ ସଜାଇପାରିବେ । ଦେଖିବେ ଆପଣଙ୍କ ବାଥରୁମ୍ ସ୍ପା ରୁମ୍ ପରି ମନେ ହେବ ।

**ଫୁଲ:**
ବାଥରୁମ୍ ସଜାଇବାରେ ଫୁଲର ବ୍ୟବସ୍ଥା କରନ୍ତୁ । ଏହା ବାଥରୁମ୍‌କୁ ନୂଆ ଲୁକ୍ ଦେଇଥାଏ । କୌଣସି ପାତ୍ରରେ ପାଣି ଭର୍ତ୍ତି କରି ଏଥିରେ ଫୁଲଗୁଡ଼ିକୁ ଭସାଇ ଦିଅନ୍ତୁ । ନଚେତ୍ ଫୁଲର ପାଖୁନାକୁ ମଧ ଚଟାଣରେ ବିଛାଇ ସଜାଇ ପାରିବେ । ଛୋଟ ଛୋଟ ଇନଡୋର୍ ଗଛକୁ ବାଥରୁମ୍‌ରେ ରଖିପାରିବେ ।

**ସୁଗନ୍ଧିତ ତୈଳ:**
ସୁଗନ୍ଧିତ ତୈଳ ଏବଂ ଆରୋମା ଡିଫ୍ୟୁଜର୍ସ ବର୍ଷାଦିନ ପାଇଁ ଭଲ । ବାଥରୁମ୍‌ର ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ । ସବୁଥର କିଛି ନୂଆ ନୂଆ ସୁଗନ୍ଧି ବାଥରୁମ୍ ପାଇଁ ବ୍ୟବହାର କରନ୍ତୁ । ବାଥରୁମ୍‌ର ପରିବେଶ ପ୍ରତି ଥର ବଦଳିବାର ଅନୁଭବ ହେବ ।

# ଓଣମ ଅବସରରେ ରାଷ୍ଟ୍ରପତି, ଉପ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା

ନୂଆଦିଲ୍ଲୀ,୧୯ (ନି.ପ୍ର): ଓଣମ ଅବସରରେ ରାଷ୍ଟ୍ରପତି, ଉପ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓଣମ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଓଣମ ପର୍ବ ପାଇଁ ସମସ୍ତଙ୍କୁ ଅଭିନନ୍ଦନ । ଓଣମ ଉତ୍ସବ ଆମର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ପ୍ରତୀକ । ଏହା ନୂଆ ଫସଲ ଆଗମନ ପାଇଁ ପ୍ରକୃତି ପ୍ରତି କୃତଜ୍ଞତା ଦର୍ଶାଇବାର ମଧ୍ୟ ଏକ ଅବସର । ଉପ ରାଷ୍ଟ୍ରପତି ଏମ ଭେଙ୍କେୟା ନାଇଡୁ ଓଣମ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଓଣମ ଅବସରରେ ହାର୍ଦ୍ଦିକ ଶୁଭକାମନା । ରାଜା ମହାବଳୀ ଦେଶବାସୀଙ୍କ ଜୀବନରେ ସ୍ୱାସ୍ଥ୍ୟ ଓ ସମୃଦ୍ଧିର ଆଶୀର୍ବାଦ ଦିଅନ୍ତୁ ବୋଲି କାମନା କରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଣମ ଅବସରରେ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଟ୍ୱିଟର ହ୍ୟାଣ୍ଡେଲରେ ନିଜର ମନ କି ବାତ କାର୍ଯ୍ୟକ୍ରମର ଓଣମ ସମ୍ପର୍କିତ ଆଲୋଚନାର ପାଖା ପାଖି ଏକ ମିନିଟ ବିଶିଷ୍ଟ ଭିଡିଓକୁ ମଧ୍ୟ ଶେୟାର କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏହି ପର୍ବ ଚିନଗମ ମାସରେ ଆସିଥାଏ । ଏହି ସମୟରେ ଲୋକ ମାନେ ନୂଆ କିଣନ୍ତି, ନିଜ ଘରକୁ ସଜାଇଥାନ୍ତି । ପୁକଲମ ବନାଇଥାନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଣମ ଧୀରେ ଧୀରେ ଆନ୍ତର୍ଜାତିକ ପର୍ବ ହେବାରେ ଲାଗିଛି । ଏହା କୃଷି ସହ ସମ୍ପର୍କିତ ଉତ୍ସବ । ଗ୍ରାମ୍ୟ ଅର୍ଥନୀତି ପାଇଁ ଏକ ବଡ ଶୁଭାରମ୍ଭର ଏହା ସମୟ ବୋଲି ସେ କହିଛନ୍ତି ।

# ଛତିଶଗଡ଼କୁ କେନ୍ଦ୍ରୀୟ ଟିମ ପଠାଇବ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆବଦ୍ଧାଂଚଳ ନିରୀକ୍ଷଣ

## ନମୁନା ପରୀକ୍ଷା ଏବଂ ଦକ୍ଷ ଚିକିତ୍ସା ପରିଚାଳନାକୁ ସୁଦୃଢ଼ କରିବାରେ ସହାୟତା କରିବ କେନ୍ଦ୍ରୀୟ ଦଳ

ନୂଆଦିଲ୍ଲୀ,୧୯ (ନି.ପ୍ର): ଓଡ଼ିଶା, ଉତର ପ୍ରଦେଶ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼କୁ ମିଶାଇ ଚାରିଟି ରାଜ୍ୟରେ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଦଳ ନିୟୋଜିତ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିଷ୍ପତି ନେଇଛି । ଏସବୁ ରାଜ୍ୟରେ ହଠାତ କୋଭିଡ ସଂକ୍ରମଣ ମାମଲା ବୃଦ୍ଧି ପାଇଛି ଏବଂ କେତେକ ରାଜ୍ୟରେ ମୃତ୍ୟୁହାର ଅଧିକ ରହିଛି । ଏହି କେନ୍ଦ୍ରୀୟ ଦଳ ଆବଦ୍ଧାଂଚଳ ନିରୀକ୍ଷଣ, ନମୁନା ପରୀକ୍ଷା ଏବଂ କୋଭିଡ ପଜିଟିଭ ମାମଲାଗୁଡ଼ିକର ଦକ୍ଷ ଚିକିତ୍ସା ପରିଚାଳନାକୁ ସୁଦୃଢ଼ କରିବା ଲାଗି ରାଜ୍ୟଗୁଡ଼ିକ ପକ୍ଷରୁ ହେଉଥିବା ପ୍ରୟାସରେ ସହାୟତା କରିବେ । ଠିକଣା ସମୟରେ ରୋଗର ନିଦାନ ଓ ପରବର୍ତୀ ପଦକ୍ଷେପ ସଂକ୍ରାନ୍ତୀୟ ଆହ୍ୱାନଗୁଡ଼ିକର ଦକ୍ଷତାପୂର୍ବକ ମୁକାବିଲା କ୍ଷେତ୍ରରେ ମଧ କେନ୍ଦ୍ରୀୟ ଦଳ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ କରିବେ । ପ୍ରତ୍ୟେକ ବହୁକ୍ଷେତ୍ରୀୟ କେନ୍ଦ୍ରୀୟ ଦଳରେ ଜଣେ ସଂକ୍ରାମକ ରୋଗ ବିଶେଷଜ୍ଞ ଏବଂ ଅନ୍ୟ ଜଣେ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ରହିବେ । ଏହି ଚାରିଟି ରାଜ୍ୟ ମଧରେ ଉତରପ୍ରଦେଶରେ ସର୍ବାଧିକ ୫୪,୬୬୬ଟି ସକ୍ରିୟ କୋଭିଡ-୧୯ ସଂକ୍ରମିତ ମାମଲା ରହିଥିବା ବେଳେ ଏହାପଛକୁ ଓଡ଼ିଶା (୨୭,୨୧୯, ଛତିଶଗଡ଼ (୧୩,୫୨୦) ଏବଂ ଝାଡ଼ଖଣ୍ଡ (୧୧,୫୭୭) ରହିଛନ୍ତି । ୍ଷିରୁ କୋଭିଡ ମୁକାବିଲା ନିମନ୍ତେ ଜାରି ରହିଥିବା ପ୍ରୟାସ କ୍ରମରେ କେନ୍ଦ୍ର ସରକାର ପର୍ଯ୍ୟାୟକ୍ରମେ ବିଭିନ୍ନ ରାଜ୍ୟକୁ କେନ୍ଦ୍ରୀୟ ଟିମ ପଠାଉଛନ୍ତି । ଏହି କେନ୍ଦ୍ରୀୟ ଦଳ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପ୍ରାରମ୍ଭିକ ପର୍ଯ୍ୟାୟରେ ଆହ୍ୱାନଗୁଡ଼ିକୁ ଅନୁଧ୍ୟାନ କରୁଛନ୍ତି । ଏହାପରେ ସେଗୁଡ଼ିକୁ ମୁକାବିଲା କରିବା ଦିଗରେ ହେଉଥିବା ପ୍ରୟାସରେ ସହାୟତା ଯୋଗାଇ ଦେଉଛନ୍ତି ଏବଂ କିଛି ବାଧା ରହିଥିଲେ ସେଗୁଡ଼ିକୁ ଦୂର କରୁଛନ୍ତି ।

# ଜଳେଶ୍ୱରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଜଳେଶ୍ୱର,୧୯ (ନି.ପ୍ର): ଚାହୁଁ ଚାହୁଁ ଜଳେଶ୍ୱର ବିଜ୍ଞାପିତ ଅଂଚଳ ଓ ପରେ ପୌରପାଳିକାର ମାନ୍ୟତା ପାଇଛି । କିନ୍ତୁ ୧୯୬୪ ମସିହାରୁ ଏହା କାର୍ଯ୍ୟକରି ଆସୁଥିଲେ ମଧ୍ୟ ଆବଶ୍ୟକ ବିକାଶ ଘଟିନାହିଁ । ତେଣୁ ଏବେ ଜଳେଶ୍ୱର ମ୍ୟୁନିସିପାଲଟିର ସର୍ବାଙ୍ଗୀନ ବିକାଶ ଲାଗି ସମସ୍ତଙ୍କ ସହଯୋଗ ଲୋଡିଛନ୍ତି ପୌର ଅଧିକାରୀ ଅଜୟ କୁମାର ମହାପାତ୍ର । ଆଜି ନିର୍ଦ୍ଦିଷ୍ଟ ସମୟରେ ପତାକା ଉତ୍ତୋଳନ କରି ରାଜ୍ୟର ପ୍ରବେଶ ଦ୍ୱାର ଜଳେଶ୍ୱର ମ୍ୟୁନିସିପାଲଟିର ବିକାଶ ଘଟିଲେ ଅନ୍ୟ ରାଜ୍ୟ ପ୍ରତି ଉଦାହରଣ ହେବ ବୋଲି କହିଥିଲେ । ଏକ ମାଷ୍ଟର ପ୍ଲାନର ଆବଶ୍ୟକତା ଥିବା ବେଳେ ଏବେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ହାତକୁ ନିଆଯାଇଛି । ସହରାଞ୍ଚର ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବାଲାଗି ଶାନ୍ତିଅ ଷ୍ଟେଡିୟମ ଠାରେ ମେଗା ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି । ସହରର ଜଳନିଷ୍କାସନ ଲାଗି ଆପାତତ୍ତ ବ୍ୟବସ୍ଥା ହୋଇଥିବା ବେଳେ ପାଇବା ପାଣିର ସୁବନ୍ଦୋବସ୍ତ ହୋଇଛି । ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଦ୍ୟୁତର ବ୍ୟବସ୍ଥା କରାଯାଇଛି । ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟରେ ଏସ୍ଏଚ୍ଜି ମହିଳା ମାନଙ୍କ ସହାୟତା ନିଆଯାଇଛି । ସକାଳେ ଆଜି ଡାକବାଜି ଯନ୍ତ୍ର ସହାୟତାରେ ରାମଧୁନ ଗାନ ସହିତ ସହର ପରିକ୍ରମା କରାଯାଇଥିଲା । ପାର୍କରେ ଥିବା ଭକ୍ତକବି ଦୀନକୃଷ୍ଣ ଦାସ ଓ ମ୍ୟୁନିସିପାଲଟିର ପ୍ରଥମ ଅଧ୍ୟକ୍ଷ ହିମାଂଶୁ ନନ୍ଦିଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ମହାପାତ୍ର ମାଲ୍ୟାର୍ପଣ କରିଥିଲେ ।

# ଅବସର ନେଲେ ସୀତାନାଥ ସାର

ନୀଳଗିରି,୧୯ (ନି.ପ୍ର): ସଜନାଗଡ ସ୍ଥିତ ଭୁଧାରଚଣ୍ଡୀ ହାଇସ୍କୁଲ ରେ ଦୀର୍ଘ ୩୮ ବର୍ଷ ଶିକ୍ଷାଦାନ ପରେ, ଆଜି ଅବସର ଗ୍ରହଣ କଲେ ସୀତାନାଥ ସାର । ସ୍ଥାନୀୟ ଅଚଂଳରେ ସେ ସୀତା ମାଷ୍ଟର ଭାବେ ବେଶ ପରିଚିତ । ସେ ଥିଲେ ଜଣେ ଦକ୍ଷ, ଛାତ୍ରବତ୍ସଳ, ଶୃଙ୍ଖଳିତ ଗଣିତ ଓ ବିଜ୍ଞାନର ଶିକ୍ଷକ । ଏହି ସ୍କୁଲରେ ଆରମ୍ଭ ହୁଏ ତାଙ୍କ ଶିକ୍ଷକତା ଜୀବନ । ଶେଷରେ ଏକ ଭାବାବେଗ ପୁର୍ଣ୍ଣ ପରିବେଶ ରେ ତାଙ୍କୁ ବିଦାୟ ଦେଇଥିଲେ ତାଙ୍କ ର ସହକର୍ମୀ । ସେ ସଜନାଗଡ, ତାର ଆଖପାଖ ତଥା ସମଗ୍ର ଜିଲ୍ଲାରେ ଦକ୍ଷ ଶିକ୍ଷକ ଭାବେ ବେଶ ପରିଚିତ । ତାଙ୍କର ଶିକ୍ଷାଦାନ ପ୍ରଣାଳୀ ଥିଲା ଅତ୍ୟନ୍ତ ନିଆରା ।



ଯେଉଁଥି ପାଇଁ ସେ ଅଚଂଳରେ, ଆଦର୍ଶ ଶିକ୍ଷକ ରୂପେ ସମ୍ମାନ ସାଉଁଟି ଥିଲେ । ତିନି ତିନି ଥର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ର ଦାୟିତ୍ୱ ତୁଲାଇବା ସମୟରେ, ବିଦ୍ୟାଳୟ ପାଇଁ ଅନେକ ସୁନାମ ଆଣିଛନ୍ତି । ତାଙ୍କ ଦକ୍ଷତା, କର୍ତବ୍ୟ ନିଷ୍ଠା ଓ ଶିକ୍ଷାଦାନ ପ୍ରଣାଳୀ ପାଇଁ ଭୁଧାରଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ, ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ଅବସରରେ ତାଙ୍କ ସହକର୍ମୀ, ଅନେକ ଶିକ୍ଷକ ବନ୍ଧୁ ଆଗାମୀ ଜୀବନ ପାଇଁ ଶୁଭେଚ୍ଛା ଜଣାଇବା ସହିତ ଏକ ସୁସ୍ଥ ନିରାମୟ ଜୀବନ କାମନା କରିଛନ୍ତି ।

# କେନ୍ଦୁଝର ରେ ଅଟୋ ସ୍କୁଟି ମୁହାଁ ମୁହିଁ ଧକ୍କା : ଜଣେ ମୃତ ଦୁଇ ଗୁରୁତର

କେନ୍ଦୁଝର,୧୯ (ନି.ପ୍ର): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ହରିଡାଗୋଠ ସ୍ଥିତ ଟୋଲ୍ ଗେଟ୍ ନିକଟରେ ଆଜି ସୋମବାର ଦିନ ପ୍ରାୟ ୧୧ ଟା ସମୟରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଏହି ଟୋଲ୍ ଗେଟ୍ ନିକଟରେ ଏକ ଟେମ୍ପୋ ଏବଂ ଏକ ଆକ୍ଟିଭା ସ୍କୁଟର ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ହିଁ ଜଣ ଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଦ୍ୱୟ ଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ଶରତ ନାଏକ ଜଣେ ଏ.ପି. ଏଫ. ଯବାନ ଅନ୍ୟ ଦୁଇ ଜଣ ଙ୍କ ସହ ପଣ୍ଡାପଡା ଅଭିମୁଖେ ଯାଉଥିବା ବେଳେ ଟୋଲ୍ ଗେଟ୍ ନିକଟରେ ବିପରିତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟେମ୍ପୋ ସହ ସେମାନଙ୍କର ମୁହାଁ ମୁହିଁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ଶରତ ଙ୍କର ମୃତ୍ୟୁ ହୋଇ ଥିବା ବେଳେ ତାଙ୍କ ସହ ସେହି ସ୍କୁଟରରେ ଥିବା ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚିକିତ୍ସିତ ହେଉଛନ୍ତି । ଘଟଣା ସ୍ଥଳରେ ପୋଲିସ ପହନ୍ଚି ମୃତ ଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଟେମ୍ପୋ ଓ ସ୍କୁଟରକୁ ଜବଦ ତଦନ୍ତ ଆରମ୍ଭ କରିଛି ।

# ଫନି ବାତ୍ୟାକୁ ଏକ ବର୍ଷ ରୁ ଅଧିକ ହୋଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ମାନେ ସରକାରୀ ସହାୟତା ପାଇବାରୁ ବଂଚିତ

ପୁରୀ,୧୯ (ନି.ପ୍ର): ଫନି ବାତ୍ୟା କୁ ଏକ ବର୍ଷ ରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫନି କ୍ଷତିଗ୍ରସ୍ତ ମାନେ ସରକାର ସହାୟତା ପାଇବାରୁ ବଂଚିତ ହୋଇଛନ୍ତି । ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ପୁରୀ ପ୍ରଶାସନ ନିଦା ବିଷ୍ଟୁ ପାଲଟିଛି । ଗତବର୍ଷ ମେ ମାସ ୩ ତାରିଖ ଦିନ ଫନି ବାତ୍ୟା ର କରାଳ ରୂପ ଦେଖିବାକୁ ମିଳିଥିଲା । ଏହି ବାତ୍ୟା ଯୋଗୁଁ ପୁରୀ ଜିଲା ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ଫନି ବାତ୍ୟା କୁ ଇତି ମଧ୍ୟରେ ୧୬ ମାସ ବିତି ଯାଇଥିଲେ ମଧ୍ୟ ସତ୍ୟବାଦୀ ବ୍ଲକ ର ଅନେକ କ୍ଷତିଗ୍ରସ୍ତ ଙ୍କୁ ସହାୟତା ରାଶି ମିଳିନାହିଁ । ତେଣୁ ଏହାର ପ୍ରତିବାଦ ରେ ସତ୍ୟବାଦୀ ଆଂଚଳିକ କୃଷକ ସଂଗଠନ ପକ୍ଷରୁ ପୁରୀ ଜିଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଯୋଗ୍ୟ ହିତାଧିକାରୀ ଙ୍କ ବଦଳରେ ଅଯୋଗ୍ୟ ହିତାଧିକାରୀ ଙ୍କୁ ସହାୟତା ରାଶି ମିଳିଥିବା ସଂଗଠନ ଅଭିଯୋଗ କରିଛି । ତେଣୁ ଆସନ୍ତା ଏକ ସପ୍ତାହ ମଧ୍ୟରେ ସତ୍ୟବାଦୀ ର ଯୋଗ୍ୟ ଫନି କ୍ଷତିଗ୍ରସ୍ତ ଙ୍କୁ ପ୍ରଶାସନ ସହାୟତା ରାଶି ପ୍ରଦାନ ନ କଲେ ସେମାନେ ସାମୂହିକ ଆତ୍ମାହୁତି ଦେବେ ବୋଲି ସଂଗଠନ ର ସଭାପତି କୈଳାସ ଚନ୍ଦ୍ର ବରାଳ ତାଙ୍କ ଉଦବୋଧନ ରେ ଚେତାବନୀ ଦେଇଛନ୍ତି ।

# ପୌରବାସୀଙ୍କ ସ୍ୱାର୍ଥ ଠାରୁ ଦୂରେଇ ଯାଇଛି ପୌର କର୍ତ୍ତୃପକ୍ଷ : ପ୍ରଚାର ସର୍ବସ୍ୱ ହୋଇଛି ପୌର କର୍ତ୍ତୃପକ୍ଷ

- ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ ନାହିଁ, ପୌରବାସୀ ଜଳବନ୍ଦୀ
- ଜବରଦଖଲ ହଟାଇବାରେ ପ୍ରଶାସକ ଅକ୍ଷମ: ବିଧାୟକ ପାଣ୍ଠିର ଦୁରୁପଯୋଗ
- ରେସନକାର୍ଡ଼ରେ ପାତର ଅନ୍ତର

ଭଦ୍ରକ, ୦୧/୮ (ହି.ସ.) - ଆଜି ସ୍ୱାୟତ ଶାସନ ଦିବସ । ଏହି ଦିବସରେ ପୌରବାସୀଙ୍କ ପ୍ରତି ନିଜର ଉତରଦାୟିତ୍ୱ ସମ୍ପର୍କରେ ପୌର କର୍ତୃପକ୍ଷ କିଛି ବାର୍ତା ରଖିଥାଆନ୍ତି । କିନ୍ତୁ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । କୋଭିଡ ପରିଚାଳନା ହେଉ କିମ୍ବା ଅନ୍ୟ କୌଣସି କାରଣରୁ ପୌର କର୍ତୃପକ୍ଷ ନିଜର ପ୍ରତିଶ୍ରୁତିବଦ୍ଧତା ସମ୍ପର୍କରେ ନୀରବ ରହିଛନ୍ତି । ୨୦୧୮ ସେପ୍ଟେମ୍ବର ୩୦ ତାରିଖ ଗତ ନିର୍ବାଚିତ ପୌର ପରିଷଦର କାର୍ଯ୍ୟକାଳ ପୂରି ଯାଇଥିଲା । ଆଜି ପର୍ଯ୍ୟନ୍ତ କୌଣସି କାରଣରୁ ପୌର ନିର୍ବାଚନ ହୋଇ ନାହିଁ । ତେଣୁ ଏହି ଅବଧି ମଧରେ ପୌରପାଳିକାର କାର୍ଯ୍ୟ ତୁଲାଉଛନ୍ତି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଜିଲ୍ଲା ପ୍ରଶାସକ । ତେବେ ପ୍ରଶାସକଙ୍କ ହାତରେ ପୌରବାସୀ କେତେ ମାତ୍ରାରେ ଉପକୃତ ହୋଇଛନ୍ତି ଓ ହେବେ ତାହାକୁ ନେଇ ଏବେ ସବୁଠି ଉଠିଛି ପ୍ରଶ୍ନ । ତଥ୍ୟ ଅନୁଯାୟୀ ପ୍ରତ୍ୟେକ ସ୍ୱାୟତ ଶାସନ ଦିବସ ଅବସରରେ କୌର କର୍ତୃପକ୍ଷ ପୌରବାସୀଙ୍କ ହିତରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଥାନ୍ତି । ଗତବର୍ଷ ଅର୍ଥାତ୍ ୨୦୧୯ ମସିହା ଅଗଷ୍ଟ ୩୧ ତାରିଖ ନିର୍ବାଚିତ ପରିଷଦ ନଥାଇ ମଧ ପୌର କର୍ୃପକ୍ଷ ବହୁ ଉନ୍ନୟନମୂଳକ ଯୋଜନାର ଶୁଭାରମ୍ଭ କରିଥିଲେ । ବିଶେଷକରି ସହରର ସୌନ୍ଦର୍ଯ୍ୟକରଣ ପାଇଁ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କ ଥଇଥାନ ପାଇଁ ଅପର୍ତବିନ୍ଧା ଛକ ସମେତ ରାଜଘାଟ ଓ ବାଇପାସ ଛକରେ ପୌରପାଳିକା ପକ୍ଷରୁ ବହୁ ସଂଖ୍ୟକ ଦୋକାନ ଘର ନିର୍ମାଣ ପାଇଁ ଶୁଭ ଉଦଘାଟନ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ସଂଜୀବ ମଲ୍ଲିକ , ପୌର ପ୍ରଶାସକ ଜିଲ୍ଲାପାଳ ଜ୍ଞାନ ଦାସ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ ପର୍ବର ଶୁଭଉଦଘାଟନ କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ବାଇପାସ ଛକ ଠାରେ କେତେକ ଦୋକାନ ଘର କାର୍ଯ୍ୟ ଆରମ୍ଭ ହୋଇଛି । କିନ୍ତୁ ଏକ ବିବାଦୀୟ ପରିସ୍ଥିତିରେ । ଡ୍ରେନ ଉପରେ ଏସମସ୍ତ ଦୋକାନ ଘର ନିର୍ମିତ ହୋଇଛି ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି । କିନ୍ତୁ ଅପର୍ବିନ୍ଧା ଓ ବାଇପାସ ଠାରେ ଶୁଭ ଦିଆଯାଇଥିବା ଦୋକାନ ଘର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନାହିଁ । ବିଶେଷକରି ଅର୍ପବିନ୍ଧା ଛକ ଠାରେ ଏକ ସପିଂ ମଲ ପାଇଁ ଗତ ସ୍ୱାୟ ଶାସନ ଦିବସର ଅତିଥିମାନେ ପ୍ରତିଶ୍ରୁତି ରଖିଥିବାବେଳେ, ମଲର କୌଣସି ଚିହ୍ନ ବର୍ଣ୍ଣ ଏପର୍ଯ୍ୟନ୍ତ ଦେଖିବାକୁ ମିଳିନି । ସୂଚନାଯୋଗ୍ୟ ଏହି ମଲରେ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଉଚ୍ଛେଦ ହୋଇଥିବା ବ୍ୟବସାୀଙ୍କୁ ସ୍ଥାନ ମିଳିବାର କଥା । ଗତ ସାଧାରଣ ନିର୍ବାଚନ ପରେ ଭଦ୍ରକ ବିଧାୟକ ଭଦ୍ରକକୁ ଏକ ସ୍ମାର୍ଟ ସିଟି କରିବା ଉଦ୍ଦେଶ୍ୟରେ ଉଦ୍ୟମ ଆରମ୍ଭ କରିଥିଲେ । ମହତାବ ଛକ ଠାରୁ କଚେରୀ ବଜାର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ଦୋକାନ ଘର ସବୁ ଭଙ୍ଗା ଯାଇଥିଲା । କିନ୍ତୁ ଉଚ୍ଛେଦ ଅଭିଯାନ କୌଣସି କାରଣରୁ ଆଗକୁ ବଢ଼ି ପାରିନଥିଲା । କଚେରୀ ବଜାର ଘୋଷଣା ବଜାର ଠାରେ ଅଟକି ଯାଇଥିଲା ଏହି ଉଚ୍ଛେଦ ଅଭିଯାନ । ଉଚ୍ଛେଦକୁ ନେଇ ପୌର କର୍ୃପକ୍ଷ ଅସହାୟ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଉଛି । ସେହିପରି ବର୍ଷା ଋତୁରେ ଆଜି ବି ପୌରବାସୀ ମନୁଷ୍ୟକୃତ କୃତ୍ରିମ ବନ୍ୟାରେ ଘା ଚକଟି ହେଉଛନ୍ତି । ସବୁ ସମୟରେ ସମାଲୋଚନାର ଶୀକାର ହୋଇ ଆସୁଥିବା ନିର୍ବାଚିତ ପୌର ପରିଷଦ ନଥିବା ସମୟରେ ପ୍ରଶାସକଙ୍କ ନିକଟରେ ଦକ୍ଷତା ଦେଖାଇବାର ସୁଯୋଗ ରହିଥିଲେ ମଧ ଏହାକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ ହୋଇପାରିନି । ଚଳିତ ମାସର ବର୍ଷାରେ ପୌର କର୍ୃପକ୍ଷଙ୍କ ଦୁର୍ବଳତା ପଦାରେ ପଡ଼ିଛି । ପୌରବାସୀ ଜଳବନ୍ଦୀ ହେଉଥିବା ସମୟରେ ପୌର ପ୍ରଶାସନ କେତେକ ସ୍ଥାନରେ ପହିଁ ଜଳ ନିଷ୍କାସନର ବ୍ୟବସ୍ଥା କରୁଥିବା ଓ ଏହାର ଫଟୋ ପୌରପାଳିକା ଟ୍ୟୁଟର ଏକାଉ ରେ ଦେଖାଇ ବାହାବା ନେବାକୁ କେବଳ ଉଦ୍ୟମ କରିଛି । ସେହିପରି ବିଭିନ୍ନ ୱାର୍ଡ଼ରେ ରେସନ କାର୍ଡ଼ ଆବ ନକୁ ନେଇ ବିବାଦ ତେଜି ଚାଲିଛି । ବହୁ ଥିଲାବାଲା ରେସନ କାର୍ଡ଼ ପାଇଥିବାବେଳେ, ଯୋଗ୍ୟ ହିତାଧିକାରୀ ଏଥିରୁ ବିତ ହୋଇଛନ୍ତି । ଦଳୀୟ ଭିତିରେ ହିତାଧିକାରୀ ଚୟନ ହେଉଥିବାର ଅଭିଯୋଗ ଏକ୍ଷେତ୍ରରେ ଆସିଛି । ଅନୁରୂପ ପୌରା ଳରେ ବିଧାୟକଙ୍କ ପାଣ୍ଠିରୁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ପ୍ରଦ ଅର୍ଥର ଦୁରୂପଯୋଗର ଅଭିଯୋଗ ମଧ ଆସୁଛି । ଯେଉଁ ଉଦ୍ଦେଶ୍ୟରେ ପୌରା ଳରେ ଏହି ଅର୍ଥ ବିନିଯୋଗ ହେବା କଥା ତାହା ନହୋଇ କର୍ମୀଙ୍କୁ ସନ୍ତୁଷ୍ଟ କରିବା ନ୍ୟାୟରେ ଏହି ଅର୍ଥ ଖର୍ଚ୍ଚ ହେଉଛି ବୋଲି ଅଭିଯୋଗ ହେଉଛି । ସେହିପରି ପୌରା ଳର ଜବରଦଖଲ, ରାସ୍ତାର ଦୂରାବସ୍ଥା ସମସ୍ୟାକୁ ନେଇ ପୌର କର୍ତୃପକ୍ଷ ନୀରବ ରହିଛନ୍ତି । ପୌର କ ୃପକ୍ଷଙ୍କ ଏପରି ଅସହାୟତା ବିଧାୟକଙ୍କ ସ୍ମାର୍ଟ ସିଟି ପରିକଳ୍ପନା ଦିଗରେ ଅନ୍ତରାୟ ସାଜିଛି ।

# ଜିଲ୍ଲା ବାହାର ଲୋକଙ୍କ ପାଇଁ ସ୍ୱର୍ଗଦ୍ୱାର ରେ ଶବଦାହ ମନା

ପୁରୀ,୧୯ (ନି.ପ୍ର): ପୁରୀ ଜିଲା ବାହାର ଓ ରାଜ୍ୟ ରାଜ୍ୟ ବାହାରୁ ଆସୁଥିବା ଶବ ଗୁଡିକୁ ପୁରୀ ସ୍ୱର୍ଗଦ୍ୱାର ରେ ଶବସତ୍କାର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି । ଏହି କଟକଣା ଚଳିତ ମାସର ୩୦ ତାରିଖ ପର୍ଯ୍ୟନ୍ତ ବଳବତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୁଚନା ଦିଆଯାଇଛି ।

# ସଡକ ଦୁର୍ଘଟଣା ଜଣେ ମୃତ, ୩ ଆହତ

ମାଲକାନଗିରି ,୧୯ (ନି.ପ୍ର): କାଲିମେଳା ବ୍ଲକ ମୁରଲୀଗୁଡା ଗାଁ ନିକଟରେ ଏକ ବାଇକ ସହ ଅଟୋର ମୁହାଁମୁହିଁ ଧକ୍କା ହେବାରୁ ମଟର ସାଇକେଲ ଚଳାଉଥିବା ଜଣେ ଯୁବକର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅଟୋ ଚଳାଉଥିବା ଡ୍ରାଇଭର ଓ ଅଟୋ ରେ ବସିଥିବା ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି ।ଆହତ ମାନଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ଏମଭି - ୭୯ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ପରେ ଅଟୋ ଡ୍ରାଇଭର ଅଧିକ ଗୁରୁତର ଥିବାରୁ ତାକୁ ମାଲକାନଗିରି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ମୃତ୍ୟୁ ହୋଇଥିବା ବାଇକ ଚାଳକ ଜଣଙ୍କ ହେଉଛନ୍ତି ମାଲକାନଗିରି ବ୍ଲକ ଶିଖପାଲି ପଂଚାୟତ କୋଡେଲମେଟଲା ଗ୍ରାମର ମାରା ସୋଡି ( ୨୮ ) ବୋଲି ତାର ସାନ ଭାଇ ଭୀମା ସୋଡି ବୋଲି ଜଣାପଡିଛି । ଅଟୋରେ ଥିବା ୩ ଆହତ ମାନଙ୍କର ପରିଚୟ ମିଳିପାରିନଥିବା ବେଳେ ସମୋନେ ଗୋଟିଏ ପରିବାରର ବୋଲି ସୂଚନା ମିଳିଛି । ଖବର ପାଇ ମୋଟୁ ଥାନା ଅଧିକାରୀ ଶୁଶାନ୍ତ କୁମାର ସାହୁ ଏବଂ ଅନ୍ୟ ପୋଲିସ କର୍ମଚାରୀ ମାନେ ପହଂଚି ଆହତଙ୍କୁ ମେଡିକାଲ ପଠାଇବା ବ୍ୟବସ୍ଥା କରିଥିବା ବେଳେ ଦୁର୍ଘଟଣା ଗାଡିଗୁଡିକ ଜବତ କରି ଥାନାକୁ ନେଇଛନ୍ତି ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ମୃତ ମାରା ର ଶବକୁ ବ୍ୟବଚ୍ଛେଦ ପାଇଁ କାଲିମେଳା ମେଡିକାଲ ପଠାଇଥିବା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# ଯାଜପୁର ଜିଲ୍ଲା ଗସ୍ତ କରି ବନ୍ୟାଚଂଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କଲେ ବିଜେପି ସଭାପତି

ଭୁବନେଶ୍ୱର,୧୯ (ନି.ପ୍ର): ବିଜେପି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଗୋପାଳପୁର ପଂଚାୟତ ଗସ୍ତ କରି ବନ୍ୟାଚଂଳ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଶ୍ରୀ ମହାନ୍ତି ଡଙ୍ଗାରେ ବାଲିଚନ୍ଦନପୁର ବ୍ଲକର ବିଭିନ୍ନ ପଂଚାୟତ ବୁଲି ବନ୍ୟା ପ୍ରପୀଡିତ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଜିଲ୍ଲା ପ୍ରଶାସନ ତୁରନ୍ତ ରିଲିଫ ସାମଗ୍ରୀ ସେମାନଙ୍କ ପାଖରେ ପହଂଚାଇବା ପାଇଁ ଦାବୀ କରିଛନ୍ତି । ବନ୍ୟା ଯୋଗୁଁ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଲୋକମାନଙ୍କ ପାଖରେ ପ୍ରଶାସନ ପହଂଚି ନଥିବାରୁ ଗୋପାଳପୁର ପଂଚାୟତର ହଜାର ହଜାର ଲୋକ ପାଣି ଘେରରେ ଅଛନ୍ତି । କିଛି ମାଟି ଘର ଭାଙ୍ଗି ଯାଇଛି । ଲୋକଙ୍କ ପାଖରେ ପିଇବା ପାଣି, ଶୁଖିଲା ଖାଦ୍ୟ, ଔଷଧ ମହଜୁଦ୍ ନାହିଁ । ବନ୍ୟା ପ୍ରପୀଡିତ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ଏବଂ ଗୃହପାଳିତ ପଶୁମାନଙ୍କ ପାଖରେ ଗୋ ଖାଦ୍ୟ ପହଂଚି ନାହିଁ । ବନ୍ୟା ଜଳ ନିଷ୍କାସନ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ହୋଇନାହିଁ । ବନ୍ୟାର ୪ ଦିନ ପରେ ବି ପ୍ରଶାସନର କୌଣସି ଅଧିକାରୀ ଏହି ଅଂଚଳକୁ ଆସିନାହାଁନ୍ତି । ପୂର୍ବରୁ ରାଜ୍ୟସରକାର ବନ୍ୟା ହେବା ନେଇ କୌଣସି ପ୍ରକାର ସୂଚନା ଦେଇନଥିଲେ । ଦୁର୍ବଳ ନଦୀବନ୍ଧର ସୁଦୃଢୀକରଣ ନାଁରେ ନିମ୍ନମାନର ବନ୍ଧ କାମ କରାଯାଇଛି । ନିମ୍ନମାନର କାମ ଯୋଗୁଁ ବନ୍ଧରେ ଘାଇ ହୋଇଛି । ଏହି ବନ୍ୟା ମନୁଷ୍ୟକୃତ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଜଳମଗ୍ନ ହୋଇଥିବା ଅଂଚଳରେ ଜିଲ୍ଲା ପ୍ରଶାସନ ପହଂଚି ବନ୍ୟା ପ୍ରପୀଡିତ ଲୋକଙ୍କୁ ଉଦ୍ଧାର କରି ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ପହଂଚାଇବାର ବ୍ୟବସ୍ଥା କରିବା ସହ କ୍ଷୟକ୍ଷତି ଫସଲର ଆକଳନ କରି ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତିଗସ୍ତ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ଶ୍ରୀ ମହାନ୍ତି କହିଛନ୍ତି । ପୂର୍ବରୁ ବନ୍ୟା ବିପତି ସମୟରେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବନ୍ୟା ପ୍ରପୀଡିତ ଲୋକଙ୍କୁ ଶୁଖିଲା ଖାଦ୍ୟ, ପାଣି, ଔଷଧ ଆଦି ଯୋଗାଇବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ କାର୍ଯ୍ୟକର୍ତାମାନଙ୍କୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଥିଲେ । ଏହି ପ୍ରତିନିଧୀ ଦଳ ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ସଂପାଦକ ଅମର ନାୟକ, ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ ,ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ, ପବିତ୍ର ଦାସ ପ୍ରମୁଖ ସାମିଲ ଥିଲେ ।

# ସି.ପି.ଆଇ (ଏମ୍-ଏଲ୍) ଲିବରେସନ ପ୍ରତିନିଧି ମଣ୍ଡଳୀର ବନ୍ୟାଂଚଳ ପରିଦର୍ଶନ

ଭୁବନେଶ୍ୱର,୧୯ (ନି.ପ୍ର): ସି.ପି.ଆଇ(ଏମ୍-ଏଲ୍) ଲିବରେସନ୍ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ପୁରୀ ଜିଲ୍ଲା ଅନ୍ତର୍ଗତ କଣାସ ବ୍ଲକର ବନ୍ୟାଂଚଳ ପରିଦର୍ଶନ କରି ଫେରିଛନ୍ତି । ଦୟାନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧରେ ଗଡ଼ମାଟିଆପଡ଼ା ଓ ବେହେଂଚା ମଧବର୍ତୀ ଯାଗାରେ ହୋଇଥିବା ଘାଇ ଯୋଗୁଁ ଉକ୍ତ ବ୍ଲକର ୪ଟି ପଂଚାୟତର ପ୍ରାୟ ୪୦ଖଣ୍ଡ ଗାଁ ଜଳବନ୍ଦୀ ହୋଇଛି । ଲୋକେ ଜୀବନ ବିକଳରେ ଗାଈ ଗୋରୁ, ଛେଳି, ମେଣ୍ଢା ନେଇ ନଦୀ ବନ୍ଧରେ ଆଶ୍ରୟ ନେଇଥିଲେ ବି, ଘରେଥିବା ସମସ୍ତ ଖାଦ୍ୟଶସ୍ୟ, ଆସବାବପତ୍ର ପୁରା ପାଣିରେ ନଷ୍ଟ ହୋଇଛି । ଗରିବ ଲୋକଙ୍କ ଝାଟିମାଟି ଘର କେବଳ ଧୋଇଯାଇନାହିଁ, ବନ୍ୟା ଯୋଗୁଁ କେତେକ ଯାଗାରେ କୋଠାଘର ମଧ ଦବି ଗଲାଣି । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ଏବର୍ଷ ବଡ଼ ଧରଣର ବନ୍ୟା ହେବନାହିଁ ବୋଲି ପ୍ରଶାସନର ପ୍ରଚାର, ସତର୍କତା ଅବଲମ୍ବନରେ ହାଲୁକା ମନୋଭାବ, ଦୀର୍ଘଦିନ ଧରି ନଦୀବନ୍ଧ ମରାମତ ନହେବା, ନଦୀ ଶଯ୍ୟା ପୋତିହେବା କାରଣ ଯୋଗୁଁ ଏଭଳି ବନ୍ୟା ବିପର୍ଯ୍ୟୟ ଘଟିଲା । ଅତୀତରେ ମୁଣ୍ଡଳୀଠାରେ ସାଢେ ତେରଲକ୍ଷ କ୍ୟୁସେକ୍ ଜଳ ପ୍ରବାହକୁ ସମ୍ଭାଳିଥିବା ନଦୀବନ୍ଧ ମାତ୍ର ଦଶଲକ୍ଷ କ୍ୟୁସେକ୍ ଜଳ ଯୋଗୁଁ ଆଖି ପିଛୁଳାକେ ଭାଙ୍ଗିଗଲା । ଦୁର୍ବଳ ଥିବା ଯାଗାରେ ବାଲିବସ୍ତା ମହଜୁଦ ନ ରଖିବା, ବନ୍ୟାର ପ୍ରାରମ୍ଭିକ ପ୍ରସ୍ତୁତି କାର୍ଯ୍ୟ ଆଦୌ ନଥିବା ବନ୍ୟାର ମୁଖ୍ୟ କାରଣ । ତେଣୁ ସରକାର ଓ ପ୍ରଶାସନିକ କଳ ମୁଖ୍ୟତଃ ଏ ବନ୍ୟା ପାଇଁ ଦାୟୀ । କୋଭିଡ୍ କୁପରିଚାଳନା ଯୋଗୁଁ ଲୋକଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିଲା ବେଳେ ଏ ବନ୍ୟା ବିଲରେ ଥିବା ଫସଲ ଓ ଘରେ ଥିବା ଖାଦ୍ୟକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଲା । ତେଣୁ ବିପନ୍ନ ଲୋକଙ୍କୁ ତୁରନ୍ତ ରନ୍ଧା ଖାଦ୍ୟ, ପିଇବା ପାଣି, ପଲିଥିନ୍, ଗୋଖାଦ୍ୟ ଯୋଗାଇ ଦିଆଯାଉ । ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ହଇଜା ମହାମାରୀ ଆରମ୍ଭ ହୋଇଗଲାଣି । ଏଥିପାଇଁ ପ୍ରଶାସନ ପଦକ୍ଷେପ ନେଉ । ଓଡ଼ିଶାରେ ପ୍ରତିବର୍ଷ ବନ୍ୟା, ବାତ୍ୟା, ଝଡ଼ ହେଉଥିଲା ବେଳେ ଲୋକଙ୍କ ଧନଜୀବନକୁ ସୁରକ୍ଷା ଦେଉଥିବା ଲଂଚ ଡ୍ରାଇଭର ଓ ଖଲାସୀମାନେ ଠିକା ଓ ଅସ୍ଥାୟୀ । ସରକାର ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଏକ ମାଷ୍ଟରପ୍ଲାନ କରିବା ସହ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରନ୍ତୁ ।ଏହି ପ୍ରତିନିଧି ମଣ୍ଡଳରେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ବରିଷ୍ଠ ରାଜ୍ୟକମିଟି ସଭ୍ୟ ଦିବାକର ବେଉରିଆ, ଅଶୋକ ପ୍ରଧାନ, ଲିଟୁଲାଲ୍ ଦେବସୁବୁଦ୍ଧି, ପୁରୀ ଜିଲ୍ଲା କମିଟି ସଭ୍ୟ ସର୍ବେଶ୍ୱର ଭାରତୀ, ଆଇସା ସଭ୍ୟ ଜଗଦିଶ ବେଉରିଆ ପ୍ରମୁଖ ଭାଗ ନେଇଥିଲେ ଓ କେତେକ ଗାଁରେ ବିସ୍କୁଟ୍ ବଂଟନ କରିଥିଲେ ।

# ଘର ଭାଙ୍ଗିଲା, ପରିବାର ଅସହାୟ

ନୂଆପଡା,୧୯ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଅନ୍ତର୍ଗତ କାମପୁର ଗ୍ରାମର ମନୋରଞ୍ଜନ ମାଝୀଙ୍କର ମାଟି ଘର ଭାଙ୍ଗି ଯାଇଛି । ଚଳିତ ଲଘୁଚାପ ଜନୀତ ଲଗାଣ ବର୍ଷା କାରଣରୁ ତାଙ୍କର ମାଟି କାନ୍ଥ ଭାଙ୍ଗି ପଡିଥିବା ବେଳେ ପରିବାର ଅସହାୟ ହୋଇ ପଡିଛନ୍ତି । ଏନେଇ ମନୋରଞ୍ଜନ ବୋଡେନ ତହସିଲଦାରଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି । ସେହିପରି ଖଡିଆଳ ବ୍ଲକର ବଙ୍ଗାପୁର ଗ୍ରାମର ନବୀନ ବେହେରା, ବିଷ୍ଣୁ ଚରଣ ବେହେରା, କଳାକାହ୍ନୁ ହଂସ ଏବଂ ମହାଦେବ ତେଜୀଙ୍କର ଘର ଭାଙ୍ଗି ଯାଇଥିବା ସୂଚନା ମିଳିଛି ।

# ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ପରଲୋକରେ ମହିଳା ଓ ଶିଶୁବିକାଶ ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୯ (ନି.ପ୍ର): ଭାରତର ପୂର୍ବତନ ରାଷ୍ଟ୍ରପତି, ରାଷ୍ଟ୍ରନୀତିଜ୍ଞ, ଅଭିଜ୍ଞ ରାଜନେତା ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ପରଲୋକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଏକ ଶୋକବାର୍ତାରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି, ୬୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ଥିବା ଶ୍ରୀ ମୁଖାର୍ଜୀ ଭାରତର ରାଷ୍ଟ୍ରପତି ପଦ ମଣ୍ଡନ କରିବାର ଗୌରବ ଅର୍ଜନ କରିଥିଲେ । ଜରେ ପ୍ରବୀଣ ରାଷ୍ଟ୍ରନୀତିଜ୍ଞ ଭାବେ ତାଙ୍କର ପ୍ରଚଣ୍ଡ ଜ୍ଞାନ, ମେଧା, ଅଭିଜ୍ଞତା ଏବଂ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଫଳରେ ସେ ଜଣେ ଚିନ୍ତାଶୀଳ ନୀତି ନିର୍ଦ୍ଧାରକ ଭାବେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇପାରିଥିଲେ । ଉଚ୍ଚତର ସଂସଦୀୟ ପରମ୍ପରାର ବାହକ ଭାବେ ସେ ସଦାସର୍ବଦା ନୂତନ ପିଢ଼ିର ରାଜନେତାମାନଙ୍କ ମାର୍ଗଦର୍ଶନ କରୁଥିବେ । ତାଙ୍କର ପରଲୋକ ସହିତ ଏକ ମହାନ୍ ଯୁଗର ଅବସାନ ଘଟିଛି । ମନ୍ତ୍ରୀ ଶ୍ରୀମତୀ ସାହୁ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

### ଜଳବନ୍ଦି ସମସ୍ୟାର ସମାଧାନ ଲାଗି କଂଗ୍ରେସର ପ୍ରେସମିଟ

# ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ପାଇଁ ଆନ୍ଦୋଳନ କରିବ କଂଗ୍ରେସ

ଜଳେଶ୍ୱର,୧୯ (ନି.ପ୍ର): ଉତ୍ତର ବାଲେଶ୍ୱରର ଜଳେଶ୍ୱର ଓ ଭୋଗରାଇର ବଡ ସମାସ୍ୟ ୱାଟର ଲଗିଂ ଅଂଚଳ ଲାଗି ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣି ଓ ସୁବର୍ଣ୍ଣରେଖା ନଦୀର ବନ୍ୟାଜଳ ନିଷ୍କାସନ ଲାଗି ଅଦ୍ୟାବଧି ରାଜ୍ୟ କିମ୍ବା କେନ୍ଦ୍ର ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନଥିବାରୁ ଧୋୟା ଅଂଚଳର ଦୁଃଖ ଅବର୍ଣ୍ଣନୀୟ ହୋଇଛି । ଏହାର ଏକମାତ୍ର ସମାଧାନ ସୁବର୍ଣ୍ଣରେଖା ସଂସ୍କାର ଯୋଜନା 'ଷ୍ଟ୍ରେଟକଟ୍' କାର୍ଯ୍ୟକାରୀ ହେଲେ ସମସ୍ୟାର ସମାଧାନ ହୋଇପାରିବ । ଏହି ଯୋଜନା କାର୍ଯ୍ୟକାରୀ ପାଇଁ କଂଗ୍ରେସ ଆଗାମୀ ଦିନରେ ଅଂଚଳିକ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ଜନ ସଂପର୍କ ଯାତ୍ରା ଶେଷ ପରେ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଜଳେଶ୍ୱର ବ୍ଲକର ସୁଗୋ, ନେତୁଆ, ସମ୍ପତ୍ତିଆ, ଖାଳିନା, ନାମ୍ପୋ, ପର୍ଣ୍ଣବାର୍ଡ, ବାଇଗଣବାଡିଆ, ଝାଡପିମ୍ପଳ ଇତ୍ୟାଦି ପଂଚାୟତ ସହିତ ଭୋଗରାଇର ୧୮ ପଂଚାୟତ ବର୍ଷାଦିନରେ ଜଳବଂଦିଭାବେ ପରିଣତ ହୁଏ । କାରଣ ଏହି ଅଂଚଳରୁ ବର୍ଷାପାଣି କିମ୍ବା ସୁବର୍ଣ୍ଣରେଖାର ବନ୍ୟାପାଣି ସମୁଦ୍ରକୁ ନିଷ୍କାସନ ହେବାର ସୁବିଧା ନାହିଁ । ଆଜି ଜଳେଶ୍ୱରର ବିଭିନ୍ନ ପଂଚାୟତରୁ କଂଗ୍ରେସ ନେତାମାନେ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଜଳବଂଦି ଅଂଚଳ ବୁଲି ଦେଖିବା ସହିତ ବିଭିନ୍ନ ସ୍ଥାନରେ ଅଭିଜ୍ଞ ବ୍ୟକ୍ତଙ୍କ ସହିତ ଆଲୋଚନା କରିଥିଲେ । ଜଳବଂଦି ସେ ଅଂଚଳର ଜୀବନ ଜୀବିକା ତଥା ସାମାଜିକ ଅର୍ଥନୈତିକ ଅବସ୍ଥାକୁ ଗଭୀର ପ୍ରଭାବିତ କରୁଥିବା କହିଥିଲେ । ବିଭିନ୍ନ ସମୟରେ ନିର୍ବାଚିତ ସାଂସଦ ଓ ବିଧାୟକ ବିଭିନ୍ନ ପ୍ରତିଶୃତି ଦେଇଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟାର ସମାଧାନ ହୋଇପାରିନାହିଁ । ବିଶେଷତଃ ମହାକାଳ ଖାଳ, ଖାଳଯୋଡି ଖାଳ, ନହରା ଖାଳ, ନାମ୍ପୋ ଖାଳ, ଶାରିଆ ଖାଳ, ହିଜୁଳ ଖାଳ ଇତ୍ୟାଦି ଦ୍ୱାରା ପୂର୍ବ ମେଦିନୀପୁରର ମୋହନପୁର, ଏଗ୍ରା ଓ ଦାନ୍ତୁନ ଅଂଚଳର ଉଦ୍‌ବୃତ୍ତ ବର୍ଷାପାଣି ସେ ଅଂଚଳରେ ପହଞ୍ଚିଥାଏ । ଏହି ପାଣି ସବୁ ବଡଖାଳ ଦେଇ ସୁବର୍ଣ୍ଣରେଖାକୁ ନିଷ୍କାସିତ ହେବକଥା । କିନ୍ତୁ ନିଷ୍କାସନ ପଥ ପୋତି ହୋଇ ପଡିଥିବାରୁ ଖାଳଯୋଡି, ଚିତେଇ ସ୍ଲୁଇସ୍ ଠିକ୍‌ଭାବେ କାର୍ଯ୍ୟକାରୀ ହେଉନଥିବାରୁ ପାଣି ନିଷ୍କାସୀତ ନ ହୋଇ ଦୀର୍ଘ ୪ମାସ ବୁଡାଇ ରଖୁଛି । ଏ ସବୁର ସମସ୍ୟାର ସମାଧାନ ଲାଗି ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ହେବା ଏକାନ୍ତ ଜରୁରୀ । ଆଜିର କଂଗ୍ରେସ ଦଳର ନେତୃସ୍ଥାନୀୟ ବ୍ୟକ୍ତି ସୁଗୋଠାରୁ ବାହାରି ଖାଳିନା ପର୍ଯ୍ୟନ୍ତ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଆଗାମୀ ଦିନରେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା 'ଷ୍ଟ୍ରେଟକଟ୍' କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ । ଏହି ଆନ୍ଦୋଳନରେ ରାଜୀବଗାନ୍ଧି ପଂଚାୟତରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ, ନୟନ କୁମାର ପାଠୀ, ହେମନ୍ତ ଗିରି, ବିରେନ୍ ଦେ, ଗୋପାଳ କୃଷ୍ଣ ଜେନା, ତ୍ରିଲୋଚନ ନାୟକ, ବିରେନ୍ଦ୍ର ନାଥ ପ୍ରଧାନ, ଅଭୟ ଦେ, ପିଣ୍ଟୁ ଦେ, କ୍ଷତିଶ ବେହେରା, ଉମାଶଂକର ମହାପାତ୍ର, ଦୀପକ ରାଜ, ଗୋପାଳ ଚନ୍ଦ୍ର ଜେନା, ଅନନ୍ତ ଦଳେଇ, ରବିନ୍ଦ୍ର ସାମଲ, ପଦ୍ମଲୋଚନ ବେହେରା, ଜଗଦୀଶ ନନ୍ଦି, ଜଗଦୀଶ ଜେନା, ଅକ୍ଷୟ ସାହୁ ଓ ବିରଞ୍ଚି ନାରାୟଣ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜେଇଇ ମେନ୍ ...

ଅପେକ୍ଷା ଏଥର ପରୀକ୍ଷା କେନ୍ଦ୍ର ସଂଖ୍ୟା ବଢ଼ାଇ ଦିଆଯାଇଛି । ପ୍ରତି ସିଫ୍ଟରେ ୮୫ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ପ୍ରଥମ ଓ ଅପରାହ୍ନ ୩ଟାରୁ ୬ଟା ମଧ୍ୟରେ ଦ୍ୱିତୀୟ ସିଫ୍ଟ ପରୀକ୍ଷା କରାଯାଉଛି ଚଳିତଥର ଓଡ଼ିଶାରୁ ୩୮ହଜାର ୨୩୬ଜଣ ଛାତ୍ରଛାତ୍ରୀ ଜେଇଇ ମେନ୍ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଛନ୍ତି । ଭୁବନେଶ୍ୱର ସହରରେ ସର୍ବାଧିକ ୬ଟି ପରୀକ୍ଷା କେନ୍ଦ୍ରରେ ୧୬ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ବ୍ରହ୍ମପୁର, କଟକ, ସମ୍ବଲପୁର, ରାଉରକେଲା, ବାଲେଶ୍ୱର, ଢେଙ୍କାନାଳ ସହରରେ ବାକି ୨୦ଟି କେନ୍ଦ୍ର ହୋଇଛି ।

### ଘୂର୍ଣ୍ଣିବଳୟ ପ୍ରଭାବରେ...

ସମ୍ବଲପୁର, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାରେ ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ଝାରସୁଗୁଡା, ସୁନ୍ଦରଗଡ, କଳାହାଣ୍ଡି, ଏବଂ ଅନୁଗୁଳ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪୮ ଘଂଟା ପାଇଁ ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

### ମିଥ୍ୟା ଅଭିଯୋଗ କରି ...

ପାରିତ କରି ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିଦେଇଥିଲା । ଆଇଟିଡିସି ତରଫରୁ ପ୍ରସ୍ତୁତ ନକ୍ସାରେ ପରିବର୍ତନ କରିବା ସହ ରାଜ୍ୟ ସରକାର ୨୭/୧୧/୨୦୧୭ ମସିହାରେ ଆଇଟିଡିସିକୁ ଏହି ପ୍ରକଳ୍ପର ଖର୍ଚ୍ଚ ରାଶି ୫୦ କୋଟିରୁ ୭୮ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଚିଠି ଲେଖିଥିଲେ । ଶେଷରେ ଶ୍ରୀ ଜଗନ୍ନାଥ ବିଶ୍ରାମସ୍ଥଳୀର ନିର୍ମାଣ କାର୍ଯ୍ୟ ବଗଲା ଧର୍ମଶାଳା ଜମିରେ ହେବାର ନିଷ୍ପତି ଗ୍ରହଣ କରାଯାଇ ଜମିକୁ ଆଇଟିଡିସିକୁ ହସ୍ତାନ୍ତର କରାଗଲା । ଆଇଟିଡିସିକୁ ହସ୍ତଗତ ଚିଠିରେ ଉଲ୍ଲେଖ ହୋଇଥିଲା ଯେ ଶ୍ରୀ ଜଗନ୍ନାଥ ବିଶ୍ରାମସ୍ଥଳୀ ପାଇଁ ପୁରୀର ଅନ୍ୟ ଏକ ସ୍ଥାନରେ ୨ ଏକର ଜମି ଯୋଗାଇ ଦିଆଯିବ । ମାତ୍ର ଏହି ଜମି ଅତ୍ୟନ୍ତ ତଳୁଆ ଅଂଚଳ ଏବଂ ଗମନାଗମନ ପାଇଁ ଅସୁବିଧା ଥିବା କାରଣରୁ ଏଥି ପାଇଁ ୨.୫ କୋଟିରୁ ୩ କୋଟି ଟଙ୍କା ଅଧିକ ଅର୍ଥ ଖର୍ଚ୍ଚ ହେବ ବୋଲି ଆଇଟିଡିସି ତରଫରୁ କୁହାଯାଇଥିଲା । ବର୍ତମାନ ସୁଦ୍ଧା ରାଜ୍ୟ ସରକାର ଏ ସଂପର୍କରେ କୌଣସି ଉତର ଦେଇନାହାନ୍ତି । ପ୍ରଥମେ ବଗଲା ଧର୍ମଶାଳା ଜମିକୁ ନିର୍ମାଣ କାର୍ଯ୍ୟ ପାଇଁ ଆଇଟିଡିସିକୁ ହସ୍ତାନ୍ତର, ପ୍ରକଳ୍ପ ଖର୍ଚ୍ଚ ପରିମାଣ ୫୦ କୋଟିରୁ ୭୮ କୋଟି ଟଙ୍କା ବୃଦ୍ଧି କରିବା, ୩.୨୬ କୋଟି ଟଙ୍କା ଖର୍ଚ୍ଚ ହୋଇ ପ୍ଲିନ୍ଥ୍ ଲେଭଲ୍ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ହଠାତ୍ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାର ନିର୍ଦ୍ଦେଶ, ବଗଲା ଧର୍ମଶାଳା ଜମିକୁ ପ୍ଲଟିଂ କରି ବିକ୍ରି କରିବାର ନିଷ୍ପତି, ଶ୍ରୀ ଜଗନ୍ନାଥ ବିଶ୍ରାମସ୍ଥଳୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ରାଜ୍ୟ ସରକାର କାହିଁକି ଏବଂ କାହା ସ୍ୱାର୍ଥରେ କରିଲେ ବୋଲି ଡ.ପାତ୍ର ପ୍ରଶ୍ନ କରିଛନ୍ତି ।

### ଆଉ ୨ ବିଧାୟକଙ୍କୁ ...

.ସଂକ୍ରମିତ ଜଣାପଡ଼ିବା ପରେ ସେ ଏବେ ଘରେ ଏକାନ୍ତବାସରେ ରହିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଗତ କିଛି ଦିନ ଧରି ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ବରୀ ବିଧାୟିକା ସୁନନ୍ଦା ଦାସ ଟ୍ୱିଟ କରି ସେ କରୋନା ପଜିଟିଭ ଥିବା ଜଣାଇଛନ୍ତି । ସେ ଏବେ ଘରେ ଏକାନ୍ତବାସରେ ରହିଛନ୍ତି । ଗତ କିଛି ଦିନ ଧରି ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି ।

### ନିଲମ୍ବିତ ଆଇଆଇସି ...

ଆୟ ବହିର୍ଭୁତ ସମ୍ପତ୍ତି ସଂପର୍କରେ ଭିଜିଲାନ୍ସ ବିଭାଗର ବାଲେଶ୍ୱର ଓ ବାରିପଦା ୟୁନିଟ ତଦନ୍ତ ଆରମ୍ଭ କରିଛନ୍ତି । ବାରିପଦା ୟୁନିଟ୍‌ର ଡିଏସ୍‌ପି ଶରତ କୁମାର ମହାପାତ୍ର ଆଜି ସକାଳ ୬ଟାରେ ଜଳେଶ୍ୱର ଥାନାରେ ପହଞ୍ଚି ତଦନ୍ତ କରୁଥିବା ବେଳେ ତାଙ୍କର ସରକାରୀ ବାସଭବନ ଉପରେ ମଧ୍ୟ ଚଢାଉ କରାଯାଇଥିଲା । ଭୁବନେଶ୍ୱରର ସୈଳେସ ବିହାରର କୈଳାସ ବିହାର ଫ୍ଲାଟ ନଂ-୩୦୧, ନରସଂହପୁରର ବଡଭୂଇଁ ଗାଁ ଘର, ଶ୍ୱଶୁର ଘର ବଡ ହୁଡା, କଟକ ଜିଲାର ଇମାମ ନଗରର ହୋଟେଲ ଅଦିଶା, କାଟକର ନିମପୁର ଅଂଚଳରେ ଥିବା ନାନକାର ଅଂଚଳରେ ମଧ୍ୟ ଚଢାଉ ହୋଇଛି । ବାଲେଶ୍ୱର ୟୁନିଟ୍‌ର ଏଲ୍.ଏନ୍ ମୁଖୀ ମଧ୍ୟରେ ଏହି ଚଢାଉରେ ସାମିଲ ହୋଇଛନ୍ତି । ଜଳେଶ୍ୱର ବାଲି ମାଫିଆଙ୍କ ସହିତ ନିଲମ୍ବିତ ଆଇ.ଆଇ.ସିଙ୍କର ସମ୍ପର୍କଥିବାର କେତେକ ଅଡିଓ ଏବେ ବଜାରରେ ଘୁରିବୁଲୁଥିବା ଜଣାଯାଇଛି । ଲକ୍ଷ୍ମଣନାଥ ୟୁନିଫାଏଡ ଚେକ୍‌ଗେଟ୍ ବନ୍ଦ ହୋଇ ଯାଇଥିଲେ ମଧ୍ୟ ଆଇଆଇସିଙ୍କର ଘନିଷ୍ଠ ଗ୍ରାମରକ୍ଷୀ ଅନନ୍ତ ମଣ୍ଡଳଙ୍କ ଲକ୍ଷ୍ମଣନାଥ ସ୍ଥିତ ବାସଭବନ ଓ ପୈତୃକ ଗ୍ରାମ ଘର ସୁଖଦୁଖିଆରେ ମଧ୍ୟ ଚଢାଉ କରାଯାଇଛି ।

## ବଜ୍ରାଘାତରେ କାକୁଡି ଚାଷୀ ମୃତ : ୫ ଗୁରୁତର

ଜଳେଶ୍ୱର,୧୯ (ନି.ପ୍ର): ତିନି ଦିନର ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମପାତ ପରେ ଆଜି ପୂର୍ବାହ୍ନ ୧୦ଟାରେ କଳ ହାଣ୍ଡିଆ ମେଘ ସହିତ ବର୍ଷା ଆରମ୍ଭ ହୋଇଥିଲା । ୧୦.୩୦ମିରେ ଘନ ଘନ ବଜ୍ରାଘାତ ହେବାର ଜଣାଯାଇଛି । ଏଥିରେ ଗୋବର ଘଟା ପଂଚାୟତର ବୈରାଟଆଡି ଗ୍ରାମର ସ୍ୱର୍ଗତ ବାବୁ ମହାନ୍ତିଙ୍କ ପୁତ୍ର କାର୍ତ୍ତିକ ମହାନ୍ତି ଅନ୍ୟ ୫ଜଣଙ୍କ ସହିତ ପଢିଆରୀ ପୁର ମୌଜାର ଦିପା ଇଟାଭାଟି ନିକଟରେ ତାର ଏକ ଜମିରୁ କାକୁଡି ତୋଳିବାକୁ ଯାଇଥିଲେ । ସେଠାରେ ବଜ୍ରାଘାତରେ କାର୍ତ୍ତିକ ମହାନ୍ତି (୩୭) ଙ୍କର ମୃତ୍ୟୁ ଘଟିଥିବା ବେଳେ ଚନ୍ଦ୍ରମୋହନ ସିଂ, ଗଣେଶ ମହାନ୍ତି, ସ୍ତ୍ରୀ ରଂଜିତା ମହାନ୍ତି, କୁଂଜବିହାରୀ ଜେନା, ଗୁଣ୍ଡୁରୀ ସିଂ ପ୍ରମୁଖ ଆହତ ହୋଇ ଜିକେ ଭଟ୍ଟର ହସ୍‌ପିଟାଲରେ ଚିକିତ୍ସାଧିନ ରହିଛନ୍ତି । ଚନ୍ଦ୍ରମୋହନ ସିଂଙ୍କ ଅବସ୍ଥା ଗୁ ରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି ।

# ଓଡ଼ିଶାରେ ଆରମ୍ଭ ହେବ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ

ଭୁବନେଶ୍ୱର,୧୯ (ନି.ପ୍ର): ରାଜ୍ୟରେ ଭାରତ ସରକାରଙ୍କ 'ଏକ ଜିଲ୍ଲା ଏକ ଉତ୍ପାଦ' ସ୍କିମ୍ ଅଧୀନରେ ପ୍ରଧାନମନ୍ତ୍ରୀ ଔପଚାରିକ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମତି ମିଳିଛି । ଏଥିପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗକୁ ରାଜ୍ୟ ସରକାର ନୋଡାଲ ବିଭାଗ ଏବଂ ଶିଳ୍ପ ନିର୍ଦ୍ଦେଶକଙ୍କୁ ନୋଡାଲ ଅଧିକାରୀ ଭାବେ ମନୋନୀତ କରିଛନ୍ତି ଏଥି ସହିତ ଆପିକଲ, ଭୁବନେଶ୍ୱରକୁ ଏହି ସ୍କିମ୍ କୁ ରୂପାୟନ କରିବା ପାଇଁ ନୋଡାଲ ସଂସ୍ଥା ଭାବେ ବଛା ଯାଇଛି । ଏହି ସ୍କିମ୍ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣରେ ନିୟୋଜିତ ଥିବା ଅଣସଂଗଠିତ ଉଦ୍ୟୋଗୁଡ଼ିକୁ ତଥା କୃଷକ ଉତ୍ପାଦକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ସମବାୟ ସମୂହଗୁଡ଼ିକୁ ସହାୟତା ପ୍ରଦାନ କରିବା ସହ 'ଏକ ଜିଲ୍ଲା ଏକ ଉତ୍ପାଦ' ଆଧାରରେ ସମଗ୍ର ମୂଲ୍ୟଶୃଙ୍ଖଳ (ଭାଲ୍ୟୁଚେନ୍)କୁ ପ୍ରୋତ୍ସାହିତ କରି ସେମାନଙ୍କେ ଆବଶ୍ୟକ ଭିତିଭୂମିର ବିକାଶ, ବ୍ରାଣ୍ଡିଂ ଏବଂ ବିପଣନ ସହାୟତା, ଦକ୍ଷତା ବିକାଶ ତାଲିମ ପ୍ରଦାନ ଏବଂ ଏସବୁ ଉପରେ ଅଧିକ ଗବେଷଣା ଆଦି କାର୍ଯ୍ୟରେ ସାହାଯ୍ୟ କରାଯିବ । କେତେକ ଯୋଗ୍ୟ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ଋଣ ଯୋଗାଣର ବ୍ୟବସ୍ଥା କରାଯିବା ସହ ମୂଳଧନ ଉପରେ ୩୫% ହିସାବରେ ସର୍ବାଧିକ ୧୦ ଲକ୍ଷ ଟଙ୍କା ଯାଏ ରିହାତି ଦେବାର ପ୍ରାବଧାନ ରଖାଯାଇଛି । ଏପରିକି ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ/ ସଭ୍ୟାମାନଙ୍କ ଜଣକୁ ପ୍ରାରମ୍ଭିକ ପୁଞ୍ଜି ଭାବେ ୪୦ ହଜାର ଟଙ୍କା ଯୋଗାଇଦେବା ସହ ଗୋଟିକିଆ ଉଦ୍ୟୋଗକୁ ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ । ଏଥି ପାଇଁ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ପ୍ରଥମ କିସ୍ତିରେ ୨.୩୧ କୋଟି ଟଙ୍କା ପାଇଛି । ଏହି ସ୍କିମ୍ ର ସୁଫଳ ଉଦ୍ୟୋଗୀମାନଙ୍କ ନିକଟରେ ପହଂଚାଇବା ପାଇଁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ, ଶିଳ୍ପ ନିର୍ଦ୍ଦେଶକ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶକ, କୃଷି ଉଦ୍ୟାନ ବିଭାଗ ନିର୍ଦ୍ଦେଶକ, ପରିଚାଳନା ନିର୍ଦ୍ଦେଶକ, ଆପିକଲ୍, ମିଶନ ଶକ୍ତି, ପ୍ରାଣୀସଂପଦ ବିଭାଗ, ମତ୍ସ୍ୟ ବିଭାଗ, ଓଡ଼ିଶା ଜୀବିକା ମିଶନ, ଓର୍‌ମାସ୍ ରପଦସ୍ଥ ଅଧିକାରୀ, ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି, ଭାରତୀୟ କୃଷି ଗବେଷଣା ପରିଷଦର ବୈଜ୍ଞାନିକଙ୍କୁ ନେଇ କେଉଁ ଜିଲ୍ଲାରେ କେଉଁ ଉଦ୍ୟୋଗ କରାଯିବ ତାହା ଚୂଡାନ୍ତ କରାଯାଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ଆଗୁଆ ପଦକ୍ଷେପ ଭାବେ ପ୍ରତି ଜିଲ୍ଲାକୁ ପ୍ରାରମ୍ଭିକ ରିହାତି ଭାବେ ୩୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଧାର୍ଯ୍ୟ କରିଛନ୍ତି । ଭାରତ ସରକାରଙ୍କଠାରୁ ପ୍ରାପ୍ତ ଏହି ଅନୁଦାନକୁ କିପରି ଭାବେ ସଫଳତାର ସହ ତ୍ୱରିତ ବିନିଯୋଗ କରାଯାଇ ପାରିବ ସେଥି ପାଇଁ ସମସ୍ତ ନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏସବୁ ଉଦ୍ୟୋଗଗୁଡ଼ିକୁ ସଫଳ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ଆବଶ୍ୟକୀୟ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳ ୟକୁ ନୋଡାଲ ଏଜେନ୍ସି ଭାବେ ବଛାଯାଇଛି । 'ଏକ ଜିଲ୍ଲା ଏକ ଉତ୍ପାଦ' ସ୍କିମ୍ ରେ କେଉଁ ଜିଲ୍ଲାରେ କେଉଁ ଉଦ୍ୟୋଗ ପ୍ରକଳ୍ପ ରୂପାୟନ କରାଯିବ ତାହା ନିର୍ଦ୍ଧାରିତ ହୋଇଛି । ସେଥିରେ ଆମ୍ବ ଫଳ ଭିତିକ ଉତ୍ପାଦ ପାଇଁ ଅନୁଗୋଳ, ବୌଦ୍ଧ,ଢେଙ୍କାନାଳ, କେଉଁଝର, ନବରଙ୍ଗପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ । ମତ୍ସ୍ୟଭିତିକ ଉଦ୍ୟୋଗ ପାଇଁ ବାଲେଶ୍ୱର, ଭଦ୍ରକ ଓ ଗଞ୍ଜାମ । ବାଦାମ ତୈଳବୀଜ ଭିତିକ ଉଦ୍ୟୋଗରେ ବରଗଡ଼ ଓ ଯାଜପୁର, କଦଳୀ ପ୍ରକ୍ରିୟାକରଣ ପାଇଁ ବଲାଙ୍ଗୀରଓ କଳାହାଣ୍ଡି, ଦୁଗ୍ଧଭିତିକ ଉଦ୍ୟୋଗରେ କଟକ ଏବଂ ଜଗତସିଂହପୁର, କମଳା ଜାତୀୟ ଫଳ ପାଇଁ ଦେବଗଡ଼, ଲଙ୍କାଗୁଣ୍ଡ ମସଲା ପାଇଁ ଝାରସୁଗୁଡ଼ା ଓ ସମ୍ବଲପୁର, ହଳଦୀଗୁଣ୍ଡ ମସଲା ପାଇଁ କନ୍ଧମାଳ, ନଡ଼ିଆ ଜାତୀୟ ଉଦ୍ୟୋଗ ପାଇଁ କେନ୍ଦ୍ରାପଡ଼ା ଓ ପୁରୀ । ଅଦା ପ୍ରକ୍ରିୟାକରଣ ପାଇଁ କୋରାପୁଟ, ମିଲେଟ୍ ପାଇଁ ନୂଆପଡ଼ା ଓ ମାଲକାନଗିରି, ଛତୁ ପାଇଁ ଖୋର୍ଦ୍ଧା, ଆମ୍ବଭିତିକ ମହୁ ପ୍ରକ୍ରିୟାକରଣ ପାଇଁ ମୟୂରଭଞ୍ଜ, ଆଖୁଭିତିକ ଉଦ୍ୟୋଗ ପାଇଁ ନୟାଗଡ଼, ତେନ୍ତୁଳି ଉଦ୍ୟୋଗ ପାଇଁ ରାୟଗଡ଼ା ଓ ସପୁରୀ ପ୍ରକ୍ରିୟାକରଣ ନିମନ୍ତେ ଗଜପତି ଜିଲ୍ଲାକୁ ସ୍ଥିର କରାଯାଇଥିବା ଜଣାପଡ଼ିଛି ।

## ଗୁଜରାତରେ ଗତ ୨୪ ଘଂଟାରେ ୧୩୧୦ କରୋନାର ନୂଆ ମାମଲା

ଗାନ୍ଧୀନଗର ,୧୯ (ନି.ପ୍ର): ଗୁଜରାତରେ ଗତ ୨୪ ଘଂଟାରେ ୧୩୧୦ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୯୭୭୪୫ ହୋଇଛି । ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ବଢି ୩୦୩୬ ହୋଇଛି ।

# 'ଓଷ୍ଟା'ପକ୍ଷରୁ ଦିବଂଗତ ଶିକ୍ଷକନେତା ନିଗମାନନ୍ଦ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୯ (ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ 'ଓଷ୍ଟା' ପକ୍ଷରୁ ଶିକ୍ଷକନେତା ନିଗମାନନ୍ଦ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଓଷ୍ଟାର ଜିଲ୍ଲା ସଭାପତି ବାଦଲ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର କାର୍ଯ୍ୟକାରୀ ସଭାପତି ଦୀପକ କୁମାର ଆଚାର୍ଯ୍ୟ, ସମ୍ପାଦକ ମନୋରଂଜନ ଦାସ, ଅସିତ କୁମାର ଦାସ, ରାଜେନ୍ଦୁ ପାତ୍ର, ନିରଂଜନ ଦାସ, ଅଞ୍ଜନ ଚାନ୍ଦ, ପ୍ରଶାନ୍ତ କୁମାର ମହାନ୍ତି, ବିଜୟ କୁମାର ପାତ୍ର, ଡକ୍ଟର ଅଜିତ୍ ମହାନ୍ତି, ବଂଶୀଧର ବାରିକ, ଶ୍ରୀପତି ଚରଣ ପାତ୍ର, ଶ୍ୟାମସୁନ୍ଦର ଜେନା, ହରିପଦ ଭୂୟାଁ ପ୍ରମୁଖ ଶିକ୍ଷକନେତା ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ଜୀବନାଦର୍ଶ ଓ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଓଷ୍ଟାର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନେବା ସହ ସଂଗଠନକୁ ଅଧିକ କ୍ରିୟାଶୀଳ କରାଇବାରେ ତାଙ୍କର ଭୂମିକା ଯଥେଷ୍ଟ ଅଧିକ ଥିଲା ବୋଲି ବକ୍ତାମାନେ କହିଥିଲେ । ତାଙ୍କର ଦୃଢ଼ ନେତୃତ୍ୱରେ ବିଭିନ୍ନ ସମୟରେ ହୋଇଥିବା ଆନ୍ଦୋଳନରୁ ଶିକ୍ଷକମାନଙ୍କୁ ସେମାନଙ୍କ ହକ୍ ପ୍ରଦାନରେ ସରକାର ବାଧ୍ୟ ହୋଇଥିଲେ । ତାଙ୍କର ବିୟୋଗ ଓଷ୍ଟା ସମେତ ସମଗ୍ର ରାଜ୍ୟ ଜଣେ ସଂଗ୍ରାମୀ ଶିକ୍ଷକନେତାଙ୍କୁ ହରାଇଛି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

# ଲକ୍ ଡାଉନ ସମୟକୁ ଉପଯୋଗ କରିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୯ (ନି.ପ୍ର): ଲକ ଡାଉନ ସମୟକୁ ସଦୁପଯୋଗ କରି ପୂର୍ବତଟ ରେଳପଥ ବହୁ ସୁରକ୍ଷା ସମ୍ବନ୍ଧୀୟ ଭିତିଭୂମି କାର୍ଯ୍ୟ ସମ୍ପାଦନ କରିପାରିଛି । ରେଳସେବାକୁ ପ୍ରଭାବିତ ନକରି ପୂର୍ବତଟ ରେଳପଥ ବହୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ସମ୍ବନ୍ଧୀୟ ଭିତିଭୂମି କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିପାରିଛି । ସ୍ୱାଭାବିକ ସମୟରେ ଏହିସବୁ କାର୍ଯ୍ୟପାଇଁ ଟ୍ରେନ ସେବା ପ୍ରଭାବିତ ହୋଇଥାନ୍ତା ଯାହାକି ସମୁଦାୟ ୪୯୧ ଘଂଟା ବିନିଯୋଗ ହୋଇଥାନ୍ତା । ଏହି ସମୟ ମଧ୍ୟରେ ବିଭିନ୍ନ ସ୍ଥାନରେ ୮ ଟି ଉପାମାର୍ଗ ପାଇଁ ସିମେଂଟ କଂକ୍ରିଟ ବକ୍ସ ସ୍ଥାପନ କରାଯାଇଛି ଯାହାପାଇଁ ସ୍ୱାଭାବିକ ସମୟରେ ଟ୍ରେନ ସେବା ପ୍ରଭାବିତ ସହିତ ଟ୍ରାଫିକ ମଧ ପ୍ରଭାବିତ ହୋଇଥାନ୍ତା ଏବଂ ଏଥିପାଇଁ ପ୍ରାୟ ୭୪ ଘଂଟା ସମୟ ବିନିଯୋଗ ହୋଇଥାନ୍ତା । ଏହି ସମୟ ମଧ୍ୟରେ ୩ଟି ଲେଭଲ କ୍ରସିଂ ନିର୍ମାଣ କରାଯାଇ ବିକଳ୍ପ ପଥ ସୁବିଧା ପ୍ରଦାନ କରାଯାଇଛି । ସେହିପରି ଲକ ଡାଉନ ସମୟରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୧୬ ଟି ପୋଲର ନବୀକରଣ କରାଯାଇଛି ଯାହାକି ସ୍ୱାଭାବିକ ସମୟରେ ୬୯ ଘଂଟା ଟ୍ରେନ ସେବା ପ୍ରଭାବିତ କରିଥାନ୍ତା । ଭୁବନେଶ୍ୱର ଷ୍ଟେସନ ଠାରେ ଫୁଟ ଓଭର ବ୍ରିଜ ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟରେ ୪ଟି ଗାର୍ଡ଼ର ସ୍ଥାପନ କରାଯାଇଛି ଯାହାକି ସ୍ୱାଭାବିକ ସମୟରେ ତିନି ଘଂଟା ବିନିଯୋଗ ହୋଇଥାନ୍ତା । ସେହିପରି ଏହି ସମୟ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ୨୩ ସେଟ ଥିକ ୱେଭ ସୁଇଚର ନବୀକରଣ କରାଯାଇଛି ଯାହାକି ସ୍ୱାଭାବିକ ସମୟରେ ୭୦ ଘଂଟା ସମୟ ଲାଗିଥାନ୍ତା ଏବଂ ଟ୍ରେନ ସେବା ପ୍ରଭାବିତ ହୋଇଥାନ୍ତା । ୬୦ଟି ରେଲ ପ୍ୟାନେଲ କାର୍ଯ୍ୟକୁ ପୂର୍ବତଟ ରେଳପଥ ଲକ ଡାଉନ ସମୟରେ ସମ୍ପାଦନ କରିପାରିଛି ଯାହାକି ୧୨ ଘଂଟା ସମୟ ଖର୍ଚ୍ଚ କରିବାକୁ ପଡିଥାନ୍ତା । ପୂର୍ବତଟ ରେଳପଥ ଲକ ଡାଉନ ସମୟରେ ପ୍ରାୟ ୨୧ ଟ୍ରାକ୍ କିଲୋମିଟର ର ବାଲାଷ୍ଟ ସଫେଇ କାର୍ଯ୍ୟ ସମ୍ପାଦନ କରିପାରିଛି ଯାହାକି ସ୍ୱାଭାବିକ ସମୟରେ ୧୯୪ ଘଂଟା ସମୟ ବିନିଯୋଗ ହୋଇଥାନ୍ତା । ଏହି ସମୟ ମଧ୍ୟରେ ୬୮.୫ ଟ୍ରାକ କିଲୋମିଟରର ବାଲାଷ୍ଟ ଟାମ୍ପିଙ୍ଗ କାର୍ଯ୍ୟ ସମ୍ପାଦନ କରାଯାଇ ପାରିଛି ଯାହାକି ସ୍ୱାଭାବିକ ଟ୍ରେନ ଚଳାଚଳ ସମୟରେ ୪୩ ଘଂଟା ଲାଗିଥାନ୍ତା । ଏହା ବ୍ୟତୀତ ଚାରବାଟିଆ, ଗୁରୁଡ଼ିଝଟିଆ ଓ କପିଳାସ ରୋଡ଼ ଷ୍ଟେସନ ଠାରେ ଫୁଟ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ, କରାଯାଇଛି ଓ ଏହି ସବୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ଦ୍ୱାରା ଟ୍ରେନ ଚଳାଚଳ କ୍ଷେତ୍ରରେ ବେଗ ବୃଦ୍ଧି ପାଇପାରିବ ଏବଂ ଅଧିକ ଟ୍ରେନ ଯାତାୟାତ କରିପାରିବ । ଏହା ସହିତ ବହୁ ଷ୍ଟେସନ ଠାରେ ଆଧୁନିକୀ କାରଣ କାର୍ଯ୍ୟ ଯଥା ପ୍ଲାଟଫର୍ମ ଗୁଡିକର ଉଚ୍ଚତା କରିବା, ଲମ୍ବା ବୃଦ୍ଧି କରିବା, ପ୍ଲାଟଫର୍ମ ସେଡ ଯୋଗାଇଦେବା, ବିସ୍ତୃତ ଅଂଚଳ ଗୁଡିକର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପାଦନ କରିବା ସହିତ ଯାତ୍ରୀ ପରିସେବା କାର୍ଯ୍ୟ ଯଥା କିଛି ଷ୍ଟେସନ ଠାରେ ଲିଫ୍ଟ ବ୍ୟବସ୍ଥା, ସହିତ ଅନେକ କାର୍ଯ୍ୟ ମଧ କରାଯାଇପାରିଛି । ଏହା ସହିତ ଗୁରୁତ୍ୱପୂର୍ଣ୍ଣ ଇଲେକ୍ଟ୍ରିକାଲ, ମେକାନିକାଲ, ଦୂରସଂଚାର ଓ ସାଙ୍କେତିକ କାର୍ଯ୍ୟ ମଧ ସମ୍ପାଦନ କରାଯାଇଛି ।

## ୫ ଦିନ ପରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେଲା

ଭୁବନ ,୧୯ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁ ରଗଡି ନାଳରେ ଜନସ୍ୱାସ୍ଥ୍ୟ ବିଭାଗ ପାଇପକୁ ଧରି ରଖିଥିବା ପିଲର ଭାଙ୍ଗିଯିବା ସହିତ ପାଇପ ମଧ ଭାଙ୍ଗି ଯାଇଥିଲା । ଏଥିପାଇଁ ଗତ ୨୭ ତାରିଖ ଠାରୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା । ରଗଡି ବ୍ରିଜ ଉପରେ ନୂତନ ପାଇପ ସଂଯୋଗ କାର୍ଯ୍ୟ କରାଯାଇ ଜଳ ଯୋଗାଣ କରାଯାଇଥିଲା ।

# ଚିହ୍ନଟ ହେଲେ ଆଉ ୯୪ ଆକ୍ରାନ୍ତ

ଭଦ୍ରକ,୧୯ (ନି.ପ୍ର): ଆଜି ଜିଲ୍ଲାରୁ ଆଉ ନୂଆ ୯୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଛି ୨୭୨୭ । ଏମାନଙ୍କ ମଧ୍ୟରୁ ୨୦୭୬ଜଣ ସୁସ୍ଥ ହୋଇସାରିଛନ୍ତି । ଆଉ ୬୪୩ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି । ଯେଉଁ ୯୪ ଜଣ ଆକ୍ରାନ୍ତ ଚିହ୍ନଟ ହଲେ ସେମାନଙ୍କ ମଧ୍ୟରେ ଚାନ୍ଦବାଲି ବ୍ଲକର ଆରଡି ପଞ୍ଚାୟତର ଜଣେ କଟକ ବଡ ମେଡିକାଲରେ ଚିକିତ୍ସା ହେଉଥିବା ବେଳେ ଚିହ୍ନଟ ହୋଇଛନ୍ତି । ଭଦ୍ରକ ବ୍ଲକର ଜଣେ ବ୍ୟକ୍ତି ମଧ କଟକ ବଡ ମେଡିକାଲରେ ଚିକିତ୍ସା ସମୟରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି, ଜଣେ ଭୁବନେଶ୍ୱରର ଏମ୍‌ସ୍‌ରେ ଚିକିତ୍ସା ବେଳେ ଚିହ୍ନଟ ହୋଇଛନ୍ତି । ସେହିପରି ଭଣ୍ଡାରିପୋଖରୀ ବ୍ଲକର ନେରଡା ପଞ୍ଚାୟତର ଜଣେ ଭୁବନେଶ୍ୱରର ସମ୍ ହସ୍‌ପିଟାଲରେ, ବାସୁଦେବପୁର ପୌରପାଳିକାର ମନ୍ଦାରୀ ଅଞ୍ଚଳର ଜଣେ ସମ୍ ହସ୍‌ପିଟାଲରୁ, ବନ୍ତ ବ୍ଲକ ବଡବର୍ଜିକୟାଁ ପଞ୍ଚାୟତର ଜଣେ ସମ୍ ହସ୍‌ପିଟାଲରୁ, ଚାନ୍ଦବାଲି ବ୍ଲକ ପାଞ୍ଚପଡା ପଞ୍ଚାୟତର ଜଣେ ସମ୍ ହସ୍‌ପିଟାଲରୁ, ଭଦ୍ରକ ବ୍ଲକର ବାଣିତିଆ ପଞ୍ଚାୟତରୁ ଜଣେ ଆକ୍ରାନ୍ତ ମଧ ସମ୍ ହସ୍‌ପିଟାଲରୁ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ଭଦ୍ରକ ବ୍ଲକର କୋରକୋରା ପଞ୍ଚାୟତରୁ ୪ଜଣ, ବହୁଦରଡା ପଞ୍ଚାୟତରୁ ୬ଜଣ, ଗେଲପୁରରୁ ୨ଜଣ, ଗେଲଟୁଆରୁ ଜଣେ, ହରିପୁରରୁ ଜଣେ, ଖଣ୍ଡତଡାରୁ ଜଣେ, ରାନ୍ଦିଆରୁ ୫ଜଣ, ରାହାଞ୍ଜରୁ ଜଣେ, ସାବରଙ୍ଗରୁ ଜଣେ, ବାଣିତିଆରୁ ଜଣେ, ତିହିଡି ବ୍ଲକ ଭାଟପଡା ପଞ୍ଚାୟତରୁ ୪ଜଣ, ଦୋଳସାହି ପଞ୍ଚାୟତରୁ ୭ଜଣ, ନୂଆନନ୍ଦ ପଞ୍ଚାୟତରୁ ଜଣେ, ଅଚକ ପଞ୍ଚାୟତରୁ ୨ଜଣ, ବିଲଣାରୁ ଜଣେ, ଗୁଆମାଳରୁ ଜଣେ, କୋହ୍ଲରୁ ୨ଜଣ, ମୁକୁନ୍ଦପୁର ପଞ୍ଚାୟତରୁ ଜଣେ, ପାଳିଆବିନ୍ଧା ପଞ୍ଚାୟତରୁ ଜଣେ, ବନ୍ତ ବ୍ଲକ ବିଟିପୁର ପଞ୍ଚାୟତରୁ ୨ଜଣ, ଛୟାଳସିଂ ପଞ୍ଚାୟତରୁ ଜଣେ, ଗୋପିନାଥପୁର ପଞ୍ଚାୟତରୁ ଜଣେ, ପୁରୁଷଣ୍ଡ ପଞ୍ଚାୟତରୁ ୪ଜଣ, ଚାନ୍ଦବାଲି ବ୍ଲକ ଆରଡି ପଞ୍ଚାୟତରୁ ୨ଜଣ, ଦୋସିଙ୍ଗା ପଞ୍ଚାୟତରୁ ୪ଜଣ, ଖଡାଳପୋଖରୀ ପଞ୍ଚାୟତରୁ ୨, ବାଂଶଡା ପଞ୍ଚାୟତରୁ ଜଣେ, ଚାନ୍ଦବାଲି ଏନ୍‌ଏସିର ଜ୍ୟୋତିସିଂହପୁରରୁ ଜଣେ, ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତରୁ ଜଣେ, କାଳିଦାସପୁର ପଞ୍ଚାୟତରୁ ୨ଜଣ, ନରସିଂହପୁର ପଞ୍ଚାୟତରୁ ଜଣେ, କୁମାରପୁର ପଞ୍ଚାୟତରୁ ଜଣେ, ଭଦ୍ରକ ପୌରପାଳିକାର ୱାର୍ଡ ନଂ ୧୨ରୁ୨ଜଣ, ୧୩ ନଂ ୱାର୍ଡରୁ ଜଣେ, ୫ ନଂ ୱାର୍ଡରୁ ଜଣେ, ୬ ନଂ ୱାର୍ଡରୁ ୩ଜଣ, ୭ ନଂ ୱାର୍ଡରୁ ଜଣେ, ୯ ନଂ ୱାର୍ଡରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ ପଞ୍ଚାୟତରୁ ୨ଜଣ, ରାମଚନ୍ଦ୍ରପୁର ପଞ୍ଚାୟତରୁ ୨ଜଣ, ରହଣିଆ ପଞ୍ଚାୟତରୁ ୨ଜଣ, ତେସିଙ୍ଗା ପଞ୍ଚାୟତରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲାର ଆକ୍ରାନ୍ତ ଭାବେ ଯାଜପୁର ଜିଲ୍ଲାର ପୁବକାରୁ ଜଣେ, ମୟୁରଭଂଜ ଜିଲ୍ଲା ବାଙ୍ଗିରିପୋଷିରୁ ଜଣେ, ଜଗତସିଂହପୁର ଜିଲ୍ଲା ନୂଆଡିରୁ ଜଣେ, ପୁରୀ ଜିଲ୍ଲା ଅସ୍ତରଂଗରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ଦେଶ ଏକ ସ୍ଥିତପ୍ରଜ୍ଞ ରାଷ୍ଟ୍ରନୀତିଜ୍ଞଙ୍କୁ ହରାଇଲା

ବାଲେଶ୍ୱର,୧୯ (ନି.ପ୍ର): ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ଦେଶ ଏକ ସ୍ଥିତପ୍ରଜ୍ଞ ରାଷ୍ଟ୍ରନୀତିଜ୍ଞଙ୍କୁ ହରାଇଲା ବୋଲି ବରିଷ୍ଠ ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଶୁଭଙ୍କର ମହାପାତ୍ର କହିଛନ୍ତି । ଭାରତରତ୍ନ ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀ ୪ଟି ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ରୀମଣ୍ଡଳରେ ବିତ୍ତ, ବାଣିଜ୍ୟ, ସ୍ୱରାଷ୍ଟ୍ର, ବିଦେଶ, ପ୍ରତିରକ୍ଷା ଇତ୍ୟାଦିରେ ସଫଳତା ପୂର୍ବକ କାର୍ଯ୍ୟ କରିବା ସଙ୍ଗେସଙ୍ଗେ ଦେଶର ଅର୍ଥନୀତିକୁ ନୂତନ ଦିଶା ଦେଇଥିଲେ । କାଳର ଗତିରେ ଦୁଇଥର ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ ହେଁ ଦଳୀୟ ଚାପ ଓ ତାଙ୍କର ବ୍ୟକ୍ତିତ୍ୱ ପାଇଁ ତାଙ୍କୁ ରାଷ୍ଟ୍ରପତି ଭାବେ କଂଗ୍ରେସ ଦଳ ସମର୍ଥନ କରିଥିଲା । ରାଷ୍ଟ୍ରପତି କାଳରେ ମଧ ତାଙ୍କର ଜ୍ଞାନପ୍ରବଣତା ବହୁଲୋକଙ୍କୁ ବିସ୍ମିତ କରୁଥିଲା । ମତପାର୍ଥକ୍ୟ ହେତୁ କଂଗ୍ରେସଦଳରୁ ଇସ୍ତଫା ଦେଇ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସଂପାଦକ ଡଃ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସହ ରାଷ୍ଟ୍ରୀୟ ସମାଜବାଦୀ କଂଗ୍ରେସ ଗଠନ କରିଥିଲେ ଓ ପରେ ରାଜୀବଗାନ୍ଧୀଙ୍କ ସହ ଆଲୋଚନା କରି କଂଗ୍ରେସରେ ତାହାର ବିଲୟ କରିଦେଇଥିଲେ । ବାଲେଶ୍ୱରକୁ ୧୯୯୯ରେ ମୋର ସାଂସଦ ନିର୍ବାଚନ ବେଳେ ଦୁଇଦିନପାଇଁ ନିର୍ବାଚନ ପ୍ରଚାରକୁ ଆସିଥିଲେ । ତାଙ୍କର ବହୁ ନିର୍ବାଚନ ସଭା ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଆୟୋଜିତ ହୋଇଥିଲା । ମହାବାତ୍ୟା ସମୟରେ ବାଲେଶ୍ୱର ଜିଲ୍ଲାକୁ କିଭଳି ଅଧିକ ରିଲିଫ୍ ଆସିବ



ସେଥିପାଇଁ ନିଜେ ଗସ୍ତ କରି ବହୁ ସାହାଯ୍ୟର ବ୍ୟବସ୍ଥା କରିଥିଲେ । ଅର୍ଥମନ୍ତ୍ରୀ ଥିଲାବେଳେ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କର ନିର୍ଦ୍ଦେଶକ ଭାବେ ମୋତେ ନିଯୁକ୍ତି ଦେବା ସଙ୍ଗେସଙ୍ଗେ ଓଡ଼ିଶାରେ ଗ୍ରାମ୍ୟବ୍ୟାଙ୍କ୍ ଦ୍ୱାରା କିଭଳି ଗ୍ରାମାଞ୍ଚଳରେ କୃଷକ ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ବିକାଶ ହେବ ସେଥିପାଇଁ ଅର୍ଥଲଗାଣ ସାଙ୍ଗକୁ ଅପହଞ୍ଚ ଜାଗାରେ ଶାଖା ଖୋଲିବା ଦିଗରେ ଆଗ୍ରହ ପ୍ରକାଶ କରିଥିଲେ । ପ୍ରାୟ ନିଜ ମନ୍ତ୍ରଣାଳୟର କାର୍ଯ୍ୟସହ ସାଧାରଣ ଲୋକମାନଙ୍କୁ ଭେଟି ତାଙ୍କ ସମସ୍ୟାର ସମାଧାନ ଇତ୍ୟାଦି ନେଇ ଦିନରେ ୧୮ଘଣ୍ଟା କାର୍ଯ୍ୟ କରିବାର ନଜିର ସୃଷ୍ଟି କରିଛନ୍ତି ।

# କୋଭିଡ଼୍ ସ୍ଥିତି ଓ ବନ୍ୟା ସତ୍ତ୍ୱେ ସମସ୍ତ ଆଇସିଡ଼ିଏସ୍ ପ୍ରକଳ୍ପରେ ବଂଟନ ହେଲା ଶୁଖିଲା ରାସନ

ଭୁବନେଶ୍ୱର,୧।୯ (ନି.ପ୍ର): କୋଭିଡ଼-୧୯ ମହାମାରୀର କଠିନ ସମୟ ସହିତ ଓଡ଼ିଶାର ଅନେକ ଗୁଡ଼ିଏ ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଥିଲେ ମଧ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଆଜି ମାସର ୧ ତାରିଖ ହୋଇଥିବାରୁ ରାଜ୍ୟର ସମସ୍ତ ଆଇସିଡିଏସ୍ ପ୍ରକଳ୍ପରେ ଟିଏଚ୍‌ଆର ବଂଟନ କରାଯାଇଛି । ଏବେ ବି ଅନେକ ଅଂଚଳ ଜଳମଗ୍ନ ରହିଛି ଏବଂ ଗାଁ ଗୁଡ଼ିକ ପାଣି ଘେରରେ ରହିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅଙ୍ଗନବାଡ଼ି କର୍ମୀମାନେ ହିତାଧିକାରୀ ମାନଙ୍କ ଘରକୁ ବନ୍ୟାଜଳ ଭିତରେ ଯାଇ ଶୁଖିଲା ରାସନ ବଂଟନ କରିଛନ୍ତି । ଶୁଖିଲା ରାସନ ବାବଦକୁ ଛତୁଆ, ଚିକି ଲଡୁ, ଅଣ୍ଡା ଆଦି ବଂଟନ କରାଯାଇଛି । ୩ ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ଦିଆଯାଉଥିବା ରନ୍ଧା ଖାଦ୍ୟ ବାବଦକୁ ମଧ୍ୟ ଶୁଖିଲା ରାସନ ଘରେ ଯୋଗାଇ ଦିଆଯାଇଛି । ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ ଶିଶୁମାନଙ୍କ ଅତିରିକ୍ତ ପୁଷ୍ଟି ସାଧନ ପାଇଁ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଏହି କାର୍ଯ୍ୟକ୍ରମରେ ଆମ ରାଜ୍ୟ ଓଡ଼ିଶାରେ ୪୧ ଲକ୍ଷ ୨୭ ହଜାର ଜଣ ହିତାଧିକାରୀ ଉପକୃତ ହେଉଛନ୍ତି । ଗତ ଜୁଲାଇ ମାସରୁ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ଶିଶୁମାନଙ୍କ ସକାଳ ଜଳଖିଆରେ ମାଣ୍ଡିଆ ଲଡୁକୁ ମଧ୍ୟ ସାମିଲ କରାଯାଇଛି । କୋଭିଡ଼-୧୯ ପାଇଁ ସଂପ୍ରତି ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ବନ୍ଦ ଥିବାରୁ ଶିଶୁମାନଙ୍କୁ ମାଣ୍ଡିଆ ଲଡୁ ପରିବର୍ତେ ସେମାନଙ୍କ ଘରେ ମାଣ୍ଡିଆ ଚୁନା ପ୍ୟାକେଟ୍ ଆକାରରେ ବଂଟନ କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାରେ ଶିଶୁମାନଙ୍କୁ ସପ୍ତାହରେ ୪ଟି ଏବଂ କେନ୍ଦୁଝର ଜିଲ୍ଲାରେ ୨ଟି ମାଣ୍ଡିଆ ଲଡୁ ପାଇଁ ନିର୍ଦ୍ଦିଷ୍ଟ ପରିମାଣର ମାଣ୍ଡିଆ ଚୁନା ବଂଟନ କରାଯାଇଛି । ମା ମାନଙ୍କୁ ଘରେ ଲଡୁ ତିଆରି କରି ପିଲାମାନଙ୍କୁ ଖୁଆଇବା ପାଇଁ ପରାମର୍ଶ ଦିଆଯାଇଛି । କୋଭିଡ଼-୧୯ ପରିସ୍ଥିତିରେ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ରଖିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

# ଦିନକରେ ୪୦କରୋନା ପଜିଟିଭ୍: ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୩୭୪୦କୁ ବୃଦ୍ଧି

ବାଲେଶ୍ୱର,୧।୯ (ନି.ପ୍ର): ବିଶେଷଜ୍ଞମାନଙ୍କ ପୂର୍ବାନୁମାନ ଅନୁସାରେ ସମ୍ପ୍ରତି ଦେଶରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଆଜିସୁଦ୍ଧା ଭାରତର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୭ ଲକ୍ଷରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୬୫ ହଜାର ଅତିକ୍ରମ କରିଛି । ଅନୁରୂପ ଭାବେ ଓଡ଼ିଶାରେ କ୍ରମବର୍ଦ୍ଧିଷ୍ଣୁ ହାରରେ ବଢୁଥିବା କରୋନା ସଂକ୍ରମଣ ସମସ୍ତଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୩୦୨୫ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥବା ବେଳେ ରାଜ୍ୟର ସଂକ୍ରମିତଙ୍କ ସଂଖ୍ୟା ୧ଲକ୍ଷ ୬ ହଜାର ୫୬୧ରେ ପହଞ୍ଚିଛି । ଆଜି ଗୋଟିଏ ଦିନରେ ୧୧ ଜଣଙ୍କ ମୃତ୍ୟୁ ସହ ରାଜ୍ୟର କରୋନା ଜନିତ ମୃତ୍ୟୁ ସଂଖ୍ୟା ୫୦୩ ଛୁଇଁଛି । ସେହିଭଳି ଦିନକୁ ଦିନ ବାଲେଶ୍ୱରର ସ୍ଥିତି ବିଗିଡ଼ିବାରେ ଲାଗିଛି । ଗତ ୨ ସପ୍ତାହ ଧରି ଦୈନିକ ସଂକ୍ରମଣ ହାର ୧୦୦ ଉପରେ ରହୁଥିବା ବାଲେଶ୍ୱର ଜିଲ୍ଲାରେ ଆଜି ମାତ୍ର ୪୦ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ଜିଲ୍ଲାବାସୀଙ୍କ ପାଇଁ ଆଶ୍ୱସ୍ତିକର ବିଷୟ ହୋଇଛି । ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୩ ହଜାର ୭୪୦ରେ ପହଞ୍ଚିଥିବା ବେଳେ ଗତ ୩ ଦିନ ଧରି ମୃତ୍ୟୁ ସଂଖ୍ୟା ୧୧ରେ ସ୍ଥିର ରହିଛି । ଅନ୍ୟପକ୍ଷରେ ଆଜିସୁଦ୍ଧା ଜିଲ୍ଲାରେ ୨,୮୨୦ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୦୪ ଜଣ କରୋନା ଆକ୍ରାନ୍ତ ଏବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତେବେ ବ୍ଲକ ଅଞ୍ଚଳ ତୁଳନାରେ ବାଲେଶ୍ୱର ପୌରାଞ୍ଚଳରେ ବଢୁଥିବା ସଂକ୍ରମଣ ସମସ୍ତଙ୍କ ପାଇଁ ଉଦବେଗର କାରଣ ହୋଇଛି । ଆଜି ଜିଲ୍ଲାରେ ଚିହ୍ନଟ ହୋଇଥିବା ୪୦ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରେ ୧୬ ଜଣ ଥିବା ଜଣାପଡ଼ିଛି । ସହରର ଅଙ୍ଗାରଗଡ଼ିଆରେ ଜଣେ ପୁରୁଷ, ବିସିସେନ୍ ରୋଡ୍‌ରେ ଜଣେ ପୁରୁଷ, ବାରବାଟୀରେ ଜଣେ ପୁରୁଷ, ସେଣ୍ଟ୍ରାଲ ସ୍କୁଲ ଛକରେ ଜଣେ ପୁରୁଷ, ଚୂନଭାଟୀ ଅଞ୍ଚଳରେ ଜଣେ ମହିଳା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜଣେ ପୁରୁଷ କର୍ମଚାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ପୁରୁଷ କର୍ମଚାରୀ, ମାନସିଂବଜାରରେ ୨ ଜଣ ପୁରୁଷ ଓ ଜଣେ ମହିଳା, ମୋତିଗଞ୍ଜରେ ଜଣେ ପୁରୁଷ, ଏନଡିଆରଏଫ ଟିମ୍‌ରେ ଜଣେ ପୁରୁଷ, ସହଦେବଖୁଣ୍ଟାରେ ୨ ଜଣ ପୁରୁଷ, ଶୋଭାରାମପୁର ଅଞ୍ଚଳରେ ଜଣେ ମହିଳା, ସହର ଉପକଣ୍ଠ ସୁନ୍ଦରି ଅଞ୍ଚଳର ଜଣେ ପୁରୁଷ ଏବଂ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିବା ଭଦ୍ରକ ଜିଲ୍ଲା ଆରଡ଼ି ଅଞ୍ଚଳର ଜଣେ ପୁରୁଷଙ୍କଠାରେ କରୋନା ପଜିଟିଭ୍ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ସେହିଭଳି ବାହାନଗା ବ୍ଲକର ଜଣେ ପୁରୁଷ ଓ ୨ଜଣ ମହିଳା, ବାଲିଆପାଳ ବ୍ଲକର ଜଣେ ପୁରୁଷ, ବସ୍ତା ବ୍ଲକର ଜଣେ ପୁରୁଷ, ବଳଳେଶ୍ୱର ବ୍ଲକର ୨ ଜଣ ପୁରୁଷ, ନୀଳଗିରି ବ୍ଲକରେ ଜଣେ ପୁରୁଷ, ରେମୁଣା ବ୍ଲକରେ ୩ ଜଣ ପୁରୁଷ, ସଦର ବ୍ଲକରେ ୭ ଜଣ ପୁରୁଷ ଓ ୩ ଜଣ ମହିଳା ଏବଂ ସୋର ବ୍ଲକରେ ୨ ଜଣ ପୁରୁଷ କରୋନା ପଜିଟିଭ୍ ଭାବେ ଚିହ୍ନଟ ହୋଇଛନ୍ତି । ସେପ୍ଟେମ୍ବର ମାସର ପ୍ରଥମ ଦିନରେ ଜିଲ୍ଲାର କରୋନା ପଜିଟିଭ୍ ଚିହ୍ନଟ ସଂଖ୍ୟା ହ୍ରାସ ପାଇଥିବା ବେଳେ ଏହି ମାସରେ ସଂକ୍ରମଣ ହାର କେମିତି ରହିବ ତାହା ଏବେ ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ ହୋଇଛି । ତେବେ କରୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତା ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର, ୦୧ ସେପ୍ଟେମ୍ବର - ଆଜି ଖୋର୍ଦ୍ଧା ଜିଲ୍ଲାରେ ୬୬୬ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୧୭୪୨୮ ହୋଇଛି । ସେହିପରି ଗଂଜାମ ଜିଲ୍ଲାରେ ୨୦୭ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୮୦୬୯ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୯୦୯, ବାଲେଶ୍ୱର ଜିଲ୍ଲାରେ ୩୭୪୦, ବରଗଡ ଜିଲ୍ଲାରେ ୨୨୧୦, ଭଦ୍ରକ ଜିଲ୍ଲାରେ ୨୭୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୮୫୨ . ବୌଦ୍ଧ ଜିଲ୍ଲାରେ ୬୧୮, କଟକ ଜିଲ୍ଲାରେ ୮୫୯୪, ଦେବଗଡ ଜିଲ୍ଲାରେ ୨୦୮, ଢେଙ୍କାନାଳ ଜିଲ୍ଲାରେ ୧୭୫୯. ଗଜପତି ଜିଲ୍ଲାରେ ୨୮୭୭, ଜଗତସିଂହପୁର ଜିଲ୍ଲାରେ ୧୯୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୩୮୭୮ , ଝାରସୁଗୁଡା ଜିଲ୍ଲାରେ ୧୩୨୦, କଳାହାଣ୍ଡି ଜିଲ୍ଲାରେ ୧୪୧୫, କନ୍ଧମାଳ ୨୨୨୫, କେନ୍ଦ୍ରାପଡା ଜିଲ୍ଲାରେ ୧୮୮୨, କେନ୍ଦୁଝର ଜିଲ୍ଲାରେ ୧୯୬୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୩୬୨୫ , ମାଲକାନଗିରି ଜିଲ୍ଲାରେ ୨୪୦୫, ମୟୁରଭଂଜ ଜିଲ୍ଲାରେ ୩୬୭୫. ନବରଙ୍ଗପୁର ଜିଲ୍ଲାରେ ୧୧୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୦୫୩, ନୂଆପଡା ଜିଲ୍ଲାରେ ୫୦୯ , ପୁରୀ ଜିଲ୍ଲାରେ ୩୬୩୬, ରାୟଗଡା ଜିଲ୍ଲାରେ ୪୮୩୬. ସମ୍ବଲପୁର ଜିଲ୍ଲାରେ ୨୯୦୬ . ସୁବର୍ଣ୍ଣପୁର ଜିଲ୍ଲାରେ ୭୨୦ ଓ ସୁନ୍ଦରଗଡ ଜିଲ୍ଲାରେ ୪୪୭୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# କୁସୁମପଦର ବିକାଶ ପରିଷଦ ତରଫରୁ ୧୦୦୦ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଗୁଣୁପୁର,୧।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ଟିଟିମିରି ପଞ୍ଚାୟତ ର କୁସମପଦର ବିକାଶ ପରିଷଦ ତରଫରୁ ଗ୍ରାମ ନିକଟରେ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମ ତରଫରୁ ପ୍ରତିଘରର ଜଣେ ଜଣେ ଲୋକେ ବାହାରି ଗାଁର ରାସ୍ତା କଡରେ,ବନ୍ଧ ହୁଡାରେ, ନିକଟ ପାହଡରେ ୧ହଜାରରୁ ଉର୍ଦ୍ଧଗଛ ବନିକରଣ କରିବାପାଇଁ ସଂକଳ୍ପ କରିଛନ୍ତି ।ଏହି ଅବସରରେ ଆଜି ଗୁଣପୁର ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ପହଞ୍ଚି ବୃକ୍ଷ ରୋପଣ କରିଥିଲେ । ଆଗରୁ ମଧ୍ୟ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯାଇ ଗଛ ଲଗାଇ ଶୁଭଆରମ୍ଭ କରିଥିଲେ ।ଏପରି ବନିକରଣ କରିଥିବାରୁ କୁସୁମପଦର ବିକାଶ ପରିଷଦର ସମସ୍ତ ସଭ୍ୟ ଏବଂ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ ତଥା ବିକାଶ ପରିଷଦ ର ସମସ୍ତ ସଭ୍ୟ ଓ ଗ୍ରାମବାସୀ ଙ୍କୁ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇବଣିଆ ସମବାୟ ସମ୍ମୁଖରେ ପୁଣି ଚାଷୀଙ୍କ ଗଣଧାରଣା

## ଉପେକ୍ଷିତ ଏଆର୍‌ସିଏସ୍‌ଙ୍କ ଚିଠି : ଚାଷୀ-ପ୍ରଶାସନ ଆଲୋଚନା ୩ରେ

ଜଳେଶ୍ୱର,୧।୯ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ସମବାୟ ସମିତିର ପ୍ରାୟ ୨୫୦ରୁ ଅଧିକ ଚାଷୀ ଧାନ ବିକ୍ରି କରିବାରୁ ବଂଚିତ ହୋଇଥିବାରୁ ୨ୟ ଥର ପାଇଁ ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଗଣଧାରଣା ଆରମ୍ଭ କରିଛନ୍ତି । ଏଥିନେଇ ଏଆର୍‌ସିଏସ୍‌ଙ୍କ ଏକ ଚିଠି ଜିଲାପାଳଙ୍କୁ ପଠାଯାଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଚାଷୀ ଆନ୍ଦୋଳନ ତେଜୁଛି । ଆସନ୍ତା ୩ ତାରିଖରେ ସେ ଅଂଚଳର ଚାଷୀ ଓ ପ୍ରଶାସନୀକ ସ୍ତରୀୟ ଆଲୋଚନା ହେବାର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । ଧାନ ବିକ୍ରି କରିପାରିନଥିବା ବହୁ ଚାଷୀ ଏକତ୍ରିତ ହୋଇ ଗତ ୧୭ତାରିଖରେ ରାଇବଣିଆ ସେବା ସମବାୟ ସମିତି ନିକଟରେ ଧାରଣାରେ ବସିଥିଲେ । ଏ ସଂପର୍କରେ ଏଆର୍‌ସିଏସ୍ ସବିଶେଷ ତଥ୍ୟ ତାଙ୍କ ଚିଠି ନଂ ୯୭୧ ତା ୧୭-୮-୨୦ରେ ଅବଗତ କରାଇଥିଲେ । କିନ୍ତୁ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଚାଷୀମାନେ ଚଳିତମାସ ୨୪ ତାରିଖରେ ଜିଲାପାଳଙ୍କୁ ଏକ ଚିଠି ଲେଖିଥିଲେ । ଏଥିରେ ରାଇବଣିଆ, ଖୁଦିଆମାଝିସାହି ଓ କାଳିକ ପଂଚାୟତର ୪ଶହ ଚାଷୀ ୩୦ହଜାର କ୍ୟୁଣ୍ଟାଲ ଧାନ ବିକ୍ରିଲାଗି ପଂଜୀକରଣ କରିଥିବା ବେଳେ ମାତ୍ର ୧୯୮ ଚାଷୀଙ୍କ ଠାରୁ ୯ହଜାର କ୍ୟୁଣ୍ଟାଲ ଧାନ କ୍ରୟ କରାଯାଇଛି । ଅନ୍ୟଚାଷୀମାନେ ଧାନ ବିକ୍ରି କରିନପାରି ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି । ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁକୁମାର ଘୋଷଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତ ସୋମବାର ୩୧ ତାରିଖରେ ଦିନ ତମାମ ଗଣ ଧାରଣା ଅନୁଷ୍ଠିତ ହୋଇଥିଲା । ଏଥିରେ ସୁକୁମାର ଘୋଷଙ୍କ ସହିତ ସମିତି ସଦସ୍ୟ ଦିଗାମ୍ବର ଦାସ, ପୂର୍ବତନ ଜିଲାପରିଦେ ସଦସ୍ୟ ସୁଧାଂଶୁ ସେଖର ଘୋଷ, ଶ୍ରୀହରି ପଣ୍ଡା, ଗୋକୁଳାନନ୍ଦ ଘୋଷ, ମାନସ ଘୋଷ, ସଂଜୟ ଜେନା, ନୃସିହ ଚରଣ ଜେନା, ଶଂକର ଘୋଷ, ଗୋଲକ ବାରିକଙ୍କ ନେତୃତ୍ୱରେ ଚାଷୀମାନେ କୋଭିଦ୍ ଆଇନ୍ ଅନୁଯାୟୀ ଆନ୍ଦୋଳନ ଚଳାଇଥିଲେ । ପ୍ରଶାସନର ହେୟଜ୍ଞାନ ଯୋଗୁଁ କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କର ଏପରି ଏକ ସମ୍ବେଦନଶୀଳ ଘଟଣାରେ ରାଜ୍ୟ ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପିଏ ସରୋଜ ରାଉତ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନିଲୁ ମହାପାତ୍ରଙ୍କ ସହ ସମଗ୍ର ରାଜ୍ୟରେ ଦେଖାଦେଇଥିବା ଏପରି ଏକ ଘଟଣା ସଂପର୍କରେ ଅଭିହିତ କରାଇଥିଲେ । ଦିନତମାମ ଘଟଣା ସ୍ଥଳକୁ କୌଣସି ଅଧିକାରୀ ଆସିନଥିବା ବେଳେ ଖବର ପାଇ ଅପରାହ୍ନ ୫ଟାରେ ବିଡିଓ ଦିପ୍ତିରଂଜନ ସେଠୀ, ଜଳେଶ୍‌ବର ଏମ୍‌ଆଇ ସାଗରିକା ରାଉତରାୟ, ବ୍ଲକ ସେକ୍‌ସନ ଅଫିସର ଅଧିର ପ୍ରମାଣିକ ପ୍ରମୁଖ ସେଠାରେ ଆନ୍ଦୋଳନକାରୀଙ୍କ ଆଲୋଚନା କରିଥିଲେ । ଆସନ୍ତା ୩ ତାରିଖରେ ଜିଲା ସିଏସ୍‌ଓ , ବିଡିଓ, ତହସିଲଦାରଙ୍କ ଉପସ୍ଥିତିର ସମସ୍ୟାର ସମାଧାନ ହେବାର ସିଦ୍ଧାନ୍ତ ହେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।




# ବରାଡିଆ ବିଦ୍ୟୁତ ଗ୍ରୀଡ଼୍ ଲୋକାର୍ପିତ

ଭୁବନେଶ୍ୱର,୧।୯ (ନି.ପ୍ର): ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ରାଜନଗର ବ୍ଲକର ବରାଡ଼ିଆଠାରେ ଏକ ୩୩/ ୧୧ କେଭି କ୍ଷମତା ସମ୍ପନ୍ନ ବିଦ୍ୟୁତ ସବ୍‌ଷ୍ଟେସନର ଲୋକାର୍ପଣ କରିଛନ୍ତି । ଏହା କାର୍ଯ୍ୟକାରୀ ହେବା ଦ୍ୱାରା ଏହି ବ୍ଲକର ଡାଙ୍ଗମାଳ, ଖମାରସାହି, ରଙ୍ଗଣୀ, ତାଳଚୁଆ, ବାଘମାରୀ, କୃଷ୍ଣନଗର, କେରୁଆଁପାଳ ଗ୍ରାମ ପଂଚାୟତର ପ୍ରାୟ ୮ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ଯୋଗାଯାଇ ପାରିବ । ଏହି ଲୋକାର୍ପଣ ଅବସରରେ ମନ୍ତ୍ରୀଙ୍କ ସହିତ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ୍ ଅଧ୍ୟକ୍ଷ ଜୟରରାମ ସେଠୀ, ଡାଙ୍ଗମାଳ ସରପଂଚ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଶକ୍ତି ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୯,୯୨୧ ନୂଆ ମାମଲା: ୮୧୯ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧।୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୬୯,୯୨୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୧୯ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୬,୯୧,୧୬୭ ରେ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୨୮,୩୯,୮୮୩ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତମାନ ସୁଦ୍ଧା ୬୫୨୮୮ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ପୂର୍ବତନ ରାଷ୍ଟ୍ରପତିଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକସଭା



ବାଲେଶ୍ୱର,୧।୯ (ନି.ପ୍ର): ପୂର୍ବତନ ରାଷ୍ଟ୍ରପତି ତଥା ମହାନ ଜନନାୟକ ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ବିୟୋଗରେ ସମଗ୍ର ଦେଶରେ ୭ ଦିନିଆ ଶୋକ ପାଳନ ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଯାଇଛି । ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସଂଜୀବ ଗିରି, ବରିଷ୍ଠ କଂଗ୍ରେସ ନେତା ହରମୋହନ ଦାଶ, କୃଷ୍ଣ ଗୋପାଳ ପଣ୍ଡା, ଗୋପୀନାଥ ପାଢ଼ୀ, ପ୍ରଜ୍ଞାପାରମିତା ମହାନ୍ତି, ଅର୍ଚ୍ଚନା ନନ୍ଦୀ, ତୁଷାରକାନ୍ତି ତପସ୍ୱୀ, ରଂଜନ କୁମାର ଦାସ, ଗୌତମ ସାହୁ, ସୌରଭ ବେହେରା, ଜୀବନ ମହାପାତ୍ର, ଫାତୁ ମୁସ୍ତାଫିଜ୍ ପ୍ରମୁଖ ଯୋଗଦେଇ ଦେଶ ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ହରାଇଛି ବୋଲି ମତ ପ୍ରକାଶ କରିଥିଲେ । ରାଷ୍ଟ୍ରର ବିକାଶ ପ୍ରତି ସର୍ବଦା ଗୁରୁତ୍ୱ ଦେଇ ଆସିଥିବା ଏହି ଦେଶଭକ୍ତ ନେତା ନିଜ କାର୍ଯ୍ୟଦକ୍ଷତା ପାଇଁ ଦେଶର ପ୍ରଥମ ନାଗରିକ ହେବାର ସୌଭାଗ୍ୟ ଲାଭ କରିଥିଲେ ବୋଲି ବକ୍ତାମାନେ କହିଥିଲେ । ପଶ୍ଚିମବଙ୍ଗର ଏକ ଛୋଟିଆ ଗାଁ'ରେ ଜନ୍ମ ଗ୍ରହଣ କରିଥିଲେ ବି ନିଜର କର୍ମ ଓ ଦକ୍ଷତା ପାଇଁ ସେ ସମଗ୍ର ଦେଶବାସୀଙ୍କର ପ୍ରିୟ ହୋଇପାରିଥିଲେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ନିରବ ପ୍ରାର୍ଥନା ମାଧ୍ୟମରେ ଦିବଂଗତ ଆତ୍ମାପ୍ରତି ସମସ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କରୋନା ସଂକ୍ରମଣ ପାଇଁ ସ୍ୱଳ୍ପ ସଂଖ୍ୟକ କଂଗ୍ରେସ କର୍ମୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା ।

# ଜଳେଶ୍ୱର କୋର୍ଟର ୨ କର୍ମଚାରୀ କରୋନା ପଜେଟିଭ୍

ଜଳେଶ୍ୱର, ୧/୯ (ନି.ପ୍ର) : ଜଳେଶ୍ୱର ରେ ଥିବା ଜେଏମ୍‌ଏଫସି କୋର୍ଟ ଓ ସବଜଜ୍ କୋର୍ଟର ୨ଜଣ କର୍ମଚାରୀ କରୋନା ପଜେଟିଭ୍ ଜଣାଯିବାପରେ କୋର୍ଟ ବଜାରରେ ଆତଙ୍କ ଖେଳି ଯାଇଛି । ପ୍ରକାଶଯୋଗ୍ୟ କୋର୍ଟ ପରିସର ଏକ ସମବେଦନଶୀଳ ସ୍ଥାନ ହୋଇଥିବାରୁ ସେଠାରେ ସେନିଟାଇଜ୍, ପରିସ୍କାର ପରିଚ୍ଛନ୍ନତା ରଖାଯିବା ସହିତ ସାମାଜିକ ଦୂରତା ବଜାଇ ରଖିବା ଅପରିହାର୍ଯ୍ୟ ହୋଇ ପଡିଛି । ଗତ କିଛିଦିନ ତଳେ ୬୦ନଂ ଜାତୀୟ ରାଜପଥ ଟୋଲ ପ୍ଲାଜାଠାରେ ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ କୋଭିଦ୍ ପରୀକ୍ଷା କରାଯାଇଥିଲା । ଏଥିରେ ମୋଟ ୫୦ଜଣଙ୍କର ଏଣ୍ଟିଜେନ୍‌ରେ ପରୀକ୍ଷା କରାଯାଇଥିବା ବେଳେ ସେଥିରୁ ୨୧ଜଣ କର୍ମଚାରୀଙ୍କର ପଜେଟିଭ୍ ଜଣାଯାଇଛି । ଆନ୍ତରାଜ୍ୟ ବସ୍, ଟ୍ରକ୍, କାର ଚଳାଚଳ କରୁଥିବାରୁ ସେମାନେ ସଂକ୍ରମିତ ହୋଇଥିବା କୁହାଯାଇଛି । ଏଥିପ୍ରତି ମଧ୍ୟ ସେନିଟାଇଜ୍, କରିସ୍କାର ପରିଚ୍ଛନତା ରଖାଯିବା ସଂପର୍କରେ ମତପ୍ରକାଶ ପାଇଛି ।

# ଡାଃ ସୁମିତ୍ରା ସୋରେନଙ୍କ ଆଶୁ ଆରୋଗ୍ୟ କାମନା କରି ବାରିପଦାରେ ପୂଜାର୍ଚ୍ଚନା

ବାରିପଦା ,୧।୯ (ନି.ପ୍ର): ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ସହକାରୀ ପ୍ରଫେସର ଡାଃ ସୁମିତ୍ରା ସୋରେନଙ୍କର କରୋନା ପଜିଟିଭ ବାହାରି ଥିବାରୁ ସେ ଦୁଇଦିନ ତଳୁ ଚିକିତ୍ସାଧିନ ଥିବାର ଖବର ପାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଜାଗ ମୟୂରଭ ଜାଗର ମାର୍ଗଦର୍ଶକ ତଥା ଦିବ୍ୟାଙ୍ଗ ମହାସଂଘର ସଭାପତି ଅରୁଣ କୁମାର ବେହେରାଙ୍କ ଆହ୍ୱାନ କ୍ରମେ ବାରିପଦାର ବାରୁଣୀ କାଳି ମନ୍ଦିରରେ ସଂଗଠନ ପକ୍ଷରୁ ପୂଜାର୍ଚ୍ଚନା କରାଯିବା ସହିତ ଦୀପଦାନ କରାଯାଇଥିବାର ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ଜାଗ ମୟୂରଭ ଜାଗର ତ୍ରୁଷ୍ଟି ସୋନାଲି ପ୍ରିୟଦର୍ଶିନୀ ବେହେରା, ଡଃ ଶଶିଧର ବିଶ୍ୱାଳ, ଅଭିଷେକ ଯାଦବ, ଜାନକୀ ରାୟ, ସନ୍ଧ୍ୟାରାଣି ବେହେରା, ସୁଲତା ଗିରି, ଭାରତୀ ନନ୍ଦ, ଦୁର୍ଗାମଣି ନାଥ, ଶାନ୍ତିଲତା ଭକ୍ତା, ଲକ୍ଷ୍ମୀ ମହାଳିକ, ମାତଙ୍ଗିନି ଚଣ୍ଡ, ଦେବସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ରହି କୋଭିଡ ଯୋଦ୍ଧା ଡାଃ ସୋରେନଙ୍କର ଆଶୁ ଆରୋଗ୍ୟ କାମନା କରିଥିବାର ଜଣାଯାଇଛି ।



# ପୂର୍ବତନ ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ବାଲେଶ୍ୱର,୧।୯ (ନି.ପ୍ର): ଚଳିତ ବର୍ଷ ବନ୍ୟାରେ ବାଲେଶ୍ୱର ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା କ୍ଷୟକ୍ଷତି ଅନୁଧ୍ୟାନ ଓ ବିପନ୍ନଙ୍କୁ ସାହସ ଦେବା ପାଇଁ ସେମାନଙ୍କ ପାଖରେ ପହଞ୍ଚି ଥିଲେ ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ । ସଦର ବ୍ଲକର ବଇଁଚା, ସିନ୍ଧିଆ, ଗୋପିନାଥପୁର, ଓଲାନ୍ଦା ସାରଗାଁ, ପରିଖି, ଶ୍ରୀରାମପୁର ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗାଁରେ ବନ୍ୟା ଯୋଗୁଁ ବହୁ ଚାଷ ଜମି ସହ ଘରଦ୍ୱାର ନଷ୍ଟ ହୋଇଥିବା ସେ ଲକ୍ଷ୍ୟ କରିଛନ୍ତି । ଶ୍ରୀ ଦାଶଙ୍କ ସହ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏହି ସବୁ ପଞ୍ଚାୟତର ବିପନ୍ନଙ୍କୁ ଭେଟି ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ଏମିତିକି ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀମାନଙ୍କ ସହ ଏନେଇ ଆଲୋଚନା କରିବେ ବୋଲି ସେ ଲୋକଙ୍କୁ କହିଥିଲେ । ବନ୍ୟା ଯୋଗୁଁ ବହୁ ରାସ୍ତା ସହ ପୋଲ, ବନ୍ଧ ମଧ୍ୟ ନଷ୍ଟ ହୋଇଯାଇଛି, ତେଣୁ ଏସବୁକୁ ଅବିଳମ୍ବେ ମରାମତି କରାଯିବ ବୋଲି ଶ୍ରୀ ଦାଶ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ବିପନ୍ନଙ୍କ ପାଇଁ ସମସ୍ତ ସରକାରୀ ସାହାଯ୍ୟ ଯେପରି ସଠିକ୍ ଭାବେ ସେମାନଙ୍କ ପାଖରେ ପହଁଚି ପାରିବ ସେ ଉପରେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ସହ ଶ୍ରୀ ଦାଶ ଆଲୋଚନା କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo